RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-9 •BHUBANESWAR •THURSDAY •3 JULY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୯ •ଭୁବନେଶ୍ୱର •ଗୁରୁବାର •୩ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




ତୃତୀୟ ରାଉଣ୍ଡରେ ସାବାଲେଙ୍କା

▶ପୃଷ୍ଠା ୧୧ ଦେଖନ୍ତୁ...

## ଦୁଇ ଦିନ ହେଲା ସମୂହ ଛୁଟିରେ ଓଏଏସ୍ ଅଧିକାରୀ

# ପ୍ରଶାସନ ଅଚଳ

- ପୁଣି ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ
- ମାଷ୍ଟର୍‌ମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବି

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନ ହେଲା ସାରା ରାଜ୍ୟରେ ସୃଷ୍ଟି ହୋଇଛି ପ୍ରଶାସନିକ ଅଚଳାବସ୍ଥା । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ବର୍ବରୋଚିତ ମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର ଏହି ଦାବିକୁ ଅନ୍ୟ ସଂଘଗୁଡ଼ିକ ସମର୍ଥନ ଜଣାଇଛି। ଫଳରେ ଗତକାଲି ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିଥିବାବେଳେ ବୁଧବାର ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଶାସକ ଦଳର ନେତାମାନଙ୍କ ଉତ୍ପାତ ଯୋଗୁଁ ଅସୁରକ୍ଷିତ ମଣୁଥିବା ସରକାରୀ ଅଧିକାରୀମାନେ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି। ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡ଼ିଜି, ଏଜି ପ୍ରମୁଖ ସଂଘ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାର ତାଙ୍କ ପ୍ରତିଶ୍ରୁତି ରଖିବାରେ ବିଫଳ ହେବା ଯୋଗୁଁ ଗତ ୨ ଦିନ ହେଲା ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ▶ପୃଷ୍ଠା-୭

## ଅକଳରେ ସରକାର

■ **ଭୁବନେଶ୍ୱର, ୨।୭ (ସମିସ):** ବିଜେପିର ପରାଜିତ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓରଫ୍ ଜଗାଙ୍କ ପ୍ରସଙ୍ଗକୁ ନେଇ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ସରକାର। ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବେ ନା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବାକୁ ଜଗାଙ୍କୁ ଗିରଫ କରିବେ ତାହା ନିଷ୍ପତ୍ତି ନେଇ ପାରୁନାହାନ୍ତି । ଘଟଣା ଘଟିବାର ୪୮ ଘଣ୍ଟା ବିତି ଯାଇଥିଲେ ହେଁ ଜଗାଙ୍କୁ ଗିରଫ କରାଯାଇ ନାହିଁ। ଆଜି ସନ୍ଧ୍ୟାରେ ଖାରବେଳ ନଗର ଥାନାର ସୁରକ୍ଷା ବୃଦ୍ଧି ଓ ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥଙ୍କ ଉପସ୍ଥିତିକୁ ନେଇ ତାଙ୍କୁ ଗିରଫ କରାଯାଇପାରେ ବା ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଲା। ମାତ୍ର ସେପରି କିଛି ଘଟିଲା ନାହିଁ। ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯାଳୟରେ କବାଟକିଳା ଆଲୋଚନା ପରେ ଉଭୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗଣମାଧ୍ୟମ ସାମ୍ନାରେ ବୟାନ ରଖିଛନ୍ତି। ଜଗନ୍ନାଥ କହିଛନ୍ତି ଯେ ରାଜ୍ୟ ବିଜେପି ସଭାପତି ମୋତେ ଡାକିଥିଲେ; ▶ପୃଷ୍ଠା-୭

**ସରକାର ନେବେ ଜଗନ୍ନାଥଙ୍କ ନିଷ୍ପତ୍ତି: ମନମୋହନ**

## ହସ୍‌ପିଟାଲରେ ରତ୍ନାକର

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନତଳେ ବିଜେପି ନେତା ଓ କର୍ମୀଙ୍କ ମରଣାନ୍ତକ ଆକ୍ରମଣ ପରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟର କାର୍ଯ୍ୟ କରୁଥିବାବେଳେ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଛନ୍ତି। ତୁରନ୍ତ ଅନ୍ୟ କର୍ମଚାରୀମାନେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ବିଜେପି କର୍ମୀ ଓ ନେତାଙ୍କ ନିସ୍ତୁକ ମାଡ଼ ପରେ ତାଙ୍କ ନାମରେ ଅପପ୍ରଚାର ରତ୍ନାକରଙ୍କୁ ବିମର୍ଷ କରିଥିଲା ଓ ସେ ଚାପରେ ରହୁଥିଲେ। ▶ପୃଷ୍ଠା-୭

**ଅଫିସରେ କାର୍ଯ୍ୟ କରୁଥିବାବେଳେ ଗଳିପଡ଼ିଲେ**







**ନାକଚଣା ଦ୍ୱାରରେ ତାଳଧ୍ୱଜ, ଦର୍ପଦଳନ**

## ରୁଷିଛି ଜଗା; ଗଡ଼ିଲାନି ନନ୍ଦିଘୋଷ

■ **ପୁରୀ, ୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥୀରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ▶ପୃଷ୍ଠା-୭

**ଆଜି କାଳିଆ ରଥର ଦକ୍ଷିଣମୋଡ଼**

## ପୋଖରୀରୁ ବୃଦ୍ଧଙ୍କ ଗୋଡ଼ ବନ୍ଧା ଶବ ଉଦ୍ଧାର

■ **ସୁନ୍ଦରଗଡ଼, ୨।୭ (ସମିସ):** ପାଞ୍ଚ ଦିନ ଧରି ନିଖୋଜ ବୃଦ୍ଧଙ୍କ ଶବ ଗୋଡ ବନ୍ଧାଯାଇଥିବା ଅବସ୍ଥାରେ ପୁଲିସ ବୁଧବାର ବାଉରୀମୁଣ୍ଡା ଗାଁ ପୋଖରୀରୁ ଉଦ୍ଧାର କରିଛି। ମୃତ ବୃଦ୍ଧ ଜଣକ ସୁନ୍ଦରଗଡ ସଦରଥାନା ବାଉରୀମୁଣ୍ଡା ଗ୍ରାମର ମାହାତୋ ଓରାମ (୫୯) ବୋଲି ଜଣାପଡ଼ିଛି। ମୃତଦେହ ଉଦ୍ଧାର ପରେ ତାଙ୍କ ଦୁଇ ଗୋଡକୁ ରଶିରେ ବନ୍ଧାଯାଇଥିବା ଓ ତାଙ୍କ ଗୋଡ, ଅଣ୍ଟା ଓ ବେକରେ ପଥର ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଏନେଇ ଏକ ହତ୍ୟା ମାମଲା ▶ପୃଷ୍ଠା-୭

**ହତ୍ୟା ସନ୍ଦେହ**

**ପଡୋଶୀ ପରିବାର ଥାନାରେ ଅଟକ**




TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ପିଏମ୍ - ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା**

ସୌର ବିପ୍ଳବରେ ଅଂଶୀଦାର ହୁଅନ୍ତୁ

- ସରକାରୀ ସବସିଡି
- ବିଦ୍ୟୁତ୍ ବିଲ ହ୍ରାସ
- ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସୋଲାର ପ୍ୟାନେଲ ସ୍ଥାପନାରେ ସରକାରଙ୍କ ଦ୍ୱାରା ସବସିଡି

| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮ ,୦୦୦.୦୦ ଟଙ୍କା |



ଅଧିକ ବିବରଣୀ ପାଇଁ
www.pmsuryaghar.gov.in
କିମ୍ବା ସ୍କାନ କରନ୍ତୁ :

ରାଷ୍ଟ୍ରୀୟ ଗ୍ରାହକ ସେବା: 15555
ଟିପିଏନଓଡ଼ିଏଲ ଗ୍ରାହକ ସେବା: 1800-3456-718 / 1912
*Conditions apply
tpnodl.odisha tpnodl.odisha tpnodl_balasore www.tpnodl.com



ଆଜି ହିଁ ନିଜର ପ୍ରିୟଜନଙ୍କୁ ନାମାଙ୍କିତ କରନ୍ତୁ, ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ



ନାମାଙ୍କନ ସୁନିଶ୍ଚିତ କରେ ଯେ ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କର ପ୍ରିୟଜନମାନେ ବିନା କୌଣସି ସମସ୍ୟାରେ ଆପଣଙ୍କ ଆର୍ଥିକ ସମ୍ପତ୍ତି ପାଇବେ

- ନିଜର ବ୍ୟାଙ୍କ ଖାତା, ଲକର୍ ଏବଂ ଅନ୍ୟାନ୍ୟ ଆର୍ଥିକ ସମ୍ପତ୍ତି ପାଇଁ ଆପଣଙ୍କର ନାମାଙ୍କନ ପଞ୍ଜୀକରଣ କରନ୍ତୁ
- ନାମାଙ୍କନ ବିବରଣୀ ବ୍ୟାଙ୍କ ସାଥିରେ ଯାଞ୍ଚ କରାଯାଇପାରିବ

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ!

ଅଧିକ ଜାଣିବା ପାଇଁ, ଭିଜିଟ କରନ୍ତୁ https://rbikehtahai.rbi.org.in/nf
ଫିଡ୍‌ବ୍ୟାକ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## 'ମାଇସା'ର ପୋଷ୍ଟର୍ ରିଲିଜ୍
# ରକ୍ତମୁଖା ରଶ୍ମିକା





ଅଭିନେତ୍ରୀ ରଶ୍ମିକା ମନ୍ଦାନା ଖୁବ୍‌ଶୀଘ୍ର ରବୀନ୍ଦ୍ର ପୁଲେଙ୍କ ଚଳଚ୍ଚିତ୍ର 'ମାଇସା'ରେ ଦେଖାଯିବେ । ନିକଟରେ ଖୋଦ୍ ରଶ୍ମିକା ସାମାଜିକ ଗଣମାଧ୍ୟମରେ ଏହାର ପୋଷ୍ଟର୍ ସେୟାର୍ କରିଛନ୍ତି । ପୋଷ୍ଟର୍‌ରେ ରଶ୍ମିକା ବେଶ୍ ଉଗ୍ର ରୂପରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଧା ଚେହେରା ଢାଙ୍କି ହୋଇ ରହିବା ସହ ମୁହଁରେ ରକ୍ତ ଛିଟା ଲାଗିଥିବାର ଦେଖାଯାଇଛି । ସେ ଲାଲ୍ ରଙ୍ଗର ଶାଢ଼ି ସହ ଆଦିବାସୀମାନଙ୍କର ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଥିଲେ । ରଶ୍ମିକା ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- ମୁଁ ସବୁବେଳେ ଆପଣଙ୍କୁ କିଛି ନୂଆ...କିଛି ଅଲଗା...କିଛି ରୋମାଞ୍ଚକର ଅନୁଭୂତି ଦେବାକୁ ଚେଷ୍ଟା କରେ । ଏହା ତନ୍ମଧ୍ୟରୁ ଗୋଟିଏ । ଏହା ଏମିତି ଏକ ଚରିତ୍ର ଯାହା ମୁଁ ପୂର୍ବରୁ କେବେ କରି ନ ଥିଲି । ଏହା ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ରଖି ନ ଥିଲି । ଏହା ଭୟଙ୍କର ବହୁତ ଗମ୍ଭୀର ମଧ୍ୟ । ଫିଲ୍ମଟିକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି । ଆମେ କ'ଣ ତିଆରି କରିବାକୁ ଯାଉଛୁ, ଆପଣମାନେ ଦେଖନ୍ତୁ । ଏହା ଆରମ୍ଭ ମାତ୍ର # ମାଇସା ।'


ନିକଟରେ ରଶ୍ମିକାଙ୍କ ଅଭିନୀତ 'କୁବେର' ମୁକ୍ତିଲାଭ କରିଛି । ଏଥିରେ ତାଙ୍କ ବିପକ୍ଷରେ ଧନୁଷ ଦେଖାଯାଇଛନ୍ତି । ସେହିଭଳି ସେ ଆଗାମୀ ଦିନଗୁଡ଼ିକରେ ତେଲୁଗୁ ଫିଲ୍ମ 'ଦ ଗର୍ଲଫ୍ରେଣ୍ଡ' ଓ ସଞ୍ଜୟ ଦତ୍ତ, ଆୟୁଷ୍ମାନ୍ ଖୁରାନାଙ୍କ ସହ 'ଥାମା'ରେ ଦେଖାଯିବେ ।

# ଗୁମ୍ଫାରେ ୪ ବର୍ଷ

ଚୀନ୍‌ର ୩୫ ବର୍ଷୀୟ ମୀନ ହେଙ୍ଗକୋଇ ବିବାହ ଏବଂ ଚାକିରି ଚିନ୍ତାଧାରାକୁ ନିରର୍ଥକ ବୋଲି ମାନନ୍ତି । ତେଣୁ ସେ ସବୁ କିଛି ତ୍ୟାଗ କରି ଚାରି ବର୍ଷ ହେଲାଣି ଗୋଟିଏ ଗୁମ୍ଫାରେ ରହି ଆସୁଛନ୍ତି । ଦକ୍ଷିଣ-ପଶ୍ଚିମ ଚୀନ୍‌ର ସିଚୁଆନ ଇଲାକାର ଏକ ଗୁମ୍ଫାରେ ସେ ରହୁଛନ୍ତି । ମୀନ ଏହି ଗୁମ୍ଫାର ନାଁ ରଖିଛନ୍ତି 'ବ୍ଲାକ୍‌ହୋଲ୍' । ୨୦୨୧ ମସିହାରେ ସେ ଡ୍ରାଇଭର ଚାକିରି ଛାଡ଼ିଲେ । ଏ ଲାଗି ତାଙ୍କୁ ୧୪୦୦ ଡଲାର ଦରମା ମିଳୁଥିଲା । ତେବେ ସେ ସହରର ବ୍ୟସ୍ତତାପୂର୍ଣ୍ଣ ଜୀବନରୁ ବାହାରି ନିଜ ଗାଁକୁ ଆସିଲେ । ଏଠାରେ ଗୋଟିଏ ଗୁମ୍ଫାରେ ରହିଲେ । ଚାକିରି ତାଙ୍କୁ ନିରର୍ଥକ ମନେ ହୁଏ । ଏହାପୂର୍ବରୁ ସେ ସମ୍ପର୍କୀୟଙ୍କ ଠାରୁ ଧାର ସୂତ୍ରରେ ଆଣିଥିବା ଟଙ୍କାକୁ ଶୁଝିବା ଲାଗି ଦିନକୁ ୧୦ ଘଣ୍ଟା କାମ କରୁଥିଲେ । ଏବେ ବି ଋଣ ବାବଦକୁ ତାଙ୍କର ୪୨ ହଜାର ଡଲାର ବାକି ଅଛି । ଋଣ ଶୁଝିବା ଆଶା ଏବେ ସେ ଛାଡ଼ି ଦେଇଛନ୍ତି । ସେ କହନ୍ତି, ତାଙ୍କ ସମ୍ପର୍କୀୟମାନେ ତାଙ୍କ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି । ନଚେତ୍ ସେ ଏହା ମାଧ୍ୟମରେ ଋଣ ଟଙ୍କା ସୁଝି ଦେଇଥାନ୍ତେ । ସେହିପରି ୫୦ ବର୍ଗ ମିଟର ସ୍ଥାନରେ ସେ ନିଜର ଗୁମ୍ଫା ତିଆରି କରିଛନ୍ତି । ଏ ଲାଗି ୬ ହଜାର ଡଲାର ଖର୍ଚ୍ଚ କରିଛନ୍ତି । ସେ ସବୁଦିନ ସକାଳ ୮ ଟାରେ ଉଠନ୍ତି । ଦିନ ତମାମ ପଢ଼ାପଢ଼ି, ବୁଲାବୁଲି ଏବଂ କ୍ଷେତରେ କାମ କରିବାରେ ସେ ସମୟ ଅତିବାହିତ କରନ୍ତି । ସେ ରାତି ୧୦ଟା ସୁଦ୍ଧା ଶୋଇଯାନ୍ତି । ମୀନ ମୁଖ୍ୟତଃ ନିଜେ ଚାଷ କରୁଥିବା ପନିପରିବା ଖାଆନ୍ତି । ଅତି ଆବଶ୍ୟକ ପଡ଼ିଲେ ସେ ଟଙ୍କା ଖର୍ଚ୍ଚ କରୁଥିବା କହନ୍ତି । ସହରରେ କାମ କରିବା ବେଳେ ସେ ଏଭଳି ବଞ୍ଚିବା ପାଇଁ ସ୍ୱପ୍ନ ଦେଖିଥିଲେ । ତେବେ ସେ ବିବାହ କରିବାକୁ ମନା କରିଛନ୍ତି । କାରଣ ଏହାଦ୍ୱାରା ଅଯଥା ସମୟ ଓ ଟଙ୍କା ନଷ୍ଟ ହେଉଥିବା ସେ କୁହନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି କଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖୁଛନ୍ତି ।



# ନଖରେ ହେଉଛି ପେମେଣ୍ଟ!



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଥିରେ ଦେଖିବାକୁ ମିଳିଛି ଯେ, ଜଣେ ମହିଳା ନଖରେ ଲାଗିଥିବା କୌଣସି ଚିପ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏହାକୁ ଦେଖି କାର୍ଡ ଏବଂ ମୋବାଇଲର ଆବଶ୍ୟକତା ଶେଷ ହୋଇଥିବା ଲୋକେ ପ୍ରଶ୍ନ କରିଛନ୍ତି । ତେବେ ମହିଳା ଜଣକ ଯେଉଁ ଚିପ୍‌କୁ ନଖରେ ଲଗାଇଛନ୍ତି, ତାହା ଦେଖିବାକୁ ଏକ କ୍ଷୁଦ୍ରାକାର ଇଲେକଟ୍ରୋନିକ୍ ଡିଭାଇସ୍ । ଦେଖିବାକୁ ଯଦିଓ ଏହା ହାଇଟେକ୍ ଲାଗୁଛି, ସତରେ ଏହା କାମ କରୁଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ କୌଣସି ଚିପ୍ ମେସିନ୍ କିମ୍ବା ଡିଭାଇସ୍ ସଂସ୍ପର୍ଶରେ ଆସିଲେ ହିଁ କାମ କରିଥାଏ । ଆଜିକାଲି ସ୍ମାର୍ଟ କାର୍ଡ ଏବଂ ମୋବାଇଲ ପେମେଣ୍ଟରେ ଏନ୍‌ଏଫ୍‌ସି (ନିୟର୍ ଫିଲ୍ଡ କମ୍ୟୁନିକେସନ) ଟେକ୍ନିକ୍‌ର ବ୍ୟବହାର ହେଉଛି । ଏହା ହେଉଛି ଏକ ୱେୟାର୍‌ଲେସ୍ ଟେକ୍ନିକ୍ । ଯାହାକି ଦୁଇଟି ଡିଭାଇସ୍‌କୁ ନିକଟତର କରି ଡାଟା ସେୟାର୍ କରିବା ସୁବିଧା ପ୍ରଦାନ କରେ । କୁହାଯାଉଛି ଯଦି ଏହି ଚିପ୍‌ରେ ଏନ୍‌ଏଫ୍‌ସି ଫିଚର ଥାଏ ଏବଂ ସକ୍ରିୟ ସ୍ଥିତିରେ ଥିବ, ତେବେ ସୀମିତ ପରିସର ମଧ୍ୟରେ ପେମେଣ୍ଟ ସମ୍ଭବ ହୋଇପାରିବ । ହେଲେ ଏହି ଭିଡିଓଟିକୁ ଧ୍ୟାନରେ ଦେଖିଲେ, ଚିପ୍‌ରେ କୌଣସି ଆକ୍ରିଲିକ୍ କୋଟିଂ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଏଥିରେ କୋଟିଂ ଥିଲେ, ଏହା ସହଜରେ କୌଣସି ସ୍କାନର କିମ୍ବା ଏନ୍‌ଏଫ୍‌ସି ରିଡର ସଂସ୍ପର୍ଶରେ ଆସିପାରିବ ନାହିଁ । ଏହାବାଦ୍ ପେମେଣ୍ଟ ବି ବାରକୋଡ୍ ସ୍କାନର ମାଧ୍ୟମରେ ହେଉଛି । ଏଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ମହିଳା ଜଣକ ନଖରେ ନୁହେଁ, ବରଂ କୌଣସି କ୍ୟୁଆର୍ କୋଡ୍ କିମ୍ବା ଆପ୍ ଦ୍ୱାରା ପେମେଣ୍ଟ କରିଛନ୍ତି ।

## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮- ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮- ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮- ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।
- ୨୦୧୨- ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ ।


# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ

ପ୍ରତିବର୍ଷ ଜୁଲାଇ ୩ ତାରିଖକୁ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ଏହାର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ । ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ନଷ୍ଟ ହେବାକୁ ୧୦୦ରୁ ୫୦୦ ବର୍ଷ ସମୟ ଲାଗିଥାଏ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ଉପରେ କଟକଣା ଲଗାଯିବା ସହ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରାଯିବା ଜରୁରି ହୋଇପଡ଼ିଛି । ପ୍ରଥମ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ୩ ଜୁଲାଇ, ୨୦୦୮ ରେ ପାଳନ କରାଯାଇଥିଲା । ଏହାକୁ ଜିରୋ ୱେଷ୍ଟ ୟୁରୋପର ସଦସ୍ୟ ରେଜୋରା ଆରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏହି ଦିବସର ଆରମ୍ଭ କରାଯାଇଥିଲା । ଅଧିକାଂଶ ପ୍ଲାଷ୍ଟିକ୍ ବ୍ୟାଗ୍ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ । ଯାହାକି ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପ୍ଲାଷ୍ଟିକ୍ କାରଣରୁ ହେଉଥିବା ପ୍ରଦୂଷଣ ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ଅଧିକ ପରିମାଣରେ ଦାୟୀ । ଏହା ଆମ ପରିବେଶକୁ ଅନେକ ଉପାୟରେ କ୍ଷତି କରୁଛି । ଏହା ବ୍ୟତୀତ, ଏହା ସମୁଦ୍ରରେ ବାସ କରୁଥିବା ଜୀବମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ, ଏହି ଦିନର ମହତ୍ତ୍ୱ ବୁଝିବା ଜରୁରୀ । ଏହି ଦିନ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା, କାଗଜ, ଝୋଟରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଏ ।




# ଜଳ ସଞ୍ଚୟର ଅଜବ ଉପାୟ

ସାମାଜିକ ଗଣମାଧ୍ୟମରେ ଜଣେ ମହିଳା ଘରେ ଜଳ ସଞ୍ଚୟର ଏକ ଭିଡିଓ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମହିଳାଙ୍କ ପୂରା ପରିବାର ସପ୍ତାହେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଥିବା ପାଣିରେ ହାତ ଧୁଅନ୍ତି । ମହିଳାଙ୍କ ମତରେ ପାଣିରେ ସାବୁନ କଣିକା ଥିଲେ ଏବଂ ଏହା ଘନ ହୋଇ ନ ଥିଲେ , ସେହି ପାଣିକୁ ବାରମ୍ବାର ବ୍ୟବହାର କରାଯାଇପାରିବ । ଏହି ପରିବାର ଗୋଟିଏ ବେସିନ୍‌ରେ ପାଣି ରଖନ୍ତି । ଏହି ପାଣିରେ ପରିବାରର ସମସ୍ତ ସଦସ୍ୟ ଓ ଅତିଥି ହାତ ଧୋଇଥାନ୍ତି । ତେବେ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ନ ହେବା ପର୍ଯ୍ୟନ୍ତ ଏହାକୁ ବଦଳା ଯାଇ ନ ଥାଏ । ଉକ୍ତ ପରିବାରର କହିବା କଥା ପ୍ରତିଥର ଭଲ ପାଣିରେ ହାତ ଧୋଇବା ହେଉଛି ଅନାବଶ୍ୟକ ଖର୍ଚ୍ଚ । ତାଙ୍କ ମତରେ ସାବୁନ ଯୁକ୍ତ ପାଣିରେ ଜୀବାଣୁ ମାରିବା କ୍ଷମତା ଅଛି । ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଜଳ ସଞ୍ଚୟ ହୋଇଥାଏ । ସେହିପରି ଏହା ଯୋଗୁଁ ତାଙ୍କ ପାଣି ବିଲ୍ କମ୍ ଆସିଥାଏ । ଏହି ବେସିନ୍‌କୁ ସେମାନେ ରୋଷେଇ ଘରେ ରଖିଛନ୍ତି । ଏଥିରେ ସମସ୍ତ ଲୋକ ହାତ ଧୁଅନ୍ତି । ଏହା ପରିବେଶ ପାଇଁ ଲାଭଦାୟକ ହୋଇଥାଏ ବୋଲି ପରିବାରର ସଦସ୍ୟମାନେ କୁହନ୍ତି । ତେବେ ଲୋକେ ସମ୍ପୃକ୍ତ ପରିବାରର ଏହି ଅଭ୍ୟାସକୁ ଅପରିଷ୍କାର ବୋଲି କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଉପାୟକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସପ୍ତାହେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବାକୁ ଜଳକୁ ବ୍ୟବହାର କରିବା ଦ୍ୱାରା



ଏଥିରୁ ଜୀବାଣୁ ଏବଂ କବକ ସଂକ୍ରମଣ ହୋଇପାରେ । ସାବୁନ କଣିକା ଜୀବାଣୁକୁ ନଷ୍ଟ କରିଲେ ବି ବାରମ୍ବାର ଏହାକୁ ବ୍ୟବହାର କରାଯାଉଥିବାରୁ ଏହା ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଧୋଇବା ପାଇଁ ସବୁବେଳେ ପରିଷ୍କାର ପାଣିର ବ୍ୟବହାର କରିବା ଉଚିତ ।

# ଘାତକ ପାଲଟିଲା ପ୍ରସାଧନ ସାମଗ୍ରୀ



କେହି କେବେ ଲିପ୍‌ଷ୍ଟିକ୍, ବ୍ଲଶର୍ ଭଳି ପ୍ରସାଧନ ସାମଗ୍ରୀ ଖାଉ ନ ଥିବେ । ହେଲେ ତାଇୱାନର ଜଣେ ୨୪ ବର୍ଷୀୟା ଇନଫ୍ଲୁଏନସର୍ ଏସବୁ ଖାଇବା ଲାଗି ଚର୍ଚ୍ଚିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ ଗୁଆବା ବିୟୁଟି ନାଁରେ ପରିଚିତ ଥିଲେ । ସେ ତାଙ୍କ ସୌନ୍ଦର୍ଯ୍ୟ, ମଧୁର ସ୍ୱର, ଏବଂ କସମେଟିକ୍ ଜିନିଷ ଖାଇବା ପାଇଁ ବେଶ୍ ଚର୍ଚ୍ଚିତ ଥିଲେ । ହେଲେ ଏହି ସଉକ ତାଙ୍କ ପାଇଁ ଏବେ କାଳ ପାଲଟିଛି । ଅଚାନକ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପ୍ରଶଂସକ ସମ୍ପୃକ୍ତ ଇନଫ୍ଲୁଏନସର୍‌ଙ୍କ ମୃତ୍ୟୁର କାରଣ କିଭଳି ହେଲା ଜାଣିବାକୁ ଚାହିଁଛନ୍ତି । କୌଣସି ବିଷାକ୍ତ କସ୍‌ମେଟିକ୍ ଜିନିଷ ଖାଇ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଉଛି । ସେହିଭଳି ଆଉ କିଛି ଜଣ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛନ୍ତି । ସେ ତାଙ୍କର ପ୍ରତ୍ୟେକ ଭିଡିଓରେ ଲିପଷ୍ଟିକ୍, ବ୍ଲଶର୍, ଫେସ୍ ମାସ୍କ ଏବଂ କଟନ୍ ପ୍ୟାଡ୍ ଭଳି ସୌନ୍ଦର୍ଯ୍ୟ ଉତ୍ପାଦକୁ ଖାଇବା ସହ ଏହାର ସ୍ୱାଦ କିପରି ଲାଗୁଛି ସେସମ୍ପର୍କରେ ତାଙ୍କର ଅନୁଗାମୀମାନଙ୍କୁ କହୁଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣା

# ଅପରାଜିତା-ଜଗନ୍ନାଥ ମୁହାଁମୁହିଁ




■ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅପରାଜିତା
■ ଟିଆର୍‌ପି ବଢ଼ାଇବାକୁ ସାଂସଦଙ୍କ ଉଦ୍ୟମ: ଜଗା

ଭୁବନେଶ୍ୱର,୨।୭(ସମିସ): ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ କାର୍ଯ୍ୟକର୍ତ୍ତାମାନେ ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ପ୍ରସଙ୍ଗ ସାରା ଦେଶରେ ଚହଳ ସୃଷ୍ଟି କରିଛି। ଏହି ଘଟଣାକୁ ଚାରିଆଡୁ ନିନ୍ଦା କରାଯାଉଥିବା ବେଳେ ବିଜେପିରେ ମଧ୍ୟ ଏଭଳି କାଣ୍ଡକୁ ନେଇ ପରୋକ୍ଷରେ ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ ହେବାରେ ଲାଗିଛି। ଏହି ଘଟଣାରେ ଜଗନ୍ନାଥଙ୍କୁ ରାଜ୍ୟ ଓଏଏସ୍ ସଂଘ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଉଛି। ପାରିପାର୍ଶ୍ୱର୍କ ସ୍ଥିତି ମଧ୍ୟ ଜଗନ୍ନାଥଙ୍କ ବିରୋଧରେ ଯାଉଛି। ଏଭଳି ସ୍ଥିତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଘଟଣା ସମ୍ପର୍କରେ ଦଳର ଜାତୀୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଅପରାଜିତା ଏହି ଘଟଣାର ତୀବ୍ର ବିରୋଧ କରିବା ସହ ଏଥିରେ ଜଡ଼ିତ ଦୁର୍ବୃତ୍ତମାନଙ୍କ ଉପରେ ଦଳୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଉଲ୍ଲେଖ କରି ଅପରାଜିତା ପୋଷ୍ଟ କରିଛନ୍ତି ଯେ, ଭୁବନେଶ୍ୱରରେ ଘଟିଥିବା ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ କାର୍ଯ୍ୟ। ଭାରତୀୟ ଜନତା ପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଏବଂ ବିଚାରଧାରା ସହ କୌଣସି ରୂପେ ସଂଶ୍ଳିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ। ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତ୍ୟାନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟ ନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ ବୋଲି ଅପରାଜିତା ଦର୍ଶାଇଛନ୍ତି। ବଡ଼ କଥା ହେଉଛି ଯେ ଅପରାଜିତା ନିଜର ଏହି ସାମାଜିକ ଗଣମାଧ୍ୟମ ପୋଷ୍ଟଟିକୁ ରାଜ୍ୟର କୌଣସି ନେତାଙ୍କୁ ଟ୍ୟାଗ୍ କରି ନ ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରିଛନ୍ତି। କେବଳ ସେତିକି ଅପରାଜିତା ଏହି ପ୍ରସଙ୍ଗରେ ଖବର ସରବରାହ ସଂସ୍ଥାକୁ ମଧ୍ୟ ପ୍ରତିକ୍ରିୟା ଦେଇ ଏଭଳି ଘଟଣା ବିରୋଧରେ ବର୍ଷିଛନ୍ତି। ଅପରାଜିତା କହିଛନ୍ତି ସେ ସେ ତାଙ୍କର ଦୀର୍ଘ ବର୍ଷର ପ୍ରଶାସନିକ କାର୍ଯ୍ୟ ଅବଧି ମଧ୍ୟରେ ଏଭଳି ଘଟଣା ଦେଖି ନ ଥିବା ବେଳେ ତାଙ୍କର ୬ ବର୍ଷର ରାଜନୈତିକ କ୍ୟାରିୟରରେ ମଧ୍ୟ ଏମିତି ଘଟଣା ଦେଖି ନ ଥିବା କହିଛନ୍ତି। ତେବେ ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅପରାଜିତା ଆଶା ପ୍ରକଟ କରିଛନ୍ତି। ଏହାସହିତ ରାଜ୍ୟରେ କିପରି ଆଗକୁ ଏପରି ଅପ୍ରିତିକର ଘଟଣା ନ ଘଟିବ ତାହା କାମାନା କରିଛନ୍ତି। ଓଡ଼ିଶା ଏକ ଶାନ୍ତି ପ୍ରିୟ ରାଜ୍ୟ। ଏଠାରେ ଏମିତି ଘଟଣା ଘଟିଲେ ସମସ୍ତେ ମର୍ମାହତ ହୋଇଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ସାଂସଦ ଅପରାଜିତାଙ୍କ ଏଭଳି ପ୍ରତିକ୍ରିୟାକୁ ନେଇ ଜଗନ୍ନାଥ ପ୍ରଧାନ ମଧ୍ୟ ତାଙ୍କୁ ପ୍ରତିଆକ୍ରମଣ କରିବାକୁ ଚେଷ୍ଟା କରିଛନ୍ତି। ଗଣମାଧ୍ୟମ ଆଗରେ ଜଗନ୍ନାଥ କହିଛନ୍ତି ସାଂସଦ ଅପରାଜିତା ଟିଆରପି ଓ ମିଡିଆରେ ରହିବା ପାଇଁ ବିଭିନ୍ନ କଥା କହିଛନ୍ତି। କିପରି ତାଙ୍କ କଥା ଆଗ ଦେଖାଯିବ ସେ ନେଇ ସେ ଉଦ୍ୟମ କରନ୍ତି। ତାଙ୍କର ଏଭଳି ପୋଷ୍ଟ ଦ୍ୱାରା ବିରୋଧୀ ଦଳଙ୍କୁ ସୁହାଇଲା ଭଳି କାମ ହୋଇଛି। ତାଙ୍କର ଏମିତି ଆଚରଣ ଦ୍ୱାରା ସମସ୍ତେ ଆଚମ୍ବିତ ହୋଇଛନ୍ତି।

# ବିଜେପି ନେତାଙ୍କୁ ବଟି ନ ଦେବାରୁ ରାସ୍ତା କାମ ବନ୍ଦ

■ ଆଗେଇପାରୁନି ୨୦ ନଂ ଜାତୀୟ ରାଜପଥ କାମ
■ ସଦର ଥାନାରେ ଏତଲା ପରେ ମାମଲା ହୋଇନି



ଯାଜପୁର ଟାଉନ,୨।୭(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ତୃଣମୂଳ ସ୍ତରରେ ବିଜେପି ନେତା ଓ କର୍ମୀଙ୍କ କାରନାମା ବଢ଼ି ବଢ଼ି ଚାଲିଛି। ସରକାରୀ ଅଫିସରେ ଅବାଧ ପ୍ରବେଶ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ଭୟଭୀତ କରି ବେଆଇନ କାମ ଆଦାୟ କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ନେତାମାନଙ୍କ ନାଁରେ ବିଭିନ୍ନ କାର୍ଯ୍ୟକ୍ରମ ବାହାନା କରି ବଟି ମାଗୁଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାରି ଭିତରେ ଯାଜପୁର ସଦର ଥାନାରେ ବିଜେପି ଜିଲ୍ଲା ସଂପାଦକ ସୁରଜଲାଲ ସାମଲଙ୍କ ବିରୋଧରେ ଠିକାଦାରଙ୍କୁ ବଟି ମାଗିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଯାଜପୁର ଜିଲ୍ଲା ବିଜେପି ସମ୍ପାଦକ ସୁରଜଲାଲ୍ ୨୦ ନଂ. ଜାତୀୟ ରାଜପଥ କାମ କରୁଥିବା ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ଠାରୁ କାମ ନେଇଥିବା ପେଟି ଠିକା ସଂସ୍ଥା ସିଦ୍ଧାର୍ଥ କନ୍‌ଷ୍ଟ୍ରକସନ୍ସ କମ୍ପାନୀକୁ ବଟି ମାଗିଥିବା ଅଭିଯୋଗ ହୋଇଛି। ବଟି ନ ଦେବା ଫଳରେ କାମକୁ ଅଟକାଇ ଦେଇଛନ୍ତି ଏବଂ ରାସ୍ତାର ଉଭୟ କଡ଼ରେ ଶହ ଶହ ଗାଡ଼ି ଅଟକି ରହିଛି। ଫଳରେ ଜାତୀୟ ରାଜପଥ କାମ ଠପ୍ ହୋଇଯାଇଥିବା ଜଣାପଡିଛି। ଗାଡ଼ି ଗୁଡିକ ୮ ଦିନ ଧରି ଅଟକିବା ଫଳରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ଆର୍ôଥକ ବୋଝ ସହିଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ରାସ୍ତାର ଉଭୟ କଡ଼ରେ ଗାଡ଼ି ଗୁଡିକ ଠିଆ ହେବାରୁ ରାସ୍ତାରେ ଯାତାୟତ ବନ୍ଦ ହୋଇପଡିଛି। କିନ୍ତୁ ଏନେଇ ଠିକା ସଂସ୍ଥା ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଶାସକ ଦଳର ଚାପ ଯୋଗୁଁ ପୁଲିସ ଏଭଳି ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସଂପର୍କରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗ ହୋଇଥିବା ନେଇ ସେ ସ୍ୱୀକାର କରିଛନ୍ତି। ଆମେ ଏହା ଉପରେ ତଦନ୍ତ କରୁଛୁ। ୭ ଦିନ ଭିତରେ ଆମେ ଏତଲାକୁ ରେଜିଷ୍ଟ୍ରେସନ କରିବୁ। ଲୋଡ୍ ଗାଡ଼ି ଅନଲୋଡ୍ ନ ହୋଇ ୮ ଦିନ ହେଲା ରାସ୍ତା ଉପରେ ଠିଆ ହୋଇଛି। ସେପଟେ ସିଦ୍ଧାର୍ଥ କନଷ୍ଟ୍ରକ୍ସନ ମାଲିକ ଦାଶରଥି ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଭୟଭୀତ ଅବସ୍ଥାରେ କହିଥିଲେ ପ୍ରାୟ ୧୫୦ଗାଡ଼ିକୁ ଅଟକାଇଛନ୍ତି। ମୋଟା ଆକାର ଚାନ୍ଦା ନ ଦେଲେ କାମ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଇଛି। ଅନ୍ୟ ଉପାୟ ନ ପାଇ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି। ଏତଲା ପରେ ଜିଲ୍ଲା ସମ୍ପାଦକଙ୍କ ସମର୍ଥକ କନଷ୍ଟ୍ରକ୍‌ସନ୍ସ କମ୍ପାନୀ ସହିତ ଭିତିରି ବୁଝାମଣା କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଏପଟେ ରାସ୍ତା ଉପରେ ଗାଡ଼ିଗୁଡିକ ଠିଆ ହୋଇଥିବାରୁ ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ମୋଟା ଅଙ୍କର ବଟି ମାଗିବା ପଛରେ ଜଣେ ବଡ଼ ନେତା ଏବଂ ତାଙ୍କ ଗ୍ୟାଙ୍ଗର ସଂପୂର୍ଣ୍ଣ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ନ କରିବାକୁ ଏହି ବିଜେପି କୋଟେରୀ ଲାଗିପଡିଥିବା ଜଣାପଡିଛି।

## ଲଘୁଚାପ ସକ୍ରିୟ

# ୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ବର୍ତ୍ତମାନ ଦକ୍ଷିଣ ଛତିଶଗଡ଼ ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଅବସ୍ଥାରେ ରହିଛି। ଏହା ବର୍ତ୍ତମାନ ଦକ୍ଷିଣ ଆଡ଼କୁ ଦିଗ ପରିବର୍ତ୍ତନ କରୁଛି। ଏଭଳି ସ୍ଥିତିରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ସ୍ଥିତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ୩ ଓ ୪ ତାରିଖ ବର୍ଷାର ପରିମାଣ ସାମାନ୍ୟ କମିବ, ମାତ୍ର ୫ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୪ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ବର୍ଷାର ପ୍ରଭାବ ବଢ଼ିପାରେ। ଆସନ୍ତକାଲି ସୋନପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାରୁ ଜଣାପଡ଼ିଛି।

## ୪ ମାସରେ ୫ ଲକ୍ଷ ଜମାକାରୀଙ୍କୁ ଚିଟ୍‌ଫଣ୍ଡ ଜମା ଟଙ୍କା ଫେରସ୍ତ

ଭୁବନେଶ୍ୱର,୨।୭(ସମିସ): ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯିବ। ବୁଧବାର ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି ବୋଲି ସୂଚନା ମିଳିଛି।

## ତେଲଙ୍ଗାନା ବିସ୍ଫୋରଣ

# ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ ୪ ଗୁରୁତର ମେଡିକାଲରେ ଭର୍ତ୍ତି
■ ଆହତ ଓଡ଼ିଆଙ୍କୁ ଚିକିତ୍ସାଳୟରେ ଭେଟିଲେ ଓଡ଼ିଶା ଅଧିକାରୀ



ଭୁବନେଶ୍ୱର,୨।୭(ସମିସ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ଯେଉଁ ୪୨ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ। ସେମାନେ ହେଲେ ଗଞ୍ଜାମର ଜଗନ ମୋହନ, ତିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ସିମୁଳିଆର ମନୋଜ ରାଉତ ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ। ଏଥିରେ ଗୁରୁତର ଆହତ ହୋଇ ଡକ୍ତରଖାନାରେ ଚିକିତ୍ସାଧୀନ ଥିବା ଓଡ଼ିଆ ଶ୍ରମିକ ହେଲେ ଗଞ୍ଜାମର ସମିଳ ପାଢୀ, ଭଦ୍ରକର ଚନ୍ଦନ ନାଏକ, ପବରଙ୍ଗପୁରର ନୀଳାମ୍ବର ଭଦ୍ର ଏବଂ ଚିତ୍ରସେନ୍ ବତ୍ର। ତେବେ ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ବିସ୍ଫୋରଣ ଘଟଣାରେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡ଼ିଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇ ଜଣ ଅଧିକାରୀ ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି। ଡ. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିବା ପରେ ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନ ସହିତ ଅଲୋଚନା କରୁଛନ୍ତି। ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ମୃତକଙ୍କ ମଧ୍ୟରେ ସିମୁଳିଆର ମନୋଜ ରାଉତ



ସିମୁଳିଆ, ୨।୭ (ସମିସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଗତ ୩୦ ତାରିଖରେ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ବହୁ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ। ୨୦୦୧ ମସିହା ଠାରୁ ମନୋଜ ଉକ୍ତ ରାସାୟନିକ ଫ୍ୟାକ୍ଟ୍ରିରେ କ୍ୱାଲିଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବାବେଳେ ଫ୍ୟାକ୍ଟ୍ରିର ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ ଫ୍ୟାକ୍ଟ୍ରିରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନୋଜଙ୍କ ଶବ ଚିହ୍ନଟ କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି। ମନୋଜଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ପରିବାରକୁ ରାଜ୍ୟ ସରକାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# କୋଦାଳରେ ହାଣି ବୃଦ୍ଧାଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିରେ ବୁଧବାର ସକାଳୁ ବିଧବା ବୃଦ୍ଧା ତୁଳସୀ ମାଝୀ (୫୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏକ କୋଦାଳରେ ମାରି ତଳେ ପକାଇବା ପରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଫୁଲପାହାଡ଼ି ବଡ଼ସାହିର ଦେବଦତ୍ତ ନାଏକ ଓରଫ ଗେଡୁ (୪୫ ବର୍ଷ)କୁ ଗିରଫ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ ସହାୟତାରେ ପାଟଣା ପୁଲିସ ଘଟଣାସ୍ଥଳରେ ଅନୁଧାନ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସୂଚନା ଅନୁସାରେ, ଉକ୍ତ ଗ୍ରାମର ବାରିଆଳ ମାଝୀ ସକାଳୁ ବିଲ କାମ କରିବାକୁ ଲଙ୍ଗଳ କୋଦାଳ ଧରି ଯାଉଥିବା ସମୟରେ ଦେବଦତ୍ତ କୋଦାଳ ଛଡ଼ାଇ ନେଇ ପ୍ରଥମେ ବାରିଆଳକୁ ଆକ୍ରମଣ କରିଥିଲା। ବାରିଆଳଙ୍କ ବାମ ହାତରେ ଗଭୀର କ୍ଷତ ହୋଇଛି। ପରେ ସେ ଘର ସମ୍ମୁଖରେ ଛିଡା ହୋଇଥିବା ତୁଳସୀଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରିଦେଇଥିଲା। ପୁଣି ଏକ ପଥର ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଅଭିଯୁକ୍ତ ଦେବଦତ୍ତକୁ ହେପାଜତକୁ ନିଆଯାଇଛି। ୬ ବର୍ଷ ପୂର୍ବରୁ ମୃତ ବୃଦ୍ଧାଙ୍କ ସ୍ୱାମୀ କାଦେ ମାଝୀଙ୍କୁ ବଳଦ କିଣାବିକାକୁ ନେଇ ଗ୍ରାମବାସୀ ପିଟି ପିଟି ହତ୍ୟା କରିଥିଲେ।

■ ରଥଯାତ୍ରା ଦଳାଚକଟାର ପ୍ରଶାସନିକ ତଦନ୍ତ

## ଉନ୍ନୟନ କମିଶନଙ୍କୁ ସହଯୋଗ କରିବ ୪ ଜଣିଆ କମିଟି

ଭୁବନେଶ୍ୱର,୨।୭(ସମିସ): ରଥଯାତ୍ରା ଦଳାଚକଟା ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧୀନରେ ଆରମ୍ଭ ହୋଇଥିବା ପ୍ରଶାସନିକ ତଦନ୍ତକୁ ଆଉ ଏକ କମିଟି ସହଯୋଗ କରିବ। ଏଥିପାଇଁ ରାଜ୍ୟ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଓଏଏସ ମାନସ ରଞ୍ଜନ ସାମଲ, ବିନୟ ଦାଶ, ରଶ୍ମୀ ରଞ୍ଜନ ନାୟକ ଓ ପ୍ରଦୀପ ସାହୁ ଏହି କମିଟିର ସଦସ୍ୟ ରହିଛନ୍ତି। ବୁଧବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର

# ନିଜଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆରସି

**ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ**

ଭୁବନେଶ୍ୱର,୨।୭(ସମିସ): ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି କମିଶନ ୨ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି।

ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ୍ୟ କରାଯାଇଥିଲା। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ସେମାନଙ୍କୁ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା। କମିଶନଙ୍କ ଏହାକୁ ମାନବାଧିକାର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ମୁଖ୍ୟ ସଚିବ ଓ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ସହ ଅପରାଧୀଙ୍କ ବିରୋଧରେ ଗ୍ରହଣ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।


■ ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା

## ରାଜ୍ୟ ମୁଖ୍ୟ ସଚିବଙ୍କୁ ଜବାବ ତଲବ

କଟକ, ୨।୭(ସମିସ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ଜଣେ ମହିଳା ଆଇଏଏସ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଘଟଣାକୁ ନେଇ ଦାୟର ଅଭିଯୋଗକୁ ଜାତୀୟ ମାନବାଧିକାର କମିସନ(ଏନଏଚଆରସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଆବେଦନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ଏନଏଚଆରସି। ଆସନ୍ତା ୧୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ ଯେ ଗତ ଜୁନ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଦାସଙ୍କୁ ଜଣେ ମହିଳା ଆଇଏଏସ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୁଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ସଂରକ୍ଷଣ ସହ ନିରପେକ୍ଷ ତଦନ୍ତ ସହ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରି ଶ୍ରୀ ନନ୍ଦ ଏନଏଚଆରସିରେ ମାମଲା ରୁଜୁ କରିଥିଲେ।

# ରେଳଧାରଣାରେ ଖସିଲା ମାଟି ଅତଡ଼ା

■ କୋରାପୁଟ-ଜଗଦଲପୁର ରେଳ ଚଳାଚଳ ପ୍ରଭାବିତ
■ ହୀରାଖଣ୍ଡ ଓ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ



କୋରାପୁଟ,୨।୭(ସମିସ): କୋରାପୁଟ-ଜୟପୁର ମଧ୍ୟରେ ଥିବା ଜର୍ଟି ରେଳ ଷ୍ଟେସନ ନିକଟରେ ମାଟି ଅତଡ଼ା ଖସି କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ଅପରାହ୍ନ ଚାରିଟା ସମୟରେ ଅଚାନକ ମାଟି ଅତଡ଼ା ଖସି ରେଳ ଲାଇନ୍ ଅବରୋଧ ହୋଇଥିଲା। ଫଳରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରୋଣ୍ଡୁଲ୍ ବିଶାଖାପାଟଣା ନାଇଟ ଏକ୍ସପ୍ରେସ ଟ୍ରେନକୁ ବାତିଲ କରା ଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ଗୁରୁବାର ସକାଳେ କୋରାପୁଟ ଠାରୁ ଫେରିବ ବୋଲି ସୂଚନା ମିଳିଛି। କୋରାପୁଟ ଠାରୁ ବିଭାଗୀୟ ବୈଷୟିକ ଓ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେଳ ଲାଇନରୁ ମାଟି ହଟାଇବା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୦୬୩ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

## ନୀଳଗିରି ହାତୀ ହତ୍ୟା ଓ ଦାନ୍ତ ଲୁଟ୍

# ବିଧାୟକଙ୍କ ଫାର୍ମ ହାଉସରୁ ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## ବିଧାୟକ ଖଟୁଆଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି




ଭୁବନେଶ୍ୱର,୨।୭(ସମିସ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେଡି। ଗତ ଜୁନ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଘଟିଥିବା ଏକ ଦନ୍ତା ହାତୀର ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣାରେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ପାଞ୍ଚଜଣଙ୍କୁ ଗିରଫ ଘଟଣାରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି। ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଗିରଫ ହୋଇଥିବା ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତ ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରେ ଲୁଚି ରହିଥିବା ଅବସ୍ଥାରେ ଗିରଫ ହୋଇଥିଲେ। ଯେଉଁଥିରେ ବିଧାୟକଙ୍କ ଏହି ଅପରାଧରେ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରି ନାହାନ୍ତି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ରାଜ୍ୟରେ ହାତୀ ହତ୍ୟା ଓ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକଙ୍କ ସିଧାସଳଖ ସମ୍ପୃକ୍ତି ଅଭିଯୋଗ କରିଛନ୍ତି। ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା। ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତ ମାନେ କାଟି ନେଇ ଯାଇଥିଲେ। ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତ ହାତୀକୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ପରେ ଜଙ୍ଗଲ ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲେ। ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସରକାରୀ ଦଳର ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ନବେ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟଜ ଲିମିଟେଡ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି। ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଥିଲେ।

ସକାଳ
THE SAKALA



**ବିଏମ୍‌ସି ଅତିରିକ୍ତ ଆୟୁକ୍ତଙ୍କୁ ଆକ୍ରମଣ ଘଟଣା**

# ଅଧିକାରୀ ଶୂନ୍ୟ କାର୍ଯ୍ୟାଳୟ, ପ୍ରଶାସନିକ ଅଚଳାବସ୍ଥା

**ସମ୍ବଲପୁର, ୨।୭ (ସମିସ)**

ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଓଏଏସ୍ (ଏସ୍ଏଜି) ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସୁରକ୍ଷା ବ୍ୟବସ୍ଥା ଦାବିକରି ସମ୍ବଲପୁର ଜିଲ୍ଲା ଓଏଏସ୍ ସଂଘ ଗତକାଲି ଜୁଲାଇ ୧ ତାରିଖ ଅପରାହ୍ନରୁ ସମୂହ ଛୁଟିରେ ଯାଇଛି। ଜିଲ୍ଲା ଓଆର୍‌ଏସ୍ ସଂଘ ମଧ୍ୟ ସମର୍ଥନ କରି ସମୂହ ଛୁଟିରେ ଯାଇଛନ୍ତି। ସମ୍ବଲପୁର ଜିଲ୍ଲା ଅମଲା ସଂଘ ପକ୍ଷରୁ ଏହାର କଡ଼ା ନିନ୍ଦା କରାଯାଇଛି। ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ପ୍ରଶାସନିକ ଅଧିକାରୀ ଶୂନ୍ୟ ହେବା ଫଳରେ ଅଚଳାବସ୍ଥା ଦେଖାଦେଇଛି। ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବିଭିନ୍ନ ଫାଇଲ ଗୁଡ଼ିକ ଅଟକିଯାଇଛି। ବିଭିନ୍ନ ସରକାରୀ ଯୋଜନାର ପ୍ରଣୟନ ଦିଗରେ କାର୍ଯ୍ୟ ଠପ୍ ହୋଇଯାଇଛି। ଆଜି ଦୂରଦୂରାନ୍ତରୁ ଅଭିଯୋଗ ନେଇ ଆସିଥିବା ଜନସାଧାରଣ ବହୁ ସମୟ ଧରି ଅପେକ୍ଷା କରି ଫେରିଯାଇଛନ୍ତି। କାର୍ଯ୍ୟାଳୟ ଗୁଡ଼ିକରେ ଅଧିକାରୀ ନଥିବାରୁ କର୍ମଚାରୀମାନେ ଫୁରସତ୍‌ରେ ବସି କାମ ସହ କଥାବାର୍ତ୍ତା ହେବା ଦେଖାଯାଇଛି। ଅସାମାଜିକ ବ୍ୟକ୍ତିମାନଙ୍କଠାରୁ ଅଧିକାରୀ ମାନେ ସୁରକ୍ଷିତ ନଥିବାବେଳେ ସେମାନଙ୍କ ସ୍ଥିତିକୁ ନେଇ ମୁଖ୍ୟତଃ ଚର୍ଚ୍ଚା ଜୋର୍ ଧରିଥିଲା। ସମ୍ବଲପୁର ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ଗତକାଲି ରାଜ୍ୟ ଓଏଏସ ସଂଘର ସମୂହ ଛୁଟିକୁ ଏକକ ଭାବେ ସ୍ଥଗିତ କରିବା ନିଷ୍ପତ୍ତିକୁ ସମର୍ଥନ ନକରି ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯିବା ପରେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମହାନଗର ନିଗମ ଅତିରିକ୍ତ ଓ ଡେପୁଟି କମିଶନର ତଥା ସଦର ଉପଜିଲ୍ଲାପାଳମାନେ କାର୍ଯ୍ୟାଳୟକୁ ଆସି ନଥିଲେ। ବିଡିଓ ଏବଂ ତହସିଲଦାରମାନେ



ଓଏଏସ୍ ଅଧିକାରୀ ହୋଇଥିବାରୁ ଆଜି କାର୍ଯ୍ୟରେ ଯୋଗ ଦେଇନଥିଲେ। ଏହାସହ ଓଏଏସ୍ ସଂଘର ନିଷ୍ପତ୍ତିକୁ ସମର୍ଥନ କରି ଓଆର୍‌ଏସ୍ ସଂଘ ମଧ୍ୟ ସମୂହ ଛୁଟିରେ ଥିବାରୁ କାର୍ଯ୍ୟାଳୟ ଗୁଡ଼ିକରେ ଉପ-ଅଧିକାରୀ ମଧ୍ୟ ନଥିଲେ। ଆଜି ସମ୍ବଲପୁର କଲେକ୍ଟୋରେଟ୍, ସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଆଦି ସହିତ ରେଢ଼ାଖୋଲ ଓ କୁଚିଣ୍ଡା ଉପଖଣ୍ଡ କାର୍ଯ୍ୟାଳୟଗୁଡ଼ିକ ଅଧିକାରୀ ଶୂନ୍ୟ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ସମ୍ବଲପୁର ଜିଲ୍ଲା ଓଏଏସ୍ ସଂଘ ବୈଠକରେ ଅଭିଯୁକ୍ତମାନଙ୍କ ବିରୋଧରେ ଜାମିନ-ବିହୀନ ଆକ୍ଟ ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ସମସ୍ତ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ପିଏସ୍ଓ ଏବଂ ସୁରକ୍ଷା କର୍ମୀ ନିଯୁକ୍ତି, ଘଟଣା ପୁନର୍ବାର ନଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥା ସହ ସରକାରୀ କର୍ମଚାରୀଙ୍କ ସକାଶେ 'ରାଇଟ୍ ଟୁ ଡିଗ୍ନିଟି ଏଟ୍ ୱାର୍କପ୍ଲେସ୍' ପ୍ରଣୟନ ପାଇଁ ଦାବି କରାଯାଇଛି।

ରାଜ୍ୟ ଓଆର୍‌ଏସ୍ ମହାସଂଘ ପକ୍ଷରୁ ଏହି ଘଟଣାରେ ଜିଲ୍ଲାସ୍ତରରେ ସଂଘ ନିଜ ନିଷ୍ପତ୍ତି ନେବାକୁ କୁହାଯାଇଛି। ଏହାକୁ ନେଇ ଆଜି ସମ୍ବଲପୁର ଜିଲ୍ଲା ଓଆର୍‌ଏସ୍ ସଂଘ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟ ସଂଘ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନଥିବା ଜଣାପଡ଼ିଛି। ରାଜସ୍ୱ ମନ୍ତ୍ରୀ ଓଆର୍‌ଏସ୍ ସଂଘ ସହିତ ଆଲୋଚନା କରିବା ପରେ ବୈଠକ ବିଷୟରେ ଜିଲ୍ଲା ସଂଘକୁ ଅବଗତ କରିଛନ୍ତି। ରଥଯାତ୍ରା, ବନ୍ୟା ଭଳି ଜରୁରୀକାଳୀନ କାର୍ଯ୍ୟରେ କୌଣସି ଅସୁବିଧା ନହେବାକୁ ନେଇ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଥିବା ପ୍ରକାଶ। ଏହାପରେ ସମ୍ବଲପୁର ଜିଲ୍ଲା ଓଆର୍‌ଏସ୍ ସଂଘ ପକ୍ଷରୁ ବୈଠକରେ ମୋରାଲ୍ ସମର୍ଥନ ଜାରି ରଖିବା ସହ ବନ୍ୟା ସ୍ଥିତି, ଆଇନଶୃଙ୍ଖଳା ସ୍ଥିତି ଭଳି ଜରୁରୀକାଳୀନ କାର୍ଯ୍ୟ ହେଲେ ତାହାକୁ କରିବ ବୋଲି ସୂଚନା ମିଳିଛି।



ସମ୍ବଲପୁର ଝାଡ୍ରୁଆପଡ଼ା ବ୍ରହ୍ମପୁରା ମହାପ୍ରଭୁଙ୍କ ହରିହର ଅବତାର

## ରେଲୱେ ଅଣ୍ଡରପାସ୍ ରାସ୍ତାରେ ଜମୁଛି ପାଣି

**ରେଢ଼ାଖୋଲ, ୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ବୁଧବାର ପ୍ରବଳ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ଯାତାୟାତ ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ରେଢ଼ାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ଅଧୀନ ହେମାମୁରା ଗ୍ରାମର ରେଲୱେ ଅଣ୍ଡରପାସ୍ ରାସ୍ତାରେ ବର୍ଷା ପାଣି ୫ ଫୁଟ୍‌ରୁ ଅଧିକ ବର୍ଷାପାଣି ଜମିଥିବା ଦେଖିବାକୁ ମିଳିଛି। କଦଳୀଗଡ଼ରୁ ବେଲଡିହି ରାସ୍ତାର ହେମାମୁରା ଗ୍ରାମରେ ପୂର୍ବରୁ ରେଳଫାଟକ ରହିଥିଲା। ବର୍ତ୍ତମାନ ସେହି ଫାଟକକୁ ରେଳବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି ଏବଂ ଅଣ୍ଡରପାସ ରାସ୍ତା ନିର୍ମାଣ କରିଛି। ବର୍ତ୍ତମାନ ଅଣ୍ଡର ପାସ ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେଥିରେ ବର୍ଷାପାଣି ଯିବାପାଇଁ ମଧ୍ୟ ଡ୍ରେନ୍ ର ସୁବିଧା କରାଯାଇ ନାହିଁ। ଯାହା ଫଳରେ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। ଉକ୍ତ ରାସ୍ତାରେ ୨୦ରୁ ଅଧିକ ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ମାନେ ସ୍କୁଲ, କଲେଜ ଯାତାୟାତ କରିବା ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।



## ଜଙ୍ଗଲକୁ ଫେରିଗଲା ହାତୀ



**ସମ୍ବଲପୁର, ୨।୭ (ସମିସ) :** ଯୁଯୋମୁରା ବ୍ଲକ ଅଧୀନ ବାଗଚବାଠାରେ ଏକ ଦନ୍ତା ଜାତୀୟ ରାଜପଥ ପାରିହେବା ଘଟଣାକୁ ନେଇ କିଛି ସମୟ ପାଇଁ ଉଭୟ ପଟ ଗାଡ଼ି ଚଳାଚଳ ଅଟକି ରହିଥିଲା। ପରେ ହାତୀଟି ରାସ୍ତା ପାରି ନହୋଇ ଜଙ୍ଗଲ ଭିତରକୁ ଫେରିଯାଇଥିଲା। ସୂଚନା ଅନୁସାରେ ସଦର ରେଞ୍ଜ ଅନ୍ତର୍ଗତ ଜାତୀୟ ରାଜପଥର ବାଗଚବା ଠାରେ ଆଜି ସନ୍ଧ୍ୟାରେ ଏକ ଦନ୍ତାହାତୀକୁ ଜାତୀୟ ରାଜପଥରେ ଦେଖିବାପରେ ଲୋକେ ଭୟକରି ଯାତାୟାତ କରି ନଥିଲେ। ଫଳରେ ଉଭୟ ପଟରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ତେବେ, ହାତୀଟି ଗହଳି ଦେଖି ଜାତୀୟ ରାଜପଥ ପାରିନହୋଇ ପୁଣି ମୁଣ୍ଡେର ଜଙ୍ଗଲ ପଟକୁ ଫେରିଯିବା ପରେ ଜାତୀୟ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ରାସ୍ତା ଓ ଡ୍ରେନେଜ୍ ସମସ୍ୟା ସମୀକ୍ଷା କଲେ ଜିଲ୍ଲାପାଳ

**ସମ୍ବଲପୁର, ୨।୭ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବର୍ଷା ଋତୁରେ ଜଳ ନିଷ୍କାସନ ଓ ଜଳସ୍ରୋତ ଅବରୋଧ ସମସ୍ୟା ଲାଗିରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜେଲଛକ, ଚାରଭାଟି ଛକ, ସର୍କିଟ ହାଉସ, ମୁଦିପଡ଼ା, କ୍ଷେତରାଜପୁର, ଦୁର୍ଗାପାଲି ଆଦି ବିଭିନ୍ନ ଅଞ୍ଚଳ ବୁଲି ରାସ୍ତା ଓ ଡ୍ରେନେଜ୍ ସମସ୍ୟା ସମୀକ୍ଷା କରିଛନ୍ତି। ମହାନଗର ନିଗମ କମିଶନର ବେଦଭୂଷଣ ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାସହ ଏ. କଟାପାଲି ଓ ପରଧିଆପାଲିଠାରେ ନିର୍ମାଣାଧୀନ ସମ୍ବଲପୁର ପ୍ରବେଶ ଦ୍ୱାର କାର୍ଯ୍ୟ ମଧ୍ୟ ତଦାରଖ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଆସନ୍ତା ୪ ତାରିଖ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଓ ଝାରସୁଗୁଡ଼ା ପଟକୁ ଥିବା ପ୍ରବେଶ ପଥର ଦୁଇଟି ତୋରଣକୁ ଉଦ୍‌ଘାଟନ କରିବେ।



## ଶାସନ ହାଇସ୍କୁଲରେ ବିଦ୍ୟୁତ୍ ସୁରକ୍ଷା ଦିବସ



**ସମ୍ବଲପୁର, ୨।୭ (ସମିସ):** ସମ୍ବଲପୁର ଜିଲ୍ଲା ଅଧୀନ ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୈଦ୍ୟୁତିକ ପରିଦର୍ଶକ ସୂର୍ଯ୍ୟକାନ୍ତ ଜେନା ଓ ପ୍ରଭାତ ବେହେରା ତଥା ଏସଏମସିର ଗୀତା ମହାପାତ୍ର ଯୋଗଦେଇ ବିଦ୍ୟୁତ ସୁରକ୍ଷା ଦିଗରେ ବୁଝାଇଥିଲେ। ଛାତ୍ରଛାତ୍ରୀମାମେ ବିଦ୍ୟୁତ ସୁରକ୍ଷା ଉପରେ ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଳିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବାଶିଷ ସାହୁ ମଞ୍ଚରସମସ୍ତ ଦାୟିତ୍ୱ ନେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଏସ୍‌ପି ନେତା ମୁସ୍ତୁକଙ୍କ ପରଲୋକ

**ସମ୍ବଲପୁର, ୨।୭ (ସମିସ) :** ବିଏସ୍‌ପି ନେତା ମହମ୍ମଦ ମୁସ୍ତୁକଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ବୁଧବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ



ବିଏସ୍‌ପି ପକ୍ଷରୁ ପ୍ରାର୍ଥୀ ଭାବେ ୨୦୦୯ ଓ ୨୦୧୪ ମସିହାରେ ସମ୍ବଲପୁର ବିଧାୟକ ଏବଂ ୨୦୧୯ ମସିହାରେ ସମ୍ବଲପୁର ସାଂସଦ ପଦ ପାଇଁ ନିର୍ବାଚନ ଲଢ଼ିଥିଲେ। ସେ ବିଏସ୍‌ପିର ଲୋକସଭା ପ୍ରଭାରୀ ମଧ୍ୟ ଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ନିହାଲ ସିଂ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଜି ତାଙ୍କ ଶେଷଦର୍ଶନ କରିଥିଲେ।

## ଟ୍ରାକ୍ଟର ଓଲଟି ଜଣେ ମୃତ

**ସମ୍ବଲପୁର, ୨।୭ (ସମିସ):** ବରେଇପାଲି ଥାନାଞ୍ଚଳ ସରଦାପାଲି ନିକଟରେ ଏକ ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହୀରାକୁଦ ଗଡ଼ମୁଣ୍ଡାର ଅକ୍ଷୟ ମିରିକ୍(୩୦)। ମିଳିଥିବା ସୂଚନାନୁଯାୟୀ ଆଜି ଅପରାହ୍ନ ୨ ଟା ସମୟରେ ଅକ୍ଷୟ ସରଦାପାଲିର ଏକ ଜମିକୁ ଟ୍ରାକ୍ଟର ନେଉଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ବିଏମ୍‌ସି ଆକ୍ରମଣର ପଡ଼ିଲା ପ୍ରଭାବ

## ୪ ବରିଷ୍ଠ ଅଧିକାରୀରେ ମହରମ୍ ଶାନ୍ତି ବୈଠକ

**ସମ୍ବଲପୁର, ୨।୭ (ସମିସ) :** ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଓଏଏସ (ଏସ୍ଏଜି) ରତ୍ନାକର ସାହୁଙ୍କୁ ଅମାନୁଷିକ ଆକ୍ରମଣ ଘଟଣାର ପ୍ରଭାବ ଆଜି ଜଳଜଳ ଦେଖାଯାଇଛି ମହରମ୍ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ। ଜିଲ୍ଲାପାଳ



ସମ୍ମିଳନୀ କକ୍ଷରେ ହେଉଥିବା ବୈଠକରେ କେବଳ ଜିଲ୍ଲାର ୪ ଜଣ ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ପୁଲିସ ସେବା ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ଏଭଳି ବୈଠକର ମୁଖ୍ୟ କାର୍ପଟଦାର ସାଜୁଥିବାବେଳେ ଆଜି ବୈଠକ ଅଧିକାରୀଶୂନ୍ୟ ଥିଲା। ଦଶହରା, ମହରମ୍ ଆଦିରେ ଉପରୋକ୍ତ ସମୂହ ଛୁଟିରେ ଥିବା ଅଧିକାରୀମାନେ ସକ୍ରିୟ ଭୂମିକା ନିର୍ବାହ କରିଥାନ୍ତି। ତେବେ, ଆଜିର ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ଆଜି ଚାରିଜଣ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ମଞ୍ଚାସୀନ ଥିଲେ।

ଚଳିତବର୍ଷ ମହରମ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ଶାନ୍ତି ଓ ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ ଏବଂ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ମହରମ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଯାଇଛି। ଆଜି ଆଇନଶୃଙ୍ଖଳା ରକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଉତ୍ସବ ଦିନରେ ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଆଇନ ମଦ ବିକ୍ରି ଉପରେ ରୋକ୍, ଅଗ୍ନିକାଣ୍ଡ ରୋକିବା ପାଇଁ ପଦକ୍ଷେପ ଏବଂ ଶୋଭାଯାତ୍ରା କିଭଳି ଓ କେଉଁ ରାସ୍ତା ଦେଇ ଯିବ ସେନେଇ ଆଲୋଚନା ହୋଇଥିଲା।

## ଦୁର୍ଗା ପାଢ଼ୀ ହେଲେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି

**ସମ୍ବଲପୁର, ୨।୭ (ସମିସ) :** ପିସିସି ସଭାପତି ଭକ୍ତଚରଣ ଦାସ ଅନ୍ତରୀଣ ଭାବେ ୩୨ ଜଣ ଜିଲ୍ଲା କଂଗ୍ରେସ ସଭାପତି ଓ ୩ ଜଣ ଷ୍ଟିଅରିଂ କମିଟି ସଦସ୍ୟ ନିଯୁକ୍ତି ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମର୍ଯ୍ୟାଦାଜନକ ସମ୍ବଲପୁର ଜିଲ୍ଲା ପାଇଁ କଂଗ୍ରେସର ସଭାପତି ରୂପେ ବରିଷ୍ଠ କଂଗ୍ରେସ ନେତା ତଥା ୨୦୨୪ ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢ଼ୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ଶ୍ରୀ ପାଢ଼ୀ ପ୍ରଦେଶ କଂଗ୍ରେସ



ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ, ଏଆଇସିସି ସମ୍ପାଦକ ଆସଫ୍ ଅଲି ଖାଁ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ, କଂଗ୍ରେସ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧୬ ଜଣଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୨।୭ (ସମିସ) :** ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲ୍‌ଫେୟାର ଟ୍ରଷ୍ଟର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ୧୬ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୫୭ ହଜାର ୪୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ଟ୍ରଷ୍ଟ ସଂସ୍ଥାପିକା ଡା. ପାଣିଗ୍ରାହୀଙ୍କ ଉପସ୍ଥିତି ଏବଂ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତାକୁ ମଞ୍ଜୁରୀ ଦିଆଯାଇଛି। ଏହାସହିତ ଉପରୋକ୍ତ ହିତାଧିକାରୀ ମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଚଳିତ ଶିକ୍ଷାବର୍ଷରେ ମାସିକ ସହାୟତା ମଧ୍ୟ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜାତୀୟ ଡାକ୍ତର ଦିବସ ଅବସରରେ ଟ୍ରଷ୍ଟ ସଂସ୍ଥାପିକା ଡା ପାଣିଗ୍ରାହୀ ଓ ସଭ୍ୟ



ଡା ପ୍ରମୋଦ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସମ୍ପାଦକ ସୁଧୀର ପୂଜାରୀ, କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ, ସଭ୍ୟବୃନ୍ଦ ଡଃ ନିରୂପମା ବଡ଼ପଣ୍ଡା, ବିପିନ ବିହାରୀ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ଶଙ୍କର ନନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## କଣ୍ଟେନର ଧକ୍କାରେ ଦୋକାନ ଭାଙ୍ଗିଲା

**ରେଢ଼ାଖୋଲ, ୨।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟରେ ଥିବା ଦୁଇଟି ଦୋକାନକୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ କଣ୍ଟେନର ଧକ୍କା ଦେବାଫଳରେ ଦୋକାନ ଘର ଭାଙ୍ଗି ଯାଇ ବହୁ କ୍ଷୟକ୍ଷତି ହୋଇଛି। ବେଆଇନ ଗୋରୁ ଚାଲାଣ ଗାଡ଼ିଟି ସୋନପୁର ଅଞ୍ଚଳରୁ ଆସୁଥିବା ବେଳେ ପୁଲିସ ସୂଚନା ପାଇ ଗାଡିଟିକୁ ଧରିବା ପାଇଁ ଗୋଡ଼ାଇଥିଲା। ପୁଲିସ ଗୋଡାଉଥିବ ବେଳେ ଗାଡ଼ିକୁ ଧରି ପାରିନଥିଲା। ତଥାପି କଦଳୀଗଡ଼ ଟୋଲ୍ ଗେଟ୍ ରେ ଅଟକାଇବା ପାଇଁ ପୁଲିସ ଚେଷ୍ଟା କରିଥିଲା, ହେଲେ ଗେଟ୍ ଭାଙ୍ଗି ଗୋରୁ ବୋଝେଇ ଗାଡ଼ି ରେଢାଖୋଲ ଦିଗକୁ ଆସିଥିଲା। ରେଢାଖୋଲ ଭୀମଭୋଇ ଛକଠାରେ ମଧ୍ୟ ପୁଲିସ ଗାଡ଼ିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲା। ହେଲେ ବିଦେଶୀ ସାହୁ ଚା ଦୋକାନ ଓ ବାବୁଲି ସାହୁ ହୋଲସେଲ ଦୋକାନ ରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ସେଠାରୁ ମଧ୍ୟ ଗାଡିଟି ଫେରାର ହେବା ପାଇଁ ଉଦ୍ୟମ କରିଥିଲା। ହେଲେ ରେଢ଼ାଖୋଲ ପୁଲିସ ଗାଡ଼ି ସହ ଗୋରୁ ଗାଇମାନଙ୍କୁ ଉଦ୍ଧାର କରି ଡ୍ରାଇଭରଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ଡାକ୍ତର ଦିବସ



**ସମ୍ବଲପୁର, ୨।୭ (ସମିସ) :** ଡାକ୍ତର ଦିବସ ପାଳନ ଅବସରରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ମାନେ ଜିଲ୍ଲା ଡାକ୍ତରଖାନାରେ ଡାକ୍ତରମାନଙ୍କୁ ସମ୍ମାନିତ କରିଛନ୍ତି। ସ୍କୁଲ ଛାତ୍ରଛାତ୍ରୀମାନେ ଡାକ୍ତରୀ ଭାଇଚାରା ପ୍ରତିକୃତଜ୍ଞତା ଜଣାଇବା ପାଇଁ ଡାକ୍ତରଖାନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିବାସହ ମାନବତା ପ୍ରତି ସେମାନଙ୍କ ଅମୂଲ୍ୟ ସେବା ପାଇଁ ସମ୍ବଲପୁର ଜିଲ୍ଲାର ସିଏଚ୍‌ସି ଠେମରା ଡାକ୍ତରମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଉପସ୍ଥିତ ଡାକ୍ତରମାନଙ୍କ ମଧ୍ୟରେ ଡା. ଆର୍‌କେ ବାବୁ, ଡା. ସୁଶିଲ କୁମାର ମିଶ୍ର, ଡା. ପ୍ରତାପ ନାୟକ, ଡା. ରଞ୍ଜନ ନାୟକ, ଡା. ସୁଭାଶିଷ ଦାଶ, ଡା. ଶ୍ୱେତାଲିନା, ଡା. ସୌମ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜର କଲ୍ୟାଣ ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଉତ୍ସର୍ଗ ଏବଂ ନିଃସ୍ୱାର୍ଥପର ସେବା ବିଷୟରେ ଛାତ୍ରଛାତ୍ରୀମାନେ ପରିଦର୍ଶନ ସମୟରେ ଅନେକ କଥା ଶିକ୍ଷାଲାଭ କରିଥିଲେ।

# ସରିଲା ରବି ଧାନ କିଣା, ଏଥର ୧୪ ଲକ୍ଷ କ୍ୱିଣ୍ଟାଲ

**ସମ୍ବଲପୁର, ୨।୭ (ସମିସ)**

ଚଳିତ ରବି ଋତୁରେ ସରିଛି ଧାନ ସଂଗ୍ରହ। ମେ' ୧୪ରେ ସମ୍ବଲପୁର ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇ ଜୁନ୍ ୩୦ ତାରିଖ ଶେଷ ହୋଇଛି। ସମ୍ବଲପୁର ଜିଲ୍ଲାରେ ୧୬୬୫୫ ଜଣ ଚାଷୀଙ୍କଠାରୁ ୧୪୧୭୯୯୦.୫୪ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଗତବର୍ଷ ତୁଳନାରେ ଏହା ଅଧିକ। ଚଳିତ ରବିରେ ବମ୍ପର ଧାନ ଫସଲ ହୋଇଥିବାରୁ ଚାଷୀମାନେ ବହୁତ ଲାଭ ଆଶା କରିଥିଲେ। ତେବେ, ଟାର୍ଗେଟ ସମସ୍ୟା ସହ ଅଦିନିଆ ବର୍ଷା କାଳ ସାଜିଥିଲା। ଟାର୍ଗେଟ ସକାଶେ ଚାଷୀମାନେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଯୋଗାଣ ମନ୍ତ୍ରୀ ସମ୍ବଲପୁର ଗସ୍ତରେ ଆସିଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇପାରି ନ ଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଜିଲ୍ଲାରେ ୫୮ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇଥିବାବେଳେ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) / ବୃହତ୍ ଅଞ୍ଚଳ ବହୁମୁଖୀ ସମିତି (ଲ୍ୟାମ୍ପସ୍) ଏବଂ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ମୋଟ ୪୬ଟି ମିଲ୍‌କୁ ରବିଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଗତ ଖରିଫ୍‌ରୁ ସରକାର



କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ସହାୟତା ରାଶି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦେଉଥିବାରୁ ଚଳିତ ରବିରେ ଚାଷୀ ପ୍ରାଣପଣେ ଭଲ ଫସଲ ପାଇଁ ପରିଶ୍ରମ କରିଥିଲା। ବମ୍ପର ଫସଲ ମଧ୍ୟ ହୋଇଥିଲା। କିନ୍ତୁ ଟାର୍ଗେଟ୍ ଆସିବାରେ ବିଳମ୍ବ ଏବଂ ଅଦିନିଆ ବର୍ଷା ଯୋଗୁଁ ଧାନ ଓଦା ହୋଇ ଚାଷୀ କ୍ଷତିଗ୍ରସ୍ତ ହେଲା। ପୂର୍ବବର୍ଷ ମାନଙ୍କରେ ଟୋକନ୍ ଓ କଟ୍‌ନିଛଟ୍‌ନି ମୁଖ୍ୟ ସମସ୍ୟା ହେଉଥିବାବେଳେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଉଥିଲେ। ତତ୍କାଳୀନ ବିରୋଧୀ ଦଳ ବିଜେପି ମଧ୍ୟ ଚାଷୀଙ୍କୁ ସମର୍ଥନ କରୁଥିଲା। ତେବେ, ନିର୍ବାଚନରେ ଶାସନ କ୍ଷମତା ହାସଲ କରିବା ପରେ ବିଜେପି ଚାଷନୀତିରେ କୌଣସି ପରିବର୍ତ୍ତନ ଆଣିନଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଚଳିତ ବର୍ଷ ପ୍ରଥମକରି ଟାର୍ଗେଟ୍ ନଥିବାରୁ ଚାଷୀମାନେ ଧାନଗାଡ଼ି ନେଇ ମଣ୍ଡି ମାନଙ୍କରେ ଅଟକି ରହିଲେ। ଚାଷୀ ମାନଙ୍କୁ ବୋଝହେଲା ଗାଡ଼ିପିଛା ଦୁଇ-ତିନି ଦିନର ଖର୍ଚ୍ଚ। ଟାର୍ଗେଟ ସକାଶେ ପ୍ରତିବାଦ କରି ଜୁନ୍ ୯ ତାରିଖ ୫୩ ନମ୍ବର ଜାତୀୟ ରାଜପଥ ସିନ୍ଦୂରପଙ୍କଠାରେ ପାଞ୍ଚଘଣ୍ଟା ଧରି ଅବରୋଧ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁରରେ ଆସି କହିଲେ ଟାର୍ଗେଟ୍ ସମସ୍ୟା ସମାଧାନ ହେଲା। କିନ୍ତୁ ପ୍ରକୃତରେ ଟାର୍ଗେଟ୍ ଆସିଲା ନାହିଁ। ପୁଣି ଜୁନ୍ ୧୧ ତାରିଖ ଚାଷୀମାନେ ମାଝିପାଲି ଶାସନ ତାଲବ ରୋଡଠାରେ ଚାଷୀମାନେ ରାଜ୍ୟ ରାଜପଥ ୧୦ରେ ରାସ୍ତା ଅବରୋଧ କରଥିଲେ। ଭୁବନେଶ୍ୱରରୁ ଜିଲ୍ଲାରେ ପ୍ରକୃତ ସ୍ଥିତିକୁ ନଜାଣି ବାରମ୍ବାର ଦାବିପରେ ପର୍ଯ୍ୟାୟକ୍ରମେ କମ୍ କମ୍‌କରି ଟାର୍ଗେଟ ଦେଉଥିବାରୁ ମଣ୍ଡିରେ ଚାଷୀର ଧାନ ଗାଡ଼ି ଅଟକି ରହିଥିଲା। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ, ସମ୍ବଲପୁର ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ସରକାର ଧାନ କିଣାବିକା ପ୍ରକ୍ରିୟାକୁ ଜିଲ୍ଲାସ୍ତରକୁ ଆଣି ଡିଏଲ୍‌ପିସିକୁ କ୍ଷମତା ଦେବା କଥା। ଜିଲ୍ଲାର ମଣ୍ଡି ମାନଙ୍କରେ ଭିତ୍ତିଭୂମିର ବିକାଶ ନହେଲେ ଅଦିନିଆ ବର୍ଷାର ସମସ୍ୟା ସମାଧାନ ହୋଇପାରିବ ନାହିଁ। ଏହାସହ ପଞ୍ଜାବ ଓ ହରିଆଣା ଢାଞ୍ଚାରେ ସମ୍ବଲପୁର ଜିଲ୍ଲାରେ ସମସ୍ତ ସୁବିଧା ସହ ଅନ୍ତତଃପକ୍ଷେ ଗୋଟିଏ ମଡେଲ ମାର୍କେଟ କରାଗଲେ ଚାଷୀମାନେ ଉପକୃତ ହୁଅନ୍ତେ। ଏହି ମଡେଲ ମାର୍କେଟ ବର୍ଷତମାମ ଖୋଲା ରହିବ ଏବଂ ଚାଷୀ ସକାଶେ ଟୋକନ ଭଳି ସମସ୍ୟା ରହିବ ନାହିଁ।



# ଲକ୍ଷ୍ମୀକାନ୍ତ ଦେବତା ଝାରସୁଗୁଡ଼ା ଡିଏଭି ଅଧକ୍ଷ



**ଝାରସୁଗୁଡ଼ା, ୨।୭(ସମିସ):** ଝାରସୁଗୁଡ଼ା ଡିଏଭିର ଅଧକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ପଦୋନ୍ନତି ସହିତ ସହକାରୀ ଆଞ୍ଚଳିକ ଅଫିସର ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡ, କଳିଙ୍ଗ ଏରିଆ, ତାଳଚେର ଡିଏଭିର ଅଧକ୍ଷ ଭାବେ ସ୍ଥାନାନ୍ତରଣ ହୋଇଯାଇଛି। ଦୀର୍ଘ ୨୭ ବର୍ଷ ଧରି ଅଧକ୍ଷ ପଦରେ ରହିବା ଭିତରେ ତାଙ୍କରି ବଳିଷ୍ଠ ପ୍ରୟାସ ଫଳରେ ଝାରସୁଗୁଡ଼ା ଡିଏଭିର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। ଡିଏଭି ବୋର୍ଡର ନିର୍ଦ୍ଦେଶରେ ଶ୍ରୀ ପଣ୍ଡା ତାଳଚେର ଡିଏଭିରେ ଯୋଗ ଦେବେ। ତାଙ୍କ ପ୍ରତି ବଦଳରେ ଅଧକ୍ଷ ଭାବେ ଯୋଗ ଦେବାକୁ ଆସିଥିବା ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କୁ ସମସ୍ତ ଦାୟିତ୍ୱ ପ୍ରଦାନ କରି ଯାଇଛନ୍ତି। ନୂତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା ଏହା ପୂର୍ବରୁ ଦୀର୍ଘ ବର୍ଷର ଶିକ୍ଷକତା ଅଭିଜ୍ଞତା ହାସଲ କରିଥିବା ସହିତ ଏନଟିପିସି କଣିହାଁ ଅନୁଗୁଳ ଡିଏଭିରେ ଦୀର୍ଘ ୮ ବର୍ଷ ଧରି ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଶ୍ରୀ ଦେବତା ଇଂରାଜୀ ବିଭାଗରେ ଜଣେ ଅଭିଜ୍ଞ ଅଧକ୍ଷ, ଦକ୍ଷ ପ୍ରଶିକ୍ଷକ ଓ ସୁପ୍ରଶାସକ ମଧ୍ୟ। ବିଦ୍ୟାଳୟ ତଥା ବିଦ୍ୟାଳୟ ପରିଚାଳନା ସମିତି ତରଫରୁ ନୂତନ ଭାବେ ଯୋଗଦାନ କରିଥିବା ଅଧକ୍ଷ ଶ୍ରୀ ଦେବତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଡିଏଭି ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ତ୍ୟାଗପୂତ ଭାବନା ସହ ଅବିରତ ପ୍ରୟାସ ଜାରି ରଖିବାର ପ୍ରତିଶ୍ରୁତି ସେ ଦେଇଛନ୍ତି।

# ଡାଇଭର୍ସନ ନ ଥିବାରୁ ଲୋକେ ହନ୍ତସନ୍ତ

ଦେବଗଡ଼/କୁଣ୍ଢେଇଗୋଲା, ୨।୭(ସମିସ)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ ୫୩ ନମ୍ବର୍ ଜାତୀୟ ରାଜପଥ ଠାରୁ ଠିଆନାଳକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ ହେଉଛି। ରାସ୍ତାର ଉନ୍ନତି ନିମନ୍ତେ ଠିଆନାଳ ନାଳ ଉପରେ ଏହାକୁ ନିର୍ମାଣ କରାଯାଉଛି। ହେଲେ ଡାଇଭର୍ସନ ନଥିବାରୁ ଯାତାୟାତ ପାଇଁ ଜନସାଧାରଣ ବର୍ତ୍ତମାନ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଟି କଣିହାଁ ବ୍ଲକକୁ ସଂଯୋଗ କରୁଥିବା ବେଳେ ମୁଖ୍ୟତଃ ଠିଆନାଳ, ତାଳବହାଲି, ପରା ଆଦି ଗ୍ରାମବାସୀ ବହୁତ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁଁ ପାଣିରେ ଡାଇଭର୍ସନଟି ଧୋଇ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୋଲ ନିର୍ମାଣ ଶେଷ ପର୍ଯ୍ୟାୟରେ ଥିଲେ ସୁଦ୍ଧା ପୋଲ ଦୁଇ ପାର୍ଶ୍ୱ ରାସ୍ତାକାମ ହୋଇ ପାରିନାହିଁ। ଯଦ୍ୱାରା ଯାନବାହନ ସେହି ରାସ୍ତା ଦେଇ ଯାତାୟାତ ହୋଇପାରୁନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଚାରଡିଆଙ୍କୁ ପଚାରା ଯାଇଥିଲା। ବିଭାଗ ପକ୍ଷରୁ ଥରେ ମାତ୍ର ଡାଇଭର୍ସନ ପାଇଁ ବିଲ ହୋଇଥାଏ, ଲୋକଙ୍କୁ ଅସୁବିଧା ହେଲେ ସେମାନେ ବିଭାଗକୁ ଜଣାଇଲେ ବିଚାରକୁ ନିଆଯିବ ବୋଲି ସେ କହିଛନ୍ତି।



# ପୁଲିସ ପକ୍ଷରୁ ମୋବାଇଲ ହସ୍ତାନ୍ତର ମେଳା



## ୨୩୮ ମୋବାଇଲ ହସ୍ତାନ୍ତର

**ଝାରସୁଗୁଡ଼ା, ୨।୭(ସମିସ):** ଝାରସୁଗୁଡ଼ା ସହର ସ୍ଥିତ ନବ ଦାସ ଅଡିଟୋରୀୟମ ଠାରେ ଜିଲ୍ଲା ପୁଲିସ ପକ୍ଷରୁ ଚୋରି ହୋଇଥିବା ମୋବାଇଲ ଫୋନ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଛି। ଜିଲ୍ଲାର ବିଭିନ୍ନ ଥାନାରେ ମୋବାଇଲ ଫୋନ ଚୋରି ବା ହଜିଯାଇଥିବା ଅଭିଯୋଗ ଆଧାରରେ ପୁଲିସ ଓ ସାଇବର ସେଲ ତଦନ୍ତ କରି ମୋବାଇଲ ଫୋନ ଗୁଡିକୁ ଉଦ୍ଧାର କରିଥିଲା। ବୁଧବାର ମେଳା କରାଯାଇ ମୋବାଇଲ ଫୋନ ଗୁଡିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଝାରସୁଗୁଡ଼ା ଏସ୍‌ପି ସ୍ମିତ ପରମାର ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁ ମାନଙ୍କର ମୋବାଇଲ ଚୋରି ହୋଇଥିଲା ସେମାନଙ୍କୁ ମୋବାଇଲ ସବୁ ପୁଲିସ ପକ୍ଷରୁ ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୨୩୮ଟି ମୋବାଇଲ ଫୋନ ନିଜ ନିଜ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଉତ୍ତରାଞ୍ଚଳ ଆଇଜି ସୂଚନା ପ୍ରଦାନ କରିଛନ୍ତି।

# ସଚିବଙ୍କ ସହଯୋଗରେ ନିଶାମୁକ୍ତି କେନ୍ଦ୍ରରେ ଭର୍ତ୍ତି

**ଝାରସୁଗୁଡ଼ା, ୨।୭(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପଦକ୍ଷେପ ସ୍ୱରୂପ ବୁଧବାର ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ସୁଲଧିଆପଡ଼ା ସ୍ଥିତ ନିଶାମୁକ୍ତି କେନ୍ଦ୍ରରେ ଭର୍ତ୍ତି କରାଯାଇଛି। କିଛିଦିନ ପୂର୍ବରୁ ଝାରସୁଗୁଡ଼ା ପୌର ପରିଷଦର ଅଧୀନ ମଙ୍ଗଳବଜାର ଅଞ୍ଚଳର ଜଣେ ମହିଳା ତାଙ୍କର ସ୍ୱାମୀ ଅତ୍ୟଧିକ ନିଶା ସେବନ କରି ପରିବାର ଲୋକଙ୍କ ସହିତ ଝଗଡ଼ା କରୁଥିବା ଅଭିଯୋଗ କରିଥିଲେ। ନିଜ ସ୍ୱାମୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରେଇବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଠାରେ ଆବେଦନ କରିଥିଲେ। ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ଉକ୍ତ ବ୍ୟକ୍ତିଙ୍କୁ ଥଇଥାନ ଓ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଆଜି ସେହି ବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଜୀବନ ସେବା ସଂଘ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଏହି କାର୍ଯ୍ୟ ହୋଇଥିବା ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି।

# ତ୍ରିନାଥ ମନ୍ଦିରର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା

**ଦେବଗଡ଼/ରିଆମାଳ, ୨।୭ (ସମିସ):** ରିଆମାଳ ବ୍ଲକ ଅଧୀନ କୁଡ଼ଝରଣରେ ତ୍ରିନାଥ ମନ୍ଦିରର ବୁଧବାର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। କଳସ ଯାତ୍ରା, ବରୁଣ ପୂଜା ସଂକଳ୍ପ, ରତ୍ନମୁଦ ପ୍ରତିଷ୍ଠା, ନିଧି ପ୍ରତିଷ୍ଠା, ଇନ୍ଦ୍ର ଇନ୍ଦ୍ରାଣୀ ପୂଜା, ନାଗ ନାଗୁଣୀ ପୂଜା, ମହାଧ୍ୱଜ ଉତ୍ତୋଳନ ପୂଜା, ସୁଦର୍ଶନ ପୂଜା, ତ୍ରିନାଥ ମନ୍ଦିର ପ୍ରତିଷ୍ଠା, ଯୁପ ପୂଜା, ସୂତ୍ର ବେଷ୍ଟନ, ଦଶ ଦିଗ ପାଳ ପୂଜା, ବଳି ପ୍ରଦାନ, ମନ୍ଦିର ପ୍ରବେଶ, ତ୍ରିନାଥ ବିଗ୍ରହ ପ୍ରତିଷ୍ଠା, ଅଷ୍ଟାଦଶ ମାତୃ ଗଣ, ବ୍ରହ୍ମା ସାବିତ୍ରୀ, ନବ ଗ୍ରହ, ଭଦ୍ର। ଅଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ଭଦ୍ର ମଣ୍ଡଳେ ମୁଖ୍ୟ ଦେବତା ତ୍ରିନାଥ ଆବାହନ ପୂଜନ, ବୈଷ୍ଣବ ଅଗ୍ନି ଯଜ୍ଞ ପୂଜନ ହୋଇଥିଲା। ମନୋରଞ୍ଜନ ଶତପଥୀ, ବାପୁନ୍ ନନ୍ଦ ଓ ଟିକେଶ୍ୱର୍ ନନ୍ଦ ପ୍ରମୁଖ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ପାବନ ବିଶ୍ୱାଳ ଓ ତାଙ୍କ ପତ୍ନି ପଦ୍ମିନୀ ବିଶ୍ୱାଳ ଏବଂ ପ୍ରଭାକର ପ୍ରଧାନ ଓ ତାଙ୍କ ପତ୍ନୀ ସୁଜଳା ପ୍ରଧାନ ପୂଜନରେ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ ଓ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ତ୍ରିନାଥ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ତ୍ରିପାଲି ତ୍ରିନାଥ ମନ୍ଦିର କମିଟି ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଞ୍ଜୀବ ବସନ୍ତରା ଓ ବିଷ୍ଣୁ ମହାପାତ୍ର ପୂଜା କର୍ମରେ ସହଯୋଗ କରିଥିଲେ। ତ୍ରିନାଥ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ରେଡକ୍ରସ ଶାଖାକୁ ସୁଦୃଢ଼ କରିବାକୁ ଆହ୍ୱାନ

**ଝାରସୁଗୁଡ଼ା, ୨।୭(ସମିସ):** ଭାରତୀୟ ରେଡକ୍ରସ୍ ସୋସାଇଟି, ଜିଲ୍ଲା ଶାଖା ଅଧୀନରେ ପୃଷ୍ଠପୋଷକ, ଉପପୃଷ୍ଠପୋଷକ, ଆଜୀବନ ସଦସ୍ୟ, ସହଯୋଗୀ ସଦସ୍ୟ, ଅନୁଷ୍ଠାନିକ ସଦସ୍ୟ ଆଦି ଭାବେ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ସଦସ୍ୟତା ପଞ୍ଜୀକରଣ ଅଭିଯାନକୁ ବିସ୍ତାର କରିବା ତଥା ରେଡକ୍ରସ୍ କାର୍ଯ୍ୟକ୍ରମରେ ସମ୍ବଳ ସଂଗ୍ରହ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ବେସରକାରୀ ସଂଗଠନ, ଶିକ୍ଷାନୁଷ୍ଠାନ, ସାମାଜିକ କଲ୍ୟାଣ ସଂଗଠନ, ସମ୍ପ୍ରଦାୟ ଭିତ୍ତିକ ସଂଗଠନ, ବିଭିନ୍ନ ବୃତ୍ତିଧାରୀ/ଦାତାଙ୍କ ସମର୍ଥନ ଲୋଡା ଯାଇଛି। ଏଥି ସକାଶେ ଝାରସୁଗୁଡ଼ା ଜିଲ୍ଲା ରେଡକ୍ରସ ଶାଖାରେ ପଞ୍ଜୀକରଣ ପାଇଁ ଶାଖାରେ ଉପଲବ୍ଧ ଫର୍ମ ମାଧ୍ୟମରେ ଆବେଦନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଛି।

# ନାଳରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

## ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

**ଦେବଗଡ଼, ୨।୭(ସମିସ):** କୁଣ୍ଢେଇଗୋଲା ଥାନା ଅଧୀନ ଠିଆନାଳ ଗାଁ ନିକଟସ୍ଥ ଏକ ନାଳ ମଧ୍ୟରେ ଓଢ଼ଣୀରେ ମୁହଁ ବନ୍ଧା ଅବସ୍ଥାରେ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଠାବ କରାଯାଇଛି। ଦୁଷ୍କର୍ମ ପରେ ହତ୍ୟା କରି କେହି ଦୁର୍ବୃତ୍ତ ମୃତଦେହକୁ ନାଳରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। କୁଣ୍ଢେଇଗୋଳା ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରିଥିଲେ ମଧ୍ୟ ମୃତ ଯୁବତୀଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରକାଶ କରିଛି।

ଜିଲ୍ଲା ପୁଲିସ ବିଭାଗରେ ସାଇଣ୍ଟିଫିକ ଟିମ୍ ନାହିଁ। ଜିଲ୍ଲାର ସମସ୍ତ ଥାନାକୁ ପ୍ରତିଦିନ ଆସୁଥିବା ହତ୍ୟା, ହତ୍ୟା ଉଦ୍ୟମ, ଦୁଷ୍କର୍ମ, ଚୋରି ଓ ଡକାୟତି ଭଳି ଗମ୍ଭୀର ମାମଲା ତଦନ୍ତରେ ପୁଲିସ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଜିଲ୍ଲା ଫରେନସିକ ଲ୍ୟାବ ପାଇଁ କୋଠା ରହିଥିଲେ ମଧ୍ୟ ଯନ୍ତ୍ରପାତି ଓ ବିଶେଷଜ୍ଞ ଏବଂ କର୍ମଚାରୀ ନଥିବାରୁ ଡିଏଫଏସ୍‌ଏଲ୍ କୋଠା ଅକାମି ହୋଇ ପଡ଼ିରହିଛି। ପ୍ରତ୍ୟେକ ମାମଲାର ତଦନ୍ତ ପାଇଁ ଅନ୍ୟ ଜିଲ୍ଲାର ସାଇଣ୍ଟିଫିକ ଟିମ ଉପରେ ଜିଲ୍ଲା ପୁଲିସ ନିର୍ଭର କରୁଥିବାରୁ ହତ୍ୟାକାଣ୍ଡ ଭଳି ଘଟଣାରେ ୨୪ ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହୁଥିବା ନଜିର ରହିଛି। ପୁଲିସ ଆଧୁନିକରଣ ନାମରେ କୋଟି କୋଟି ଟଙ୍କା ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଉଥିବା ବେଳେ ଜିଲ୍ଲା ମୁଖ୍ୟାଳୟରେ ଡିଏଫଏସ୍‌ଏଲ୍ ଭଳି ବିଭାଗ ପୂରଣ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ଏହାର ପ୍ରଭାବ ଆପରାଧିକ ମାମଲାର ତଦନ୍ତରେ ଦେଖିବାକୁ ମିଳିଛି।

# ଚାରାରୋପଣର ଗୁଣବତ୍ତା ଉପରେ କର୍ମଶାଳା




**ଝାରସୁଗୁଡ଼ା, ୨।୭(ସମିସ):** ଝାରସୁଗୁଡ଼ା ଜିଲ୍ଲା ଇକୋ କ୍ଲବ୍ ଓ ଟିଆରଏଲ କ୍ରୋସାକୀ ପକ୍ଷରୁ ବୁଧୁବାର ଟିଆରଏଲ କ୍ରୋସାକୀ ଏମ୍ପ୍ଲଇ କ୍ଲବ୍‌ରେ ବୃକ୍ଷରୋପଣର ଗୁଣବତ୍ତା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ଝାରସୁଗୁଡ଼ା ଡିଏଫଓ ମନୁ ଅଶୋକ ଭଟ୍ଟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟିଆରଏଲ କ୍ରୋସାକୀର ଅଧିକାରୀ ଡ.ତାରାପଦ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ମାନବ ସମ୍ବଳ ଅଧିକାରୀ ସନ୍ତୋଷ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶଶାଙ୍କ ଦୀକ୍ଷିତ ଓ ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଇକୋ କ୍ଲବ୍‌ର ସଦସ୍ୟ, ବୁଦ୍ଧିଜୀବୀ, ସମାଜସେବୀ, ଆଇନଜୀବୀଙ୍କ ସମେତ ଟିଆରଏଲ କ୍ରୋସାକୀର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କର୍ମଶାଳାରେ ଜିଲ୍ଲାରେ ବୃକ୍ଷରୋପଣ ବୃଦ୍ଧି ପାଇଁ ଏବଂ ବୃକ୍ଷରୋପଣର ଗୁଣବତ୍ତା ବିଷୟରେ ଆଲୋଚନା କରାଯାଇଥିଲା।

# ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସର ବୈଠକ

**ଝାରସୁଗୁଡ଼ା, ୨।୭(ସମିସ):** ଜିଲ୍ଲାପାଳ ବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ତଥା ଜିଲ୍ଲା ଟାସ୍କଫୋର୍ସର ତ୍ରୟୋମାସିକ ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ତରରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଯଥା ମିଶନ ବାତ୍ସଲ୍ୟ, ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ଶିଶୁ ଶ୍ରମିକ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ, ଯଶୋଦା, ତଥା ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କିତ କମିଟିର ରୂପରେଖ ଇତ୍ୟାଦି ଉପରେ ଜିଲ୍ଲପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ତଦାରଖ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ବିଗତ ତିନି ମାସର କାର୍ଯ୍ୟକ୍ରମକୁ ସହିତ ଆଗାମୀ ଦିନର କାର୍ଯ୍ୟ ଖସଡା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ଯୌନ ନିର୍ଯ୍ୟାତିତ ଶିଶୁମାଙ୍କୁ ଉପଯୁକ୍ତ କାଉନସେଲିଂ ମାଧ୍ୟମରେ ସେମାନଙ୍କ ଥଇଥାନକୁ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁ ଶ୍ରମିକ ମାନଙ୍କୁ ଶିକ୍ଷା ତଥା ଅନ୍ୟାନ୍ୟ ଧନ୍ଦା ମୂଳକ ଶିକ୍ଷାରେ ଯୋଡିବା ପାଇଁ ପରାମର୍ଶ ଦେଇଥିଲେ। ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ଆଇନ ପ୍ରାଧିକରଣ ସମ୍ପାଦକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଶିଶୁ କଲ୍ୟାଣ କମିଟି ଅଧକ୍ଷ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ, ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ମୁଖ୍ୟ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜାତୀୟ ବିଦ୍ୟୁତ୍ ସୁରକ୍ଷା କାର୍ଯ୍ୟକ୍ରମ

**ଇବଥର୍ମାଲ, ୨।୭(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ୨୦୨୫ ଉପଲକ୍ଷେ ବୁଧବାର ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ମନୋଜ ପାଢ଼ୀ ହାଇସ୍କୁଲ ସରଣ୍ଡାମାଲରେ ଅନୁଷ୍ଠିତ ହୋଇଛି। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ କେଶବ ସା ଅଧକ୍ଷତା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ଅଭିନ ରାଉତ, ଅବସରପ୍ରାପ୍ତ ଶିକ୍ଷକ ତଥା ସାମ୍ବାଦିକ ଉମାକାନ୍ତ ପଣ୍ଡା, ଡେପୁଟି ଇଲେକ୍ଟ୍ରିକାଲ ଇନିସ୍ପେକ୍ଟର ସଂଗ୍ରାମ କେଶରୀ ଦଳେଇ, ଅତିରିକ୍ତ ଇଲେକ୍ଟ୍ରିକାଲ ଇନିସ୍ପେକ୍ଟର ଶୁଭଜିତ ସ୍ୱାଇଁ ଯୋଗ ଦେଇଥିଲେ। ନିଜେ ବିଦ୍ୟୁତ୍ ଭୟାବହତା ଠାରୁ ରକ୍ଷା ପାଇବା ସହ ଅନ୍ୟମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କରେ ସତର୍କ କରାଇବା ବିଷୟରେ ଛାତ୍ରଛାତ୍ରୀ ତଥା ଅବିଭାବକ ମାନଙ୍କୁ ବକ୍ତବ୍ୟ ଓ ଭିଡିଓ ମାଧ୍ୟମରେ ସଚେତନ କରାଯାଇଥିଲା। ପରେ ଏ ସମ୍ପର୍କରେ ସ୍କୁଲରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଶିକ୍ଷକ ପ୍ରସନ୍ନ ବିଶ୍ୱାଳ ଦେଇଥିଲେ। ଶିକ୍ଷକ ଶିବଶଙ୍କର ମେହେର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରତ୍ୟେକ ବ୍ଲକ୍‌ରେ ହେବ ଷ୍ଟାଡିଅମ

ଝାରସୁଗୁଡ଼ା, ୨।୭(ସମିସ)

ଗତ ୪ ବର୍ଷ ମଧ୍ୟରେ ଜିଲ୍ଲା ହକି ସଂଘ ଜାତୀୟ ଖେଳ ହକିକୁ ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏଥିପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଜିଲ୍ଲାରେ ଥିବା ସ୍କୁଲ ଗୁଡିକରେ ହକି ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରେଇବା ପାଇଁ ଜୋନସ୍ତରୀୟ ଓ କ୍ଲବ୍‌ସ୍ତରୀୟ ବାଳକ ବାଳିକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନିକଟରେ ଆନ୍ତଃରାଜ୍ୟ ସବ ଜୁନିଅର ୫ ଏ ସାଇଡ ବାଳିକା ପ୍ରତିଯୋଗିତା କରାଇ ଝାରସୁଗୁଡ଼ା ଜିଲ୍ଲା ରାଜ୍ୟ ହକିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ଏହି ସଫଳତାକୁ ଦେଖି ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷ ଜିଲ୍ଲାରେ ଥିବା ହକି ଖେଳାଳିଙ୍କୁ ହକି ସରଞ୍ଜାମ ଯୋଗାଇ ଦେଉଛନ୍ତି। ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ତରଫରୁ ଝାରସୁଗୁଡ଼ା ଜିଲ୍ଲା ହକି ସଂଘକୁ ହକି ଷ୍ଟିକ ଓ ସରଞ୍ଜାମ ଦିଆଯାଇଛି। ଏଥିପାଇଁ ଲଇକେରା ବ୍ଲକରେ ଥିବା ଆରଏମପିଏସ ବିଦ୍ୟାଳୟରେ ଆଜି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏମପିଏସ ବିଦ୍ୟାଳୟ ଏବଂ ବାବୁଚିପୀଡିହି ବିଦ୍ୟାଳୟକୁ ବିଧାୟକ ଶ୍ରୀ ତ୍ରିପାଠୀ ସ୍କୁଲର ଛାତ୍ରଛାତ୍ରୀଙ୍କୁ ୩୦ଟି ହକିଷ୍ଟିକ ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ବିଧାୟକ ପ୍ରକାଶ କରିଥିଲେ ଯେ କ୍ରୀଡାର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକକୁ ୧୫ କୋଟି ଟଙ୍କା ଷ୍ଟାଡିଅମ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ସ୍କୁଲକୁ ହକି ସହ ଫୁଟବଲ ଖେଳ ପାଇଁ ସରଞ୍ଜାମ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲା ହକି ସଂଘର ସଦସ୍ୟ ତଥା ଓଡ଼ିଶା ହକି ସଙ୍ଘର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଥିଲେ ଯେ ହକି ସଙ୍ଘର ସଭାପତି ତଥା ଜିଲ୍ଲାପାଳ ଅବୋଲି ସୁନୀଲ ନାରୱନେ ଓ ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଚେଷ୍ଟାରେ ଜିଲ୍ଲାରେ ଥିବା ୧୨ଟି ବିଦ୍ୟାଳୟକୁ ଉନ୍ନତ ମାନର ହକି ସରଞ୍ଜାମ ଯୋଗାଇ ଦିଆଯାଇଛି। ହକି ସଂଘ ତରଫରୁ ଜିଲ୍ଲାର ୬ଟି ବିଦ୍ୟାଳୟରେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ହକି ପ୍ରଶିକ୍ଷଣ ଦିଆଯାଇଛି ଏବଂ ଜିଲ୍ଲାର ଅନ୍ୟ ସ୍କୁଲ ଗୁଡିକୁ ଏହି ସୁବିଧା ଯୋଗାଇ ଦିଆଯିବ।




ଆଜିର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ହକି ସଂଘର ସମ୍ପାଦକ ଶ୍ରୀ ସନାତନ ସାହୁ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ଆଥଲେଟିକ ସଂଘର ସହ ସମ୍ପାଦକ ସୋନୁ ରୋନାଲଡ, ହକି ସଂଘର ଜ୍ୟୋତି ଲାଟ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି ପ୍ରଭୃତି ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଝାରସୁଗୁଡ଼ା ଜିଲ୍ଲା ଆଥଲେଟିକ ସଂଘର ସହ ସମ୍ପାଦକ ସୋନୁ ରୋନାଲଡ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟରେ ହକିଷ୍ଟିକ୍ ବଣ୍ଟନ



**ଝାରସୁଗୁଡ଼ା/କିର୍ମିରା, ୨।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ବାଗଡ଼ିହିରେ ଥିବା ରାୟ ସାହେବ ମହାଦେବ ପ୍ରସାଦ ସ୍ୱାଇକା ସରକାରୀ ଉଚ୍ଚ ବିଦ୍ୟାଳୟରେ ହକିଷ୍ଟିକ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା କିଷାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି, ହକି ଓଡ଼ିଶା ସଚିବ ସନାତନ ସାହୁ, ହକି ଓଡ଼ିଶା ଉପାଧ୍ୟକ୍ଷ ଜୀବନ ମହାନ୍ତି, ଜିଲ୍ଲା ହକି ସଦସ୍ୟ ସଂଘ ଜ୍ୟୋତି ଲାଠ, କିର୍ମିରା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତେଜରାଜ ସାହୁ, କ୍ଲେମେଣ୍ଟ ରୋନାଲ୍ଡ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ଯୁଗ୍ମ ସମ୍ପାଦକ ଉପସ୍ଥିତ ଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ଶିକ୍ଷା ସହିତ କ୍ରୀଡ଼ା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପରେ ବିଧାୟକ ଏବଂ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ହକିଷ୍ଟିକ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଜୟ ଶର୍ମା, ଉଦ୍ଧବ ସିଂ, ବାବୁଲାଲ କିସାନ, ଶୁଭମ ସାହୁ, କିର୍ମିରା ସନ୍ଦୀପ ପଟେଲଙ୍କ ସାମାଜିକ କର୍ମୀ ଶିବ ଅଗ୍ରୱାଲ, ଅମାନ ଶର୍ମା, ଅନସୁଲ ଅଗ୍ରୱାଲ, ପୱନ ଶର୍ମା, ସୁରେନ୍ଦ୍ର ଯାଦବ, ବିଦ୍ୟାଳୟର ଶିକ୍ଷକଗଣ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ରେଳକୁ ଗତି ଦେବ ରାଜସ୍ୱ

ରେଳବାଇ ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବା ପୂର୍ବରୁ ଅସହଜ ଓ ଅସୁରକ୍ଷିତ ରେଳଯାତ୍ରା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ସୁଧାର ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାର ଥିଲା। କ୍ରମାଗତ ରେଳ ଦୁର୍ଘଟଣା ଅପବାଦରୁ ମଧ୍ୟ ରେଳବାଇ ମୁକ୍ତ ହୋଇନାହିଁ। ରେଳଯାତ୍ରୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେଲା ଭଳି ପଦକ୍ଷେପକୁ ପ୍ରାଥମିକତା ଦେବାର ଥିଲା। ଅବଶ୍ୟ ଏକଥା ସତ ଯେ ନିୟମିତ ମରାମତି ଓ ଆଧୁନିକୀକରଣର ବ୍ୟୟଭାରକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। କୋଭିଡ ପରେ ଏହା ପ୍ରଥମ ଯାତ୍ରୀଭଡ଼ା ବୃଦ୍ଧି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଯାତାୟାତ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯାତ୍ରୀଭଡ଼ା ବିମାନ ଯାତ୍ରାର ଦେୟଠାରୁ ସାମାନ୍ୟ କମ୍ ହୋଇଥିବାରୁ ଆଜିକାଲି ବିମାନଯାତ୍ରାକୁ ପସନ୍ଦ କରୁଛନ୍ତି ଉଚ୍ଚବର୍ଗର ଯାତ୍ରୀ। ତେଣୁ ଯାତ୍ରୀଭଡ଼ା ବୃଦ୍ଧି ନିଷ୍ପତ୍ତି ନେବା ପୂର୍ବରୁ ସଂସଦୀୟ କମିଟି ଏନେଇ ପର୍ଯ୍ୟାପ୍ତ ବିଚାର ଆଲୋଚନା କରିବାର ଥିଲା।

ଯାତାୟାତର ବ୍ୟୟଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ରେଳଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସେ ଦୃଷ୍ଟିରୁ ବିଚାର କଲେ, ରେଳବାଇକୁ ଆମେ ଦେଶର ଜୀବନରେଖା ରୂପେ ଗ୍ରହଣ କରିଥାଉ। କିନ୍ତୁ ଏଥିସହ ସଂଶ୍ଳିଷ୍ଟ ମୌଳିକ ସେବା ବା ସୁବିଧା ସୁଯୋଗ ଯେ ଆଶାନୁରୂପ ହୋଇପାରି ନାହିଁ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ବର୍ଦ୍ଧିତ ଯାତ୍ରୀ ଭଡ଼ାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଲା, ସାଧାରଣ ଶ୍ରେଣୀରେ ୫ ଶହ କିଲୋମିଟର ଯାତ୍ରା କ୍ଷେତ୍ରରେ ଭଡ଼ା ବୃଦ୍ଧି କରାଯାଇନାହିଁ। ସେହିଭଳି ଉପନଗର ଏକକ ଯାତ୍ରୀଭଡ଼ା ଓ ସିଜିନ୍ ଟିକଟ୍‌ର ଦେୟ ଅପରିବର୍ତ୍ତିତ ରହିଛି। ଆସନ ସଂରକ୍ଷଣ ଫି, ସୁପରଫାଷ୍ଟ ସରଚାର୍ଜ ଓ ଅନ୍ୟାନ୍ୟ ଶୁଳ୍କ ବଢ଼ା ଯାଇନାହିଁ। ସାଧାରଣ ୨ୟ ଶ୍ରେଣୀ ବର୍ଗରେ ୫୦୧ ରୁ ୧୫୦୦ କିଲୋମିଟର ଯାତାୟତ କ୍ଷେତ୍ରରେ ଭଡ଼ା ୫ ଟଙ୍କା, ୧୫୦୧ରୁ ୨୫୦୦ କିଲୋମିଟର ପିଛା ୧୦ ଟଙ୍କା ଏବଂ ୨୫୦୧ରୁ ୩୦୦୦ କିଲୋମିଟର ପର୍ଯ୍ୟନ୍ତ ଯାତାୟାତରେ ଭଡ଼ା ୧୫ ଟଙ୍କା ବଢ଼ିଛି। ଏହାଛଡ଼ା ସ୍ଲିପର ଓ ପ୍ରଥମ ଶ୍ରେଣୀର ଯାତ୍ରୀଭଡ଼ା କିଲୋମିଟର ପିଛା ୦.୫ ଟଙ୍କା ବଢ଼ିଥିବାର ଜଣାପଡ଼ିଛି। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତାୟତ ସକାଶେ ଯାତ୍ରୀଭଡ଼ା କିଲୋମିଟର ପିଛା ୧ ପଇସା ବଢ଼ିଛି। ତେବେ ଶୀତତାପ ନିୟନ୍ତ୍ରିତ ବର୍ଗରେ ଯାତାୟତ ସକାଶେ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ାଯାଇଛି। ଏହି ବର୍ଦ୍ଧିତ ଭଡ଼ା ସହ ଯାତ୍ରୀଙ୍କୁ ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ରେଳ ଓ ବିମାନ ଯାତ୍ରାର ତୁଳନାତ୍ମକ ଭଡ଼ା ସଂପର୍କରେ ପର୍ଯ୍ୟାଲୋଚନା କଲାବେଳେ କେବଳ ଏତିକି କୁହାଯାଇପାରିବ ଯେ ବିମାନ ସେବା ଏବେ ମଧ୍ୟ ଦେଶର ସବୁ ଅଞ୍ଚଳକୁ ଉପଲବ୍ଧ ନୁହେଁ। ତେବେ ବର୍ଦ୍ଧିତ ଭଡ଼ାକୁ ବିଚାର କଲେ ଯେକୌଣସି ଯାତ୍ରୀ ସମୟ ଅପଚୟକୁ ଏଡ଼ାଇ ଯିବା ସକାଶେ ବିମାନ ଯାତ୍ରାକୁ ଅଧିକ ପସନ୍ଦ କରିବ। ରେଳ ମନ୍ତ୍ରଣାଳୟକୁ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଅଧିକ ପ୍ରତିଯୋଗୀକ୍ଷମ କରିବା ପାଇଁ ମୌଳିକ ସୁବିଧାସୁଯୋଗର ଉନ୍ନତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଏତେ ଅବ୍ୟବସ୍ଥା ସତ୍ତ୍ୱେ ଯାତାୟତ ପାଇଁ ରେଳବାଇ ଉପରେ ନିର୍ଭରଶୀଳତା ବଢ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ରେଳଯାତ୍ରୀଙ୍କ ସଂଖ୍ୟା ୭୧୫ କୋଟି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିନା ସଂରକ୍ଷଣ ସୁବିଧାରେ ଯାତାୟତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୬୩୪ କୋଟି। ଆର୍ଥିକ ଦୃଷ୍ଟିରୁ ବିଚାର କଲେ ସମାଜର ନିମ୍ନବର୍ଗର ଲୋକେ ସାଧାରଣ ବର୍ଗରେ ଯାତାୟତ କରିବାକୁ ବାଧ୍ୟ ହୋଇଥା'ନ୍ତି। ଯେଉଁବର୍ଗରେ କି ଶୌଚାଳୟ ସୁବିଧା ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ଏପରିକି ଟ୍ୟାପରେ ଜଳ ପ୍ରବାହର ଅନିୟମିତତା ସକାଶେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ। ବଗିର କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ଯାତାୟତ କରୁଥିବାରୁ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଆମ ବିପୁଳ ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ରେଳଯାତ୍ରା ଉପରେ ନିର୍ଭରଶୀଳ। ତେଣୁ ପ୍ରତିବର୍ଷ ରେଳବଜେଟ ଉପସ୍ଥାପନ ବେଳେ ଦେଶର ବିଭିନ୍ନ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଧାନ୍ୟ ଦିଆଯାଉଛି। ସେହି ଅନୁପାତରେ ବିଭିନ୍ନ ଟ୍ରେନର ରହଣି ଏବଂ ସ୍ଥଳବିଶେଷରେ ନୂଆ ରେଳ ଷ୍ଟେସନ ସକାଶେ ଦାବି ମଧ୍ୟ ହେଉଛି। କିନ୍ତୁ ଯାତ୍ରୀଙ୍କ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ସେଦିଗରେ ଏପର୍ଯ୍ୟନ୍ତ ଆଖିଦୃଶିଆ କାମ ହୋଇପାରିନାହିଁ। ବହୁ ଅବ୍ୟବସ୍ଥା ଓ ଅନିୟମିତତାରେ ପରିଚାଳିତ ରେଳବାଇକୁ ସୁଧାରିବାରେ ଆବଶ୍ୟକତା ପ୍ରତି ଯେଉଁମାନେ ଦୃଷ୍ଟି ଦେବା କଥା ସେମାନଙ୍କ ଯାତାୟତର ମାଧ୍ୟମ ବିମାନ ହୋଇଥିବାରୁ ପ୍ରକୃତ ସ୍ଥିତି ସଂପର୍କରେ ସେମାନେ ଯେ କେତେଦୂର ଅବଗତ ସେ ନେଇ ସନ୍ଦେହ ରହିଛି। ଯେତେଦୂର ମନେହୁଏ ରେଳବାଇର ଉଚ୍ଚ ଓ ନିମ୍ନବର୍ଗର କର୍ମଚାରୀଙ୍କୁ ବାଦ ଦେଲେ ମଧ୍ୟମ ବର୍ଗର ତଦାରଖକାରୀଙ୍କ ଅଭାବ ନିଯୁକ୍ତି ସଙ୍କୋଚନର ଅନ୍ୟ ଏକ ଦିଗ, ଯାହାକି ପରିଲକ୍ଷିତ ଅସଜଡ଼ା ପରିସ୍ଥିତି ପାଇଁ ଅନେକାଂଶରେ ଦାୟୀ।

ବର୍ଦ୍ଧିତ ଯାତ୍ରୀଭଡ଼ା ଯେ ଅସହନୀୟ ସ୍ଥିତି ସୃଷ୍ଟି କରିଛି ଏକଥା ନୁହେଁ, ତେବେ ସର୍ବନିମ୍ନ ସୁବିଧା ସୁଯୋଗ ଅଭାବ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଥିବା ଅସନ୍ତୋଷକୁ ଏହି ଭଡ଼ା ବୃଦ୍ଧି ବହୁଗୁଣିତ କରିବ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶୀତତାପ ନିୟନ୍ତ୍ରିତ ବଗିର ଯାତ୍ରୀଭଡ଼ାଠାରୁ ୩.୫ ପ୍ରତିଶତ ଏବଂ ସାଧାରଣ ବର୍ଗର ରେଳଯାତ୍ରୀଙ୍କଠାରୁ ୩୯ ପ୍ରତିଶତ ଅତିରିକ୍ତ ରାଜସ୍ୱ ଆଦାୟ ହେବ। ଚଳିତ ବିତ୍ତବର୍ଷରେ ରେଳବାଇର ପୁଞ୍ଜିନିବେଶ ଅପରିବର୍ତ୍ତିତ ରହିଛି। ରାଜସ୍ୱ ଅଭାବରୁ ନୂଆ ରେଳଲାଇନ ନିର୍ମାଣ ଓ ମରାମତି କାର୍ଯ୍ୟରେ ଶିଥିଳତା ପରିଲକ୍ଷିତ ହୋଇଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାର ଏହା ଅନ୍ୟତମ ଏକ କାରଣ। ତଥାକଥିତ ସୁପରଫାଷ୍ଟ ଟ୍ରେନର ଗତିଶୀଳତା ମଧ୍ୟ ହ୍ରାସ ପାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଯାତାୟତ କରୁଥିବା ଟ୍ରେନ ପାଇଁ ଅତିଷ୍ଠ ରେଳଯାତ୍ରୀ। ଏହାକୁ ଯଦି କେହି ରେଳବାଇର ଗତି ଓ ପ୍ରଗତିରେ ବାଧକ କୁହେ ତେବେ ତାହାକୁ ଭୁଲ କହିବା ମଧ୍ୟ ଅସମୀଚୀନ ହେବ।

## ଆଧୁନିକତା ବନାମ ଆଧୁନିକ ସାହିତ୍ୟ

**ପ୍ରଫୁଲ୍ଲ କୁମାର ସାହୁ**

ବାସ୍ତବରେ ଆଧୁନିକତା ହେଉଛି ଏକ ନୂତନ ଦୃଷ୍ଟିକୋଣ। କୌଣସି କାଳଖଣ୍ଡ ଆଧୁନିକ ନୁହେଁ। ଆମେ ଶୁଣିଛେ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କ ସମୟରେ ଆଧୁନିକ ଥିଲେ। ଏହି ଦୃଷ୍ଟିକୋଣ ଯେତେବେଳେ ଜୀବନରେ ଆସେ ସେତେବେଳେ ଜୀବନ ଆଧୁନିକ ପାଲଟିଯାଏ ଏବଂ ଯେତେବେଳେ ସାହିତ୍ୟରେ ପ୍ରବେଶ କରେ ସେତେବେଳେ ଆମେ କହୁ ଆଧୁନିକ ସାହିତ୍ୟ। ସମାଜ ଜୀବନରେ ଏକ ନିରନ୍ତନ ପ୍ରବାହ ଅଛି ଏବଂ ସମାଜ ସହିତ ବ୍ୟକ୍ତି ଜୀବନର ମଧ୍ୟ ଏକ ପ୍ରଭାବ ଅଛି। ଯେତେବେଳେ ସମାଜ ଜୀବନରେ ପରିବର୍ତ୍ତନ ଆସେ ସେତେବେଳେ ବ୍ୟକ୍ତି ଜୀବନକୁ ରୂପାନ୍ତରିତ ହୁଏ। ବେଳେବେଳେ ଏମିତି ମଧ୍ୟ କିଛି ବ୍ୟକ୍ତି ଆସନ୍ତି, ଯିଏ ସମାଜକୁ ପରିବର୍ତ୍ତନ ବା ପ୍ରଭାବିତ କରିଥା'ନ୍ତି। ଯେତେବେଳେ ସମାଜ ଦ୍ୱାରା ବ୍ୟକ୍ତି ପ୍ରଭାବିତ ହୁଏ, ତା'କୁ ଆମେ ପରମ୍ପରା, ସଂସ୍କୃତି ଆଦି ନାମରେ ନାମିତ କରୁ। ପୁଣି ଯେତେବେଳେ ବ୍ୟକ୍ତି ସମାଜକୁ ପ୍ରଭାବିତ କରେ ସେତେବେଳେ ଆମେ କହୁଛେ ଆଧୁନିକ। ସେହିପରି ଗୋଟାଏ କାଳଖଣ୍ଡରେ ବାସ କରୁଥିଲେ ମଧ୍ୟ ସବୁସ୍ଥାନର ବୈଶ୍ୱିକ ପରିବେଶ ଅଲଗା। ତେଣୁ ଆଧୁନିକତାର ଭିତ୍ତିଭୂମି ମଧ୍ୟ ଅଲଗା ଅଲଗା।

ଆମେ ପଢ଼ିଛେ ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ଶିଳ୍ପ ବିପ୍ଳବରୁ ଆଧୁନିକତାର ଆରମ୍ଭ। ଟେଲିଫୋନ, ଷ୍ଟିମଇଞ୍ଜିନ ଇତ୍ୟାଦିର ଉଦ୍ଭାବନରେ ମନ୍ଦିର, ମସଜିଦ, ଗିର୍ଜା, ଚର୍ଚ୍ଚ ସଂସ୍କୃତିରୁ ଜୀବନ ଆସିଲା ଶିଳ୍ପ ଓ ବିଜ୍ଞାନ ସଂସ୍କୃତିକୁ। ଯେଉଁ ସମୟରେ ୟୁରୋପରେ ଶିଳ୍ପର ବିକାଶ ଚାଲିଥିଲା ସେହି ସମୟରେ ଆମେ ବଳଦ ଗାଡ଼ିକୁ ଆମର ଆଧୁନିକତା କହୁଥିଲେ। ତେଣୁ ୟୁରୋପର ଯାହା ଆଧୁନିକତା ଆମର ତାହା ଆଧୁନିକତା ନୁହେଁ। ଏଠି ନବଜାଗରଣ ଓ ଆଧୁନିକତା ଆସିଛି ନଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ, ଭାଷା ସୁରକ୍ଷାର ଆନ୍ଦୋଳନ ଭିତରୁ, ବ୍ରାହ୍ମ ଧର୍ମ, ମହିମା ଧର୍ମ, ଅଲେଖ ଧର୍ମ ଭିତରୁ। ଗୌରୀ ଶଙ୍କର ରାୟ, ରାମ ଶଙ୍କର, ଫକୀର ମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଶିକ୍ଷୋଦ୍ୟୋଗୀ ଏବଂ ଉତ୍କଳ ଦୀପିକା, ସମ୍ବାଦ ବାହିକା ଗୋଟେ ଗୋଟେ ଆଧୁନିକତାର ଉତ୍ପାଦ। ଯଦି ଏସବୁ ନଥା'ନ୍ତା ଓଡ଼ିଶାରେ ନବଜାଗରଣ ଆସି ନ ଥା'ନ୍ତା।

ଆଧୁନିକର ଦୁଇଟି ରୂପ ଅଛି - ବାହ୍ୟ ଓ ଅନ୍ତ। ଆମେମାନେ ବାହ୍ୟରୂପର ଆଧୁନିକତାକୁ ଅଧିକ ଗୁରୁତ୍ୱ ଦେଇଛେ। ତାରକାମାନେ ଚିରା ପୋଷାକ କିମ୍ବା ଚଷମା ପିନ୍ଧିଲେ ତାଙ୍କୁ ଅନୁକରଣ କରି ଆମେ ଚିରା ପୋଷାକ ଓ ରାତିରେ ମଧ୍ୟ କଳାଚଷମା ଓ ଟୋପି ପିନ୍ଧୁଛନ୍ତି। ଏ ହେଉଛି ବାହ୍ୟ ଆଧୁନିକତା। ଏହା ମଣିଷର ଅନ୍ତଃଚେତନାକୁ ପ୍ରଭାବିତ କରେ ନାହିଁ। ବ୍ୟକ୍ତିର ଅନ୍ତଃଚେତନାର ଅନ୍ଧାରକୁ ଆଲୋକିତ କରିବା ହେଉଛି ଚେତନାର ଆଧୁନିକତା। ଅନ୍ତଃଚେତନାର ଅନ୍ଧାର ସେତେବେଳେ ଆଲୋକିତ ହେବ ଯେତେବେଳେ ଆଧୁନିକତାର ଅନ୍ତରୂପ ବିକଶିତ ହେବ। ଯେତେବେଳେ ଗୋଟିଏ ଶମ୍ବାଳୁଆ ପ୍ରଜାପତିରେ ପରିବର୍ତ୍ତନ ହେବ। ଯେତେବେଳେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି ଜଣେ ଡାକ୍ତରଖାନାକୁ ଯିବ।

ଆଧୁନିକତା ଅନ୍ତଃଚେତନାରେ ଆସେ। ଓଡ଼ିଆ ସମାଜରେ ଜଣେ କନ୍ଧ କବି କହିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିନଥିଲା। ଏହି ମହାନ ବ୍ୟକ୍ତିତ୍ୱ ପାଇଁ ହିଁ ଓଡ଼ିଆରେ ମଣିଷର ଜୀବନ ପାଇଁ ସାହିତ୍ୟ ଲେଖା ଆରମ୍ଭ ହେଲା। ଏଡ଼େ ବଡ଼ କବିମାନଙ୍କ ପାଟିରୁ ମଣିଷ ପାଇଁ ପଦେ କବିତା ବାହାରି ନଥିଲା। ଲାବଣ୍ୟବତୀର ଓଠରୁ ଖସିପଡୁଥିବା ମହୁ ବୁନ୍ଦାରେ ପିମ୍ପୁଡ଼ି ଧାର ଧାର ଲାଗିଯାଉଥିଲା। ସଂସ୍କୃତ ରସିକ ପଣ୍ଡିତମାନେ ଲାବଣ୍ୟବତୀ ଚିତ୍ତରେ ବାଃ ବାଃ ହେଉଥିଲେ। ମଲ୍ଲିମାଳ ଶ୍ୟାମକୁ ଦେବା ପାଇଁ କବିମାନେ ବ୍ୟସ୍ତ ହେଉଥିଲେ। କେଉଁଠି ଥିଲା ଧାନ କାଟୁଥିବା ସ୍ତ୍ରୀ ଲୋକର କଥା? କେଉଁଠି ଥିଲା ଗରିବ ଲୋକର କଥା, କେଉଁଠି ଥିଲା ଖୁଦ ରଙ୍କୁଣି ମାଆର ଆତୁର ଚିତ୍କାର? ମହିମା ଗୋସ୍ୱାମୀ ବୁଝାଇ ଦେଲେ। ଈଶ୍ୱର ନିରାକାର ଅଣାକାର କହି କପିଳାସର ଶିଖରରେ ବସି ଅଗ୍ନିର ଧୂନିରେ ଜାଳିଦେଲେ ଜାତି, ବର୍ଣ୍ଣ, ଆଭିଜାତ୍ୟର ଗରିମା। ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଯଥାକ୍ରମେ ବ୍ରାହ୍ମସମାଜ ଗଠନ କରି କଲିକତାରେ ଯେଉଁ ବିକାଶର ମଡେଲ ଥୋଇଦେଲେ ସେହି ସଂସ୍କାରକୁ ମଧୁସୂଦନ ଓଡ଼ିଶା ଆଣିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରୁ କୁସଂସ୍କାର, କୁନୀତି, ଅନ୍ଧବିଶ୍ୱାସକୁ ସାହିତ୍ୟ ଧାରାରେ ବଦଳେଇବା। ୟୁରୋପର ଆଧୁନିକତା ଥିଲା ଯାନ୍ତ୍ରିକ ଆଧୁନିକତା, କିନ୍ତୁ ଓଡ଼ିଶାର ଆଧୁନିକତା ଥିଲା ଆଧ୍ୟାତ୍ମିକ ଆଧୁନିକତା। ଏହି କବିମାନେ, ଏହି ସନ୍ଥମାନେ ଓଡ଼ିଶାର ଜୀବନଧାରଣା ପ୍ରଣାଳୀରେ ପରିବର୍ତ୍ତନ ଆଣିଲେ।

ଆମ ସାହିତ୍ୟର ପୃଷ୍ଠଭୂମି ୟୁରୋପର ନବଜାଗରଣ ନୁହେଁ, ଆଧୁନିକ ଚେତନାର ପୃଷ୍ଠଭୂମି। ଗୋଟିଏ ପରମ୍ପରା, ପରିବେଶ, ପାଣିପାଗ, ଭୂଗୋଳକୁ ନେଇ ଆଧୁନିକତା ଆସିଥାଏ। ଆଧୁନିକତା ଗୋଟେ ଚେତନା, ଏକ ଦୃଷ୍ଟିକୋଣ, ଏକ ଜାଗରଣ, ବଞ୍ଚିବାର ଏକ କଳା। ବ୍ୟକ୍ତିତ୍ୱ ନିର୍ମାଣ ହିଁ ଆଧୁନିକ। ସଂସ୍କାରିତ, ସାହାଯ୍ୟକାରୀ, ସମ୍ବେଦନଶୀଳ, ଉଦାର, ପ୍ରଶସ୍ତ ବ୍ୟକ୍ତିତ୍ୱ ହେଉଛି ଆଧୁନିକ ବ୍ୟକ୍ତିତ୍ୱ। ତେଣୁ ଆଧୁନିକ ହେବା ଏକ ସହଜ କଥା ନୁହଁ। ଆଧୁନିକ ମଣିଷ ଲାବଣ୍ୟବତୀର ହସକୁ ଯେତିକି ଗୁରୁତ୍ୱ ଦିଏ ସେତିକି ଖୁଦ ରଙ୍କୁଣୀ ମାଆର ଆତୁର ଚିତ୍କାରକୁ ମଧ୍ୟ ଦିଏ। କାହିଁକି ରାଧାନାଥଙ୍କୁ ଆମେ ଆଧୁନିକ କହୁଛେ? କାରଣ ରାଧାନାଥ ବହିରେ ଲୁହ ଆଣିଲେ। ସାହିତ୍ୟରେ ରାଧାନାଥଙ୍କ ସବୁ କାବ୍ୟନାୟିକା ମରିଗଲେ। ଯେଉଁ ଦେଶରେ ଲାବଣ୍ୟବତୀ ଚନ୍ଦ୍ରଭାନୁ ନିମିତ୍ତ ବିରହରେ ଛଟପଟ ହେଉଥିଲେ ସେଠି ରାଧାନାଥ ତାଙ୍କ କାବ୍ୟନାୟିକାମାନଙ୍କୁ ମାରିଦେଉଛନ୍ତି କ'ଣ ପାଇଁ? ଏ ହେଉଛି ବାସ୍ତବ ଦୃଷ୍ଟିକୋଣ।

ଜୀବନ ପାଇଁ କଳା ସାହିତ୍ୟ କଳ୍ପନା ରାଜ୍ୟରେ ବିଚରଣ ନକରି ଜୀବନର କଥା କହିବ। ରିକ୍ସାବାଲା ପିଠିରେ ଝରିଯାଉଥିବା ସ୍ୱେଦର କଥା କହିବ। ଛେଳି ଚରାଉଥିବା ତଅପୋଇର କଥା କହିବ। କବିତାର ଧାରା ବଦଳିବ ସାହିତ୍ୟର ଦୃଷ୍ଟିକୋଣ ମଧ୍ୟ ବଦଳିବ। ମଣିଷ ଗୋଟିଏ ଓଠରେ ହସେ, ଦୁଇଟି ଆଖିରେ କାନ୍ଦେ। ଜୀବନରେ ପ୍ରତିଟି ହସର ମୂଲ୍ୟ ଦୁଇ ବୁନ୍ଦା ଲୁହ ଦେଇକି ଶୁଝିବାକୁ ପଡ଼େ। ଅନ୍ୟର ଲୁହକୁ ବୁଝିବା ହେଉଛି ଆଧୁନିକତା। ଯେଉଁ ସାହିତ୍ୟରେ ଲୁହର କଥା, କରୁଣ ଚିତ୍କାରର ବେଦନା, ବାସ୍ତବର କଥା, ସଂଘର୍ଷର କଥା ରହିଲା ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ।

ସମକାଳୀନ ସମାଜରେ ଘଟୁଥିବା ଘଟଣାବଳୀର ବାସ୍ତବ ବର୍ଣ୍ଣନା ହିଁ ଆଧୁନିକ ସାହିତ୍ୟ। ତେଣୁ ଆମ ଓଡ଼ିଆ ଆଧୁନିକତାର ଗୋଟେ ସ୍ୱଦେଶୀ ରୂପ ଅଛି। ସବୁ କଥାକୁ ୟୁରୋପ ସହିତ ତୁଳନା କଲେ ହେବନାହିଁ। ତାଙ୍କର ଯେତେବେଳେ ଲେଖା ହେଉଥିଲା 'ଲଭ୍ ସଙ୍ଗ ଅଫ୍ ଜାଲ୍‌ଫ୍ରେଡ୍ ପ୍ରୁଫ୍ରକ୍' ଆମର ନନ୍ଦ କିଶୋର ବଳ ଲେଖୁଥିଲେ 'ଲୁଲୁ ପାଇଁ ନାନା ବାୟା' ଗୀତ। ଆମ ସାହିତ୍ୟର ଧାରା ଭିନ୍ନ। ଓଡ଼ିଆ ଆଧୁନିକତା ଯାହାକୁ ଆମେ ନବଜାଗରଣ ବୋଲି କହୁଛେ, ସେଠି ଆମେ ଦେଖିଛେ ପଦ୍ମାବତୀ, ବାବାଜୀ, ରେବତୀ, ଛ' ମାଣ ଆଠ ଗୁଣ୍ଠ, ବିବାସିନି, ବିବେକୀ, ରାଣ୍ଡି ପୁଅ ଅନନ୍ତା। ଏଗୁଡ଼ିକ ସମକାଳୀନ ସମାଜର ସାହିତ୍ୟ ବା ଆଧୁନିକତାର ପରିଚୟ। ଏଥିରୁ ପୁଣି ଖୋଜାପଡ଼ିବ ଯୁଗସ୍ରଷ୍ଟା କିଏ? ଯୁଗ ସ୍ରଷ୍ଟା ସିଏ, ଯିଏ ଲେଖିଛି ବାସ୍ତବତାର କରୁଣ ଚିତ୍କାର ଲୁହ ଆଉ ସ୍ୱେଦର କାହାଣୀ। ଯେଉଁ ସାହିତ୍ୟ ସମାଜର କଥା କହେ ଯେଉଁ ସାହିତ୍ୟ ଗଣମଣିଷ ଓ ତୃଣମୂଳସ୍ତରର କଥା କହେ, ତାହା ଆଧୁନିକ ସାହିତ୍ୟ, ସେ ସ୍ରଷ୍ଟା ଆଧୁନିକ।

ଆଧୁନିକ ଏକ ଯୁଗ ନୁହେଁ, ଏକ ସ୍ରୋତ। ଏହି ସ୍ରୋତରେ ହୁଏତ କିଛି ଯୁଗ ଚଳିଯାଇପାରେ। ସାରଳାଯୁଗ, ମଧ୍ୟଯୁଗ, ପଞ୍ଚସଖା ଯୁଗ ପରେ ଆଧୁନିକ ସାହିତ୍ୟ ଏକ ଚେତନା। ଏ ଚେତନାରେ ଗୋପବନ୍ଧୁ ଆସିଲେ, ଦେଲେ ସତ୍ୟବାଦୀ ଚେତନା। ଆସିଲା ସବୁଜ ଓ ପ୍ରଗତିଶୀଳ ଚେତନା। ଆଧୁନିକ ଏକ ନଈ, ଯେଉଁଠି ପ୍ରବାହିତ ହୁଏ ଦିଗନ୍ତ ଚେତନାର ସୁଅ।

ହୁମ୍ମା(ଗଞ୍ଜାମ), ମୋ: ୭୮୫୩୯୮୬୯୯୭

## ବନୀକରଣର ଆନ୍ତରିକତାରେ ପ୍ରଶ୍ନବାଚୀ

**ଡ.ମନୋଜ କୁମାର ମହାନ୍ତି**

ଅଧୁନା ପରିବେଶର ଅବନତି ବିଶ୍ୱର ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଜୀବଜଗତ; ବିଶେଷ କରି ମାନବଜାତିର ଅସ୍ତିତ୍ୱ ନଷ୍ଟ ହେଇଯିବ ଯଦି ପରିବେଶ ପ୍ରତି ଅମାନବୀୟ ଅତ୍ୟାଚାରକୁ ନିୟନ୍ତ୍ରଣ କରା ନ ଯିବ। ନିକଟରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟସ୍ଥ କାଞ୍ଚନ ଗୋଚିୱାଲରେ ଅବସ୍ଥିତ ୪୦୦ଏକର ପରିଧି ବିଶିଷ୍ଟ ଜଙ୍ଗଲକୁ ରାତିର ଅନ୍ଧାରରେ ଉଚ୍ଛେଦ ପାଇଁ ସରକାରଙ୍କ ପଦକ୍ଷେପ ପରିବେଶକୁ ବୀଭତ୍ସ କରିବାର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଅନୁଗୁଳ ଓ ଢେଙ୍କାନାଳର ଫୁସଫୁସ୍ କୁହାଯାଉଥିବା ଛେଣ୍ଡିପଦାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ୯ କୋଟି ବୃକ୍ଷଛେଦନ କରି ୩୫ଟି କୋଇଲାଖଣି ଖନନ ପାଇଁ କେନ୍ଦ୍ରସରକାରଙ୍କ ପ୍ରୟାସର ପରବର୍ତ୍ତୀ ଫଳାଫଳ କ'ଣ? ବଲାଙ୍ଗୀର ଜିଲ୍ଲାର ରାମାୟଣ ପ୍ରସିଦ୍ଧ ଗନ୍ଧମର୍ଦ୍ଦନ ପାହାଡ଼କୁ ନିଲାମ ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସ୍ଲୋଗାନ, ପୁଣି ଅନ୍ୟପଟେ ରାସ୍ତାର ଦୁଇପାର୍ଶ୍ୱରୁ ଦୀର୍ଘବର୍ଷ ଧରି ଛାୟାପ୍ରଦାନପୂର୍ବକ ଶୁଦ୍ଧ ଅମ୍ଳଜାନ ବାଣ୍ଟୁଥିବା ବୃକ୍ଷଲତାକୁ ଛେଦନ କରି ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବାର ବିଧିବଦ୍ଧ ଯୋଜନା ହାସ୍ୟାସ୍ପଦ ନୁହେଁ କି? ଶହଶହ ବର୍ଷଧରି ଛିଡ଼ା ହୋଇଥିବା ଘଞ୍ଚ ଜଙ୍ଗଲକୁ କାଟି ତା' ପରିବର୍ତ୍ତେ ରାସ୍ତା କଡ଼ରେ ଗଛଟିଏ ଲଗାଇବା କେଉଁ ମହାନତାର କାମ? ଦୀର୍ଘଦିନର ଦଣ୍ଡାୟମାନ ଦ୍ରୁମରେ ଥିବା ଉପାଦେୟତା ନିକଟରେ ସଦ୍ୟରୋପିତ ବୃକ୍ଷ କେତେଦୂର ଫଳପ୍ରଦ ଥରେ ବିଚାରକୁ ନିଆଯାଉ।

ପ୍ରତିବର୍ଷ ବନ ମହୋତ୍ସବରେ ବୃକ୍ଷରୋପଣ କରାଯାଉଛି ସତ, କିନ୍ତୁ ତା'ର ତତ୍ତ୍ୱାବଧାନ ସଠିକ ଭାବେ କରାଯାଉନାହିଁ। ରାସ୍ତାର କେଉଁ କଡ଼ରେ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇବା ବେଳେ ଯେଉଁ ମାତୃତ୍ୱର ସମ୍ମାନରେ ପ୍ରଚାର ପ୍ରସାର କରାଯାଏ, ପରବର୍ତ୍ତୀ ସମୟରେ ସେହି ମା'ର ସଠିକ ଯତ୍ନ ନିଆଯାଏ ତ? ଉଚ୍ଚ ପଦସ୍ଥ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯେଉଁ ଆନ୍ତରିକ ଉଦ୍ୟମରେ ବର୍ଷକୁବର୍ଷ ଗଛଟିଏ ପୋତି ଚାଲନ୍ତି, ତା'ର ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରନ୍ତି?

ମାଟିର ଅସ୍ତିତ୍ୱ ସହ ମଣିଷ ଖେଳିଚାଲିଛି। କେତେବେଳେ ତା' ଛାତିଚିରି ବୁର୍ଜଖଲିଫା ତ କେତେବେଳେ ଖଣିଖାଦାନର ଗଚ୍ଛିତ ସମ୍ପଦକୁ ପାଇବା ଲକ୍ଷ୍ୟରେ ତା'କୁ ଧ୍ୱଂସବିଧ୍ୱଂସ କରିବାରେ ଲାଗି ପଡ଼ିଛି। ଶିଳ୍ପ, ରାସ୍ତାଘାଟ, ବନ୍ଧବାଡ଼ ଓ ଉଚ୍ଚଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ବିକାଶର ପତାକା ଉଡ଼େଇବାକୁ ମଣିଷ ବ୍ୟତିବ୍ୟସ୍ତ। ମନୁଷ୍ୟ ଦ୍ୱାରା ସୃଷ୍ଟ ଦୈନିକ ଘରୋଇ ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯାଉଛି କୁଆଡ଼େ? ଉଭୟ ଶିଳ୍ପ ଓ ସହର ବର୍ଜ୍ୟବସ୍ତୁ ବର୍ଷବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ି ରହି ମାଟି ଓ ପରିବେଶକୁ ପ୍ରଦୂଷଣ କରିଚାଲିଛି, ଯାହା ପ୍ରତ୍ୟେକ ସହରର ଏକ ପ୍ରମୁଖ ସମସ୍ୟା। ମାଟି, ପାଣି, ପବନ ଓ ଜଙ୍ଗଲ ପରିବେଶର ମୁଖ୍ୟ ଉପାଦାନ। ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଥିବା ମଣିଷ ବିକାଶ ଓ ପ୍ରଗତିର ମାର୍ଗରେ ପଥିକ ହୋଇ ସୃଷ୍ଟିକୁ ତା' ନିଜହାତରେ ନୂତନ ରୂପ ଦେବାରେ ବ୍ୟସ୍ତ।

ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ସାହାରା ନେଇ ସେ ମଣିଷ ଜୀବନର ମାନଦଣ୍ଡକୁ ଉନ୍ନତ କରିବାରେ ସତପ୍ରଚେଷ୍ଟା କିଛି ଖରାପ କଥା ନୁହେଁ। ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ଭାବେ ବିଶ୍ୱରେ ଉପସ୍ଥାପିତ କରିବାକୁ ହେଲେ ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗକୁ ଧ୍ୟାନଦେବା ଜରୁରୀ। ଶିଳ୍ପ ପ୍ରତିଷ୍ଠା ହେଲେ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ବିଶ୍ୱ ଭୌଗୋଳିକ ମାନଚିତ୍ରର ସୁନ୍ଦର ସବୁଜିମାକୁ ଆମେ କଦର୍ଯ୍ୟ ଓ ଧୂଳିଧୂସରିତ କରୁନାହାନ୍ତି ତ? ବିଶ୍ୱ ପ୍ରଦୂଷଣ ସର୍ବେକ୍ଷଣ ଅନୁସାରେ ଭାରତର ୧୩ଗୋଟି ସହର ସମ୍ପୂର୍ଣ୍ଣ ପ୍ରଦୂଷିତ। ସେଥିମଧ୍ୟରୁ ଆସାମ ଓ ମେଘାଳୟ ମଧ୍ୟରେ ଥିବା ବ୍ରିନାହାଟ ଭାରତର ପ୍ରମୁଖ ପ୍ରଦୂଷିତ ସହରଭାବେ ବିଶ୍ୱ ଦରବାରରେ ପରିଚିତ। ଭାରତର ରାଜଧାନୀ ଦିଲ୍ଲୀର ପରିବେଶ ବିଗତ ଦିନରୁ ଏପର୍ଯ୍ୟନ୍ତ ସୁଧୁରିବାରେ କୌଣସି ସଙ୍କେତ ଦେଖାଯାଉ ନାହିଁ। ସଚେତନ କାର୍ଯ୍ୟକ୍ରମ ଜାରି ରହିଛି।

ଆମକୁ ହୃଦୟଙ୍ଗମ କରିବାକୁ ହେବ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷ ଜୀବନ ପାଇଁ ଯେତିକି ଜରୁରୀ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ। ସୁସ୍ଥ, ନିରୋଗ ସହ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବିଶ୍ୱ ମାନବସମାଜର ଶ୍ରେଷ୍ଠ ଲକ୍ଷ୍ୟ। ବୃକ୍ଷଲତା, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶ ସହ ଜୀବଜଗତର ଆରମ୍ଭରୁ ଅବସ୍ଥାପିତ। ସେମାନେ ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ଶ୍ରେଷ୍ଠପ୍ରାଣୀ ମଣିଷ ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ସେଥିରେ ପେଶି ହୋଇଚାଲିଛନ୍ତି ମାନବଜାତି।

ନିଜର ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ଏବେ ତା'ର ମନେପଡ଼ିଛି ଏକ ସୁସ୍ଥ ଜୀବନ ଅତିବାହିତ ପାଇଁ ଏକ ସୁସ୍ଥ ସମାଜ ଓ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ସେଥିପାଇଁ ବନ ମହୋତ୍ସବ ପାଳନ କରି ଗଛ ଲଗାଇବାର ପ୍ରଚେଷ୍ଟା ଚାଲିଛି। ଖାଲି ଗଛଟିଏ ପୋତି ଫିତାକାଟି ଗଣମାଧ୍ୟମ ଆଗରେ ଭାବପ୍ରବଣତାର ଶବ୍ଦ ପରିପ୍ରକାଶ ଉପଯୁକ୍ତ ମାଧ୍ୟମ ନୁହେଁ। ଯେଉଁଠି ସଭ୍ୟସମାଜ ବୃଦ୍ଧାମାତାର ଯତ୍ନ ନ ନେଇ ବୃଦ୍ଧାଶ୍ରମକୁ ଠେଲିଦିଏ, ସେଠି ଗଛଟିକୁ କେତେ ବା ଯତ୍ନ କରିବ?

ଭଦ୍ରକ, ମୋ: ୮୮୯୫୩୪୦୩୩

## ବୈପ୍ଳବିକ ଚେତନାର ବଳିଷ୍ଠ ବାର୍ତ୍ତାବହ ଜଗନ୍ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଜଗନ୍ମୋହନ ଲାଲଙ୍କୁ କିଏ ଅବା ବିସ୍ମରି ଯିବା ସମ୍ଭବ! ସମାଜରେ ଯେଉଁ କୁସଂସ୍କାର ଲକ୍ଷ୍ୟ କରିଥିଲେ ଜଗନ୍ମୋହନ, ନାଟକ ଅଭିନୟ ଦ୍ୱାରା ତାହାର ଦୂରୀକରଣ ସମ୍ଭବ - ଏହି ବିଶ୍ୱାସ ତାଙ୍କ ମଧ୍ୟରେ ଦୃଢ଼ୀଭୂତ ହୋଇଥିବା କମ୍ ଚମକପ୍ରଦ ବିଷୟ ନୁହେଁ। ନାଟକ ଲେଖିବାର ଦୁଇବର୍ଷ ପୂର୍ବରୁ ସେ ପ୍ରତିଷ୍ଠା କରିଥିଲେ ନିଜ ଗ୍ରାମ ମାହାଙ୍ଗାରେ 'ରାଧାକାନ୍ତ' ରଙ୍ଗମଞ୍ଚ। ସେ ଏକାଧାରାରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା ଓ ପୃଷ୍ଠପୋଷକ। 'ବାବାଜୀ' ୧୮୭୭ ମସିହାରେ ରଚନା କରି ସେ ଯେଉଁ ସାମାଜିକ ଆଲୋଡ଼ନ ସୃଷ୍ଟି କରିଥିଲେ ତାହା ତାଙ୍କର ବୈପ୍ଳବିକ ଚେତନାର ଯେ ଏକ ଅଗ୍ନିସ୍ଫୁଲିଙ୍ଗ ଏହା ବାରମ୍ବାର ଉପଲବ୍ଧି କରିବାର ବିଷୟ ନିଶ୍ଚୟ। ଯେଉଁ ସମୟରେ ପୌରାଣିକ ବିଷୟ ପ୍ରତି ଦର୍ଶକମାନଙ୍କର ରହିଥିଲା ତୀବ୍ର ଆକର୍ଷଣ, ସେଇ ସମୟରେ ଏକ ସାମାଜିକ ନାଟକ ରଚନାର ପରିକଳ୍ପନା ହିଁ ହେଉଛି ତାଙ୍କର ଏକ ସୁଦୃଢ଼ ବୈପ୍ଳବିକ ପଦକ୍ଷେପ। ଜଣେ ସାଧୁ ବାବାଜୀଙ୍କର ଆଗମନ ଓ ସମାଜର ବିଭିନ୍ନ ସ୍ତରରେ ରହିଥିବା କୁସଂସ୍କାରର ଉଦ୍‌ଘାଟନ କରିଦେଇ ଏହାର ଦୂରୀକରଣ ପାଇଁ ସେ ଯେଉଁ ବାର୍ତ୍ତା ପ୍ରଦାନ କଲେ, ସେଥିରେ ରହିଥିଲା ତେଜସ୍ୱୀ ନାଟ୍ୟକାରଙ୍କ ଆତ୍ମାର ଆହ୍ୱାନ। ସେ ଜଣେ ସମାଜ ସଚେତନ ମଣିଷ ଭାବରେ କିପରି ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ବିଭିନ୍ନ ପ୍ରକାରର ଚରିତ୍ରକୁ, ଏହା ତାହାର ପ୍ରକୃଷ୍ଟ ନିଦର୍ଶନ।

ଯେଉଁ ସମୟରେ ଏ ନାଟକର ସୃଷ୍ଟି ସମ୍ଭବ ହୋଇଛି, ତାହାକୁ ଚକ୍ଷୁସମକ୍ଷରେ ରଖିଲେ, ଯାହା ପାଠକ ବା ଦର୍ଶକକୁ ଅଭିଭୂତ କରିଦିଏ, ତାହା ହେଲା ନାଟ୍ୟକାରଙ୍କ ବ୍ୟକ୍ତିତ୍ୱ। ଯାହାର ବ୍ୟକ୍ତିତ୍ୱ ଯେତିକି ବଳିଷ୍ଠ ତାଙ୍କ ନାଟକର ଅନ୍ତଃଆବେଦନ ସେତିକି ଗଭୀର ଓ ଘନିଷ୍ଠ। କିନ୍ତୁ ନାଟ୍ୟକାର ଜଗନ୍ମୋହନଙ୍କ ମର୍ଯ୍ୟାଦା ଯେପରି ଶୀର୍ଷ ସୋପାନରେ ପ୍ରତିଷ୍ଠିତ ହେବାର ଯଥାର୍ଥତା ରହିଛି, ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ନିଜେ ପ୍ରଥମେ ପରିବର୍ତ୍ତିତ ନ ହେଲେ କେବଳ ନାଟକ ରଚନା ଦ୍ୱାରା କେହି ଆଲୋଡ଼ନ ସୃଷ୍ଟି କରିଦେଇ ପାରେନା। ସମାଜକୁ ପରିବର୍ତ୍ତିତ ରୂପରେ ଦେଖିବାର ଯେଉଁ ପ୍ରତିଜ୍ଞା କରିଥିଲେ ଜଗନ୍ମୋହନ ତାହାର ବଳିଷ୍ଠ ପ୍ରତିବିମ୍ବ ହେଉଛି ତାଙ୍କ ନାଟ୍ୟ ସର୍ଜନା ଏବଂ ମଞ୍ଚରେ ତାହାର ପ୍ରାଣବନ୍ତ ଅବତାରଣା।

'ବାବାଜୀ' ନାଟକ ଲେଖିଦେଇ ସେ ସନ୍ତୁଷ୍ଟ ହୋଇନାହାନ୍ତି। ପରବର୍ତ୍ତୀ ସୃଷ୍ଟି ହେଲା ତାଙ୍କର 'ସତୀ'। ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ସ୍ୱୀକାର କରି ଯେଉଁ ସ୍ୱଦେଶୀୟ ଶାସକମାନେ ନିରୀହ ଜନତାଙ୍କ ପ୍ରତି କରୁଥିଲେ ଅକଥନୀୟ ଅତ୍ୟାଚାର ସେମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା କ'ଣ ସହଜ ବ୍ୟାପାର? ଯେଉଁ ପ୍ରତିବାଦ କରିବା ପାଇଁ ଶିକ୍ଷିତ ଗୋଷ୍ଠୀର ସୁଦ୍ଧା ନ ଥିଲା ସାମର୍ଥ୍ୟ, ଜଗନ୍ମୋହନ ସେଇ ଦୁଃସାହସିକ ବାଣୀ ସଂଯୋଜିତ କରିଛନ୍ତି ନାଟକରେ। ସମ୍ପ୍ରତି ନାରୀମୁକ୍ତିର ପାଶ୍ଚାତ୍ୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେମାନଙ୍କ ଦୃଷ୍ଟି ପ୍ରଥମେ ଆକର୍ଷିତ ହେବା ଉଚିତ ଜଗନ୍ମୋହନ ଲାଲଙ୍କ ପ୍ରତି। 'ପ୍ରୀତି', 'ବୃଦ୍ଧବିବାହ' ନାଟକ ଦୁଇଟିରେ ଓଡ଼ିଶାର ଶିକ୍ଷିତ ସମାଜକୁ ବିସ୍ମିତ ଓ ଚେତନାଦୀପ୍ତ କରିଦେବା ପାଇଁ ତାଙ୍କ ପ୍ରଚେଷ୍ଟାର ଯେ ନଥିଲା ଅନ୍ତ ତାହା ପୁନଃ ପୁନଃ ସ୍ମରଣ ଓ ସମୀକ୍ଷା କରିବା ଆବଶ୍ୟକ। ଜଣେ ନାଟ୍ୟସ୍ରଷ୍ଟାଙ୍କ ନାଟ୍ୟାଦର୍ଶ ହୋଇପାରେ କିପରି ଶକ୍ତିସଂପନ୍ନ ତାହାର ବଳିଷ୍ଠ ଉଦ୍ଭାସନ ହେଉଛନ୍ତି ଜଗନ୍ମୋହନ। ନାଟକର ମୂଳ ଆଭିମୁଖ୍ୟ ଯେ ହେଉଛି ସାମାଜିକ ପରିବର୍ତ୍ତନ ତାହା ଯେପରି ଭାବରେ ପ୍ରମାଣିତ କରିଦେଇଛନ୍ତି ଜଗନ୍ମୋହନ ତାହାର ତୁଳନା କାହିଁ? ନାଟକର ସର୍ଜନା ଥିଲା କଳ୍ପନାର ସ୍ତରରେ। ତାହା ବାସ୍ତବତାର ଭୂମିରେ ପ୍ରୋଥିତ କରିଦେଇ ସେ ସୂର୍ଯ୍ୟୋଦୟର ସଂକେତ ପ୍ରଦାନ କଲେ।

ଆଜିର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ପ୍ରାଣବାନ ଦର୍ଶକମାନେ ଏ କଥା ଜାଣିରଖିବା ଆବଶ୍ୟକ ଯେ, ଯେଉଁ ସଂସ୍କାର ଆଣିବା ପାଇଁ ଅଙ୍ଗୀକାରବଦ୍ଧ ଥିଲେ ଜଗନ୍ମୋହନ, ତାହା ନିଜ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗ କରିଛନ୍ତି। ଏହି ସତ୍ୟ ଯେପରି ପ୍ରଭାବଶାଳୀ ଭାବରେ ଉପସ୍ଥାପିତ ହେବା ଏକାନ୍ତ ଜରୁରୀ, ତାହା ହୋଇ ପାରିଛି କି? ତାଙ୍କ ସ୍ରଷ୍ଟା ମାନସ ଓ ସୃଷ୍ଟି ସମ୍ପଦର ପୁନଃ ଉପସ୍ଥାପନା ହୋଇପାରିବ ଅଧିକରୁ ଅଧିକ ଅର୍ଥଦ୍ୟୋତକ। ତାଙ୍କ ବିଧବା ସୁକନ୍ୟାଟିର ପୁନଃବିବାହ କରାଇ ସେ ସାହିତ୍ୟ ଜଗତକୁ ଆଶ୍ଚର୍ଯ୍ୟ କରିଦେଇପାଇଛନ୍ତି। ଜଗନ୍ମୋହନ ବାସ୍ତବରେ ସାମାଜିକ ପରିବର୍ତ୍ତନର ବଳିଷ୍ଠ ବାର୍ତ୍ତାବହ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପୁରୁଣା ପେନସନ୍ ବ୍ୟବସ୍ଥାରେ ରହିବାକୁ ଯନ୍ତ୍ରୀଙ୍କ ମାମଲା**

## ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର, ୨।୭ (ସମିସ): ବର୍ଷବର୍ଷ ଧରି ଠିକାରେ କାମ କରିବା ପରେ ୨୦୦୫ ଜାନୁଆରୀରେ ଯନ୍ତ୍ରୀମାନେ ନିୟମିତ ହୋଇଛନ୍ତି। ସେମାନଙ୍କୁ ୧୯୯୨ର ପୁରୁଣା ପେନ୍ସନ୍ ରୁଲ୍ ଓ ୧୯୩୮ର ଜିପିଏଫ୍ ରୁଲ୍ ପରିସରରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଥିଲେ। ଏହା ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୫ ପୂର୍ବରୁ ଠିକାରେ ଦୀର୍ଘବର୍ଷ ଧରି କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିୟମିତ କରିଥିଲେ। ଏମାନଙ୍କ ମଧ୍ୟରୁ କେତେକ ଅବସର ଗ୍ରହଣ କରି ପୁରୁଣା ପେନ୍ସନ୍ ରୁଲ୍ ଆଧାରରେ ପେନ୍ସନ, ଜିପିଏଫ୍ ଆଦି ପାଇଛନ୍ତି। ଅନ୍ୟମାନଙ୍କର ଏବେ ବି ପ୍ରତି ମାସରେ ଜିପିଏଫ୍ ଟଙ୍କା କଟୁଛି। ତେବେ ଏଣିକି ଏଭଳି ଯନ୍ତ୍ରୀମାନଙ୍କୁ ଜିପିଏଫ୍ ବ୍ୟବସ୍ଥାରୁ ବାଦ୍ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଗତମାସ ୬ ତାରିଖରେ ସମସ୍ତ ଦପ୍ତରକୁ ଚିଠି ଲେଖି ଆଉ ସେମାନଙ୍କ ମାସିକ ଜିପିଏଫ୍ ଜମା ଦରମାରୁ ନକାଟିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କ୍ଷତିଗ୍ରସ୍ତ ହୋଇ ସୁଶାନ୍ତ ମହାପାତ୍ର ନାମକ ଜଣେ ଯନ୍ତ୍ରୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଟିର ବିସ୍ତୃତ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବା ସହ ତାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ପଦକ୍ଷେପ ନ ନେବାକୁ କହିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ଷବର୍ଷ ଧରି ଠିକାରେ କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିୟମିତ କରାଯାଇଛି। ସେମାନଙ୍କ ଭିତରୁ ଅନେକ ମଧ୍ୟ ଏକାଧିକ ପଦୋନ୍ନତି ପାଇଛନ୍ତି। ଆଉ କେତେକ ଅବସର ଗ୍ରହଣ କରି ସାରିଲେଣି। ଏଭଳି ଘଟଣାରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦପ୍ତର ଆପତ୍ତି ଉଠାଇ ଗତବର୍ଷ ଡିସେମ୍ବର ୨୬ ତାରିଖରେ ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟିକରଣ ଦେଇଥିଲେ। ତାହାରି ଆଧାରରେ ଗତ ମେ୧୭ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ପତ୍ର ଲେଖି ୨୦୦୫ ଜାନୁଆରୀ ପହିଲା ପରେ ନିୟମିତ ହୋଇଥିବା ଠିକା ଯନ୍ତ୍ରୀମାନଙ୍କୁ ପୁରୁଣା ପେନ୍ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ରୁ ପରିସରରୁ ବାଦ୍ ଦେବାକୁ କହିଥିଲେ।

ଉଲ୍ଲେଖଥାଉ କି, ୨୦୦୫ ଜାନୁଆରୀ ପହିଲାରୁ ରାଜ୍ୟ ସରକାରଙ୍କ "କଣ୍ଟ୍ରିବୁଟାରୀ ପେନ୍ସନ୍ ସ୍କିମ୍' ଲାଗୁ ହୋଇଛି। ଏହି ଆଇନ୍ ଆଧାରରେ ୨୦୦୫ ଜାନୁଆରୀ ପହିଲା ପରେ ନିଯୁକ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କ ମାସିକ ବେତନରୁ କଣ୍ଟ୍ରିବୁଟାରୀ ପେନ୍‌ସନ୍ ସ୍କିମ୍‌ରେ ନିର୍ଦ୍ଧାରିତ ଅର୍ଥ ଜମା କରିବା କଥା ଏବଂ ଏହି ଆଧାରରେ ସେମାନେ ପ୍ରୋଭିଡେଣ୍ଟ ଫଣ୍ଡର ଅର୍ଥ ଫେରସ୍ତ ପାଇବା ସହ ଜମା ଅର୍ଥ ଭିତ୍ତିରେ ମାସିକ ପେନ୍‌ସନ୍ ପାଇବେ। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇବା ପରେ ସରକାର ବିଭିନ୍ନ ଦିଗ ପ୍ରସଂଗରେ ତର୍ଜମା କରୁଛନ୍ତି। ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

**ବଦଳିଲା ପିସିସି ନିର୍ଦ୍ଦେଶନାମା**

## ମଧ୍ୟବର୍ତ୍ତୀକାଳୀନ ଜିଲ୍ଲା ସଭାପତି ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୨।୭(ସମିସ): ଓଡିଶା କଂଗ୍ରେସ ଆପଣାଇବ ଗୁଜରାଟ ମଡେଲ। "ସଂଗଠନ ସୃଜନ' ମାଧ୍ୟମରେ ଜିଲ୍ଲାସଭାପତି ଚୟନ କରାଯିବ। ମାସେ ଭିତରେ ଏହି ପ୍ରକ୍ରିୟା ସରିବ ଓ ଖୁବଶୀଘ୍ର ରାଜ୍ୟର ସମସ୍ତ ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ କଂଗ୍ରେସ ଜିଲ୍ଲା ସଭାପତି ଘୋଷଣା କରିବ। ସୁପାରିସ କିମ୍ବା ଲବି ବଦଳରେ ଜିଲ୍ଲାସ୍ତରରୁ ଏଆଇସିସିର ଟିମ ଜିଲ୍ଲା ସଭାପତି ଚୟନ କରିବେ। ପଡୋଶୀ ରାଜ୍ୟ ଓ ପିସିସି ସ୍ତରର ଜଣେ ଜଣେ ନେତା ଜିଲ୍ଲା ଗସ୍ତରେ ଯିବେ। ସେମାନେ ଲଗାତାର କିଛି ଦିନ ଧରି ଜିଲ୍ଲାସ୍ତରୀୟ ସଂଗଠନର ତର୍ଜମା କରିବେ। ଏହାପରେ ସେହି ସଦସ୍ୟମାନେ ଜିଲ୍ଲାର ସଭାପତି ଓ କମିଟି ଗଠନ କିଭଳି ହେବ ତାହା ଚୟନ କରିବେ ବୋଲି ନିଷ୍ପତ୍ତି ହୋଇଛି। ୬ ରୁ ୮ ଜଣଙ୍କୁ ନେଇ ଜିଲ୍ଲା କମିଟି ଗଠନ ହେବ ବୋଲି ଜଣାପଡ଼ିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ ମଧ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାରେ ପ୍ରତିକ୍ରିୟା ଦେଇ ପିସିସିର ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବାକୁ ଏଆଇସିସି ଓଡିଶାରେ ଗୁଜରାଟ ମଡେଲ ଆପଣାଇଛି। ଗୁଜରାଟ ମଡେଲ ଦ୍ୱାରା ଜିଲ୍ଲା ସଭାପତିଙ୍କୁ ଅଧିକ କ୍ଷମତା ଦିଆଯିବ ବୋଲି କହିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରେ ଆରମ୍ଭ ହୋଇ ଏକ ମାସ ମଧ୍ୟରେ ସରିବ ବୋଲି ପିସିସି ସଭାପତି କହିଛନ୍ତି। "ସଂଗଠନ ସୃଜନ' ନାମରେ ଅଭିଯାନ ଆରମ୍ଭ କରାଯିବ। ଅନ୍ୟପଟେ ନିକଟରେ ପିସିସି ପକ୍ଷରୁ ରାଜ୍ୟର ୩୨ ଟି ସାଂଗଠନିକ ଜିଲ୍ଲା ପାଇଁ ଯେମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ଘୋଷଣା କରାଯାଇଥିଲା ସେମାନଙ୍କୁ ଏବେ "ଜିଲ୍ଲା ସଂଯୋଜକ' ଭାବେ ନାମିତ କରାଯାଇଛି। ଆଜି ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୩୨ ଟି ଜିଲ୍ଲା ପାଇଁ ସଂଯୋଜକ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି। ଦିନିକିଆ ଓଡିଶା ଗସ୍ତରେ ରାହୁଲ ଗାନ୍ଧୀ ସମାବେଶରେ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯକ୍ରମ ରହିଛି। ରାହୁଲଙ୍କ ଓଡିଶାଗସ୍ତ ନେଇ ଉତ୍ସାହିତ ଅଛନ୍ତି କଂଗ୍ରେସ କର୍ମୀ ଓ ନେତା। ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ରାହୁଲ ମୁଖ୍ୟ ପ୍ରସଙ୍ଗ କରି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି।

## ପରିତ୍ୟକ୍ତ ଖଣିରେ ଅତଡ଼ା ଖସି ୩ ମୃତ

ଯୋଡ଼ା, ୨।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଚାକୁଣ୍ଡି, ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ଣ ସମୟରେ ଏକ ବେଆଇନ ମାଙ୍ଗାନିଜ ଖଣିରେ କାମ





କରୁଥିବା ବେଳେ ତିନିଜଣ ନିରୀହ ଶ୍ରମିକ ମାଟି ଅତଡ଼ା ଖସିବାରୁ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷାରେ ମାଟି ଅତଡ଼ା ଖସି ପଡ଼ିବା ଫଳରେ ସେମାନେ ଚାପିହୋଇ ରହିଯାଇଥିଲେ। ମୃତ ଶ୍ରମିକମାନେ ହେଲେ ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯) ଓ କାଣ୍ଡେ ମୁଣ୍ଡା (୧୮)। ବନ ବିଭାଗ, ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଚାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଡେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା। ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି। ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶାସନ ଅଚଳ...

କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ସେହିପରି ଅନ୍ୟ ପ୍ରଶାସନିକ ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି।

ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗିରଫ ନ ହେବା ଯୋଗୁଁ ବୁଧବାର ସକାଳେ ଓଏଏସ୍ ସଂଘ ପୁନର୍ବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ। ଏହି ସମୟରେ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ଦିଆଯାଇଥିବା ବେଳେ ୩ ଟି ମୁଖ୍ୟ ଦାବି ଉପରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ସଂଘ ରୋକଠୋକ୍ କହିଥିଲା। ଓଏଏସ୍ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା 'କିଙ୍ଗପିନ' ଜଗନ୍ନାଥ ପ୍ରଧାନଙ୍କ ଗିରଫ ନିମନ୍ତେ ସଂଘ ଦାବି କରିଥିଲା। ଏହା ସହ ରାଜ୍ୟର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା। ଓ ତୃତୀୟ ଦାବି ଭାବରେ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାକୁ ସରକାର ନିନ୍ଦା କରିବା ସହ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଯେପର୍ଯ୍ୟନ୍ତ ସରକାର ଏହି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓଏଏସ୍ ସଂଘ ସମୂହ ଛୁଟିରେ ରହିବ ବୋଲି ସଂଘ ସ୍ପଷ୍ଟ କରିଛି।

ଅନ୍ୟପଟେ ରାଜ୍ୟରେ ଘଟିଥିବା ଏହି ଘଟଣା ଏବେ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ପାଇଁ ନିନ୍ଦା ଆଣିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ମାଡ଼ ଘଟଣାକୁ ଜାତୀୟ ସ୍ତରରେ ନିନ୍ଦା କରାଯାଉଛି। ଜାତୀୟ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ଏହି ଖବର ବଡ଼ ପ୍ରସଙ୍ଗ ପାଲଟିଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହାକୁ ଜଙ୍ଗଲରାଜ୍‌ର ଆଖ୍ୟା ଦିଆଯାଉଥିବା ବେଳେ ଜାତୀୟ କଂଗ୍ରେସ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ଆଞ୍ଚଳିକ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି। ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଆହୂତ ସମୂହ ଛୁଟି ଡାକରା ଆନ୍ଦୋଳନକୁ ରାଜ୍ୟ ଓଆର୍‌ଏସ୍ ସଂଘ, ଓଏଫ୍‌ଏସ୍ ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା କୃଷି ସେବା ସଂଘ ସମର୍ଥନ ଜଣାଇଥିବା ବେଳେ ବୁଧବାର ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଓଡ଼ିଶା ଅଧସ୍ତନ ଅର୍ଥ ସେବା ସଂଘ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି। ତେବେ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଓଆର୍‌ଏସ୍ ଅଧିକାରୀମାନଙ୍କର ରାଜ୍ୟ ସରକାର ସହଯୋଗ ଲୋଡ଼ିଥିଲେ। ରାଜସ୍ୱ ମନ୍ତ୍ରୀ ଏନେଇ ଓଆର୍‌ଏସ୍ ସଂଘ ସହ ଆଲୋଚନା କରିବା ପରେ ସେମାନେ କେବଳ ବନ୍ୟା ମୁକାବିଲା ଓ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହିଁ ସହଯୋଗ କରିବେ ବୋଲି କହିଛନ୍ତି। ମାତ୍ର ଦାବି ପୂରଣ ନ ହେବା ଯାଏ ସେମାନେ ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଅକଳରେ ସରକାର...

ତାଙ୍କ ସହ ଆଲୋଚନା କଲି। ଏବେ ମୁଁ ମୋ ଘରକୁ ଯାଉଛି ବୋଲି କହି ଜଗନ୍ନାଥ ନିଜ ଘରକୁ ଫେରି ଯାଇଛନ୍ତି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ଓଏଏସ ସଂଘ ଜଗନ୍ନାଥଙ୍କୁ ଗିରଫଦାରୀ ନେଇ ଅଡ଼ି ବସିଥିବା ବେଳେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବକି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନମୋହନ ଧାଡ଼ିକିଆ ଉତ୍ତର ରଖିଛନ୍ତି। ଜଗନ୍ନାଥ ପ୍ରସଙ୍ଗରୁ ଦଳ ନିଜକୁ ଦୂରେଇ ନେବା ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବକି ନାହିଁ ସେନେଇ ସରକାର ଅଠାକାଠିରେ ପଡ଼ିଛନ୍ତି। ରାଜ୍ୟ କାର୍ଯାଳୟକୁ ଆସିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜଗନ୍ନାଥଙ୍କ ଏପରି ପୋଷ୍ଟ ପରେ ତାଙ୍କ ଗିରଫଦାରି ଚର୍ଚ୍ଚା ବଢ଼ିଥିଲା।

ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ ସାମଲ କହିଥିଲେ ଯେ ଆମେ ଜଗନ୍ନାଥ ପ୍ରଧାନଙ୍କୁ ଡାକି ଆଲୋଚନା କଲୁ। ଦଳର ଆଭ୍ୟନ୍ତରୀଣ କଥାକୁ ଗଣମାଧ୍ୟମ ଆଗରେ କୁହାଯାଇପାରିବ ନାହିଁ। ତେବେ ଓଏଏସ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ଦଳ ପକ୍ଷରୁ ନିନ୍ଦା ସହ ଏବଂ ସମସ୍ତେ ବାରମ୍ବାର ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଉଚିତ୍ ନୁହେଁ ବୋଲି ମନମୋହନ ଜବାବ ରଖିଛନ୍ତି। ରାଜ୍ୟ ବିଜେପି ସଭାପତି ଏବଂ ଜଗନ୍ନାଥଙ୍କ ଆଭିମୁଖ୍ୟ ସରକାରଙ୍କୁ ସଙ୍କଟରେ ପକାଇବ ବୋଲି ମତ ଦେଇଛନ୍ତି ରାଜନୈତିକ ସମୀକ୍ଷକ। ଯଦି ଜଗନ୍ନାଥଙ୍କୁ ଗିରଫ କରାନଯାଏ, ତାହେଲେ ଓଏଏସ ଅଧିକାରୀ କାର୍ଯ୍ୟରେ ଯୋଗଦେବେ ନାହିଁ। ୨ ଦିନ ଧରି ଏହା ରାଜ୍ୟରେ ସରକାରୀ କାର୍ଯ୍ୟକୁ ଠପ୍ କରିଦେଲାଣି। ଓଏଏସ ସଂଗଠନର ଏପରି ଆଭିମୁଖ୍ୟ ଆଗକୁ ଆହୁରି ବଡ଼ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ହସ୍ପିଟାଲରେ ରତ୍ନାକର...

ବୁଧବାର ରତ୍ନାକର ବିଏମ୍‌ସି କାର୍ଯ୍ୟାଳୟକୁ ଆସିଥିଲେ। ବିଏମ୍‌ସର ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକରେ ଯୋଗ ଦେଇଥିଲେ। ଏହାପରେ ପୁଲିସ କମିଶନର ଏବଂ ମେୟରଙ୍କ ସହ ଆଲୋଚନା ହୋଇଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଲୋଚନା ହୋଇଥିଲା। ଏହା ପରେ ସେ ବସିଥିବାବେଳେ ଅକସ୍ମାତ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ। କିଛି ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ରତ୍ନାକର ମାଡ଼ ଖାଇବା ପରେ ପ୍ରବଳ ମାନସିକ ଚାପରେ ରହୁଛନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚାପ ପ୍ରୟୋଗ କରାଯାଉଛି। ଦିନ ପ୍ରାୟ ୪ଟା ୩୦ସମୟରେ ସେ ଅଚାନକ ଝାନନାଳ ହୋଇଯାଇଥିଲେ। ଏହାପରେ ବେହୋସ ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ରୁଷିଛି ଜଗା...

ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ିପାରି ନାହିଁ। ଗୁରୁବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଦେଢ଼ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ବୁଧବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି ହୋଇଥିଲା। ସକାଳ ୯ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ନ ୧ଟାରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାଶ୍ୱର୍ରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ପ୍ରଥମେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା। ତେବେ ଅସରାଏ ବର୍ଷା ଏବଂ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ପାରିନାହିଁ। ଗୁରୁବାର ସକାଳ ୯ଟାରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୋଖରୀରୁ ବୃଦ୍ଧଙ୍କ...

ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଗତ ଶୁକ୍ରବାର ମାହତୋ ତାଙ୍କ ଜଣେ ପଡୋଶୀଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ପୁଅ ରବି ଓରାମ ସୋମବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ସଂପୃକ୍ତ ପଡୋଶୀ ପରିବାରର ଲୋକଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଏସ୍‌ଡିପିଓ ଶ୍ରୀ ମହାପାତ୍ର ଏବଂ ଆଇଆଇସି ସସ୍ମିତା ଦେବତାଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସୁଶିଲ କୁମାର ବଗର୍ତ୍ତୀ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି।


**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

6370964966

**AFFIDAVIT**

By virtue of an affidavit Sl. No.-379, dtd. 24.06.2025 before Notary Public, Bhubaneswar, I, Dhiren Kumar Nayak have changed my name from Diran Kumar Nayak to Dhiren Kumar Nayak. Henceforth I shall be known as **Dhiren Kumar Nayak** for all purposes.

Sd/- Dhiren Kumar Nayak

**AFFIDAVIT**

I, Punam Agarwal, D/o.: Dillip Agrawal, resident of At: Bazarpada (Madanmohanpada), PO./P.S./Dist.: Angul, PIN-759122, Odisha, declare by this affidavit No.: 1846, dated-19/06/2025, that now onwards I shall be known as **POONAM AGRAWAL** for all future purposes.

**AFFIDAVIT**

By virtue of an affidavit before the Executive Magistrate, Jajpur. I, Manasi Nath of Vill.- Jafarpur, P.O.- Adanga Purusottampur, P.S.- Jajpur Sadar, Dist.- Jajpur, Odisha, do hereby declare that my son's actual name is Jyoti Ranjan Nath mentioned in his Birth Certificate But in his Aadhar card wrongly mentioned as Jotirajan Natha. Henceforth he shall be known as **Jyoti Ranjan Nath** for all purposes.

Sd/- Manasi Nath

**AFFIDAVIT**

By virtue of an affidavit sworn before Executive Magistrate, Banpur, dated 30/06/2025 I, Jogendra Bariki, S/o- Chintamani Bariki of Address At-Sarubaripadar, Po/Ps-Banpur, Dist.- Khordha declare that I have changed my name from Jogendra Barik to Jogendra Bariki. Henceforth, I shall be known as **Jogendra Bariki** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF NO: 99, on Dated 01.07.2025, I, SASMITA PADHY, D/o Late Raghunath Panda, W/o Nilamadhab Padhy resident of HIG-1, BDA Duplex Phase-1, Pokhariput Bhubaneswar, Khorda, Pin - 751020, I have changed my name from SASMITA PANDA (Old Name) to SASMITA PADHY (New Name). Henceforth, I shall be known as SASMITA PADHY for all purposes.

Sd- SASMITA PADHY

**AFFIDAVIT**

I NEHA PATEL, W/o NAVEEN PATEL, resident of MAHATAMA GANDHI ROAD, Po / PS -Jeypore, Dt-Koraput, odisha -764 001, Odisha declare by this Affidavit No.,2932, Dated - 02/07/2025,that now onwards I shall be known as **NEETA PATEL** for all future purpose.

**AFFIDAVIT**

I, Ranjit Mohapatra, aged about 50 years, S/o- Ramachandra Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin- 754298 declare by this affidavit No. 1263, dtd- 02/07/2025, that now onwards I shall be known as **RANJIT MAHAPATRA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Dharmasala, Jajpur on dated- 01/07/2025. I, **Sabita Malla,** aged about 51 years, W/o- Bijaya Malla, permanent resident of At- Purusottampur, PO- Gatanai, PS- Marshaghai, Dist- Kendrapara, Odisha, PIN- 754141 declare that I have changed my minor son's name from **Asutosha Malla** (old name) To **Ashutosh Malla** (new name). Henceforth, he shall be known as **Ashutosh Malla** (new name) for all future purposes.

**Sabita Malla**

**AFFIDAVIT**

By virtue of an affidavit Sworn before Notary Public, Salipur on dated 1st July 2025. I, Mr. Srikanta Malik, S/o- Sindhunath Malik, Resident of Village : At/Po-Mahakalpada, Dist-Jajpur, Pin-754214 , State-Odisha , I have changed my minor sons name from "S.S Shriansh" to "Shriansh Malik". Henceforth, He shall be known as **"Shriansh Malik "** for all Purpose.

Srikanta Malik

**AFFIDAVIT**

By virtue of an affidavit before The Notary Public, Titilagarh, on dated-01/07/2025. I, **Biranchi Gahir** (Applicant name), Son of Rushi Gahir, Permanent resident of At- Arshatula, P.O. Parasara, P.S. Sindhekela, Dist. Balangir, (Odisha), PIN- 767035 now residing at the same place affirm that I have changed my minor daughter's name from **Laps Mudra** (old name) To **Lopamudra Gahir** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Lopamudra Gahir** (new name).

**Biranchi Gahir**

**AFFIDAVIT**

I, Subhashree Mohapatra, aged about 46 years, W/o- Ranjit Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin- 754298 declare by this affidavit No. 1262, dtd- 02/07/2025, that now onwards I shall be known as **SHUBHASHREE MOHAPATRA** for all future purposes.

**AFFIDAVIT**

By virtue of an affidavit before Tahasildar cum Executive Magistrate laxmipur No 676, dated 26.06.2025, I Sri Ranjit Kumar Mahanandia, S/o Kamdeba Mahanandia, Village - Sarisapadar, Po. - Toyaput, PS - Laxmipur, Dist - Koraput, Odisha declare that I have changed my son's name from **Pritam Mahanandia** to **Subham Mahanandia**. Hence forth he will be known as **Subham Mahanandia** for all purposes.

OFFICE OF THE PRINCIPAL

**PANCHAYAT SAMITI DEGREE COLLEGE**

AT/P.O.: BANGOMUNDA, DIST. BALANGIR (ODISHA) 767040

Mob: 9078208298

**CANCELLATION OF TENDER CALL NOTICE**

The Tender Call Notice published on Odia daily 'The Sakala' on dated 1st June 2025 for supply of IT Infrastructure hereby cancelled due to some un-avoidable reason.

Sd/- Principal,
P.S. Degree College, Bangomunda

**THE SAMBALPUR DISTRICT CO-OPERATIVE CENTRAL BANK**

SDCCB

HEAD OFFICE: BARGARH - 768028

Email: headoffice@sambalpurdccb.com

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for purchase of Saleable & Non-Saleable articles for Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha.

For details please visit Bank's website: **www.sambalpurdccb.com.** The last date for receipt of proposal is **11.07.2025 at 3.00 PM.**

SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

**RAISUAN HIGHER SECONDARY SCHOOL**

AT/P.O.-RAISUAN, DIST-KEONJHAR

**WALK-IN INTERVIEW**

A walk-in-interview will be held in the college premises for the Contractual Engagement for the post of 1 no of **Peon, One Lady Attendant, and one Night Watchman** on **dt. 12.07.2025 (Saturday).** The interested candidates having minimum 8th pass may attend the same with all relevant testimonials. Preference will be given to Retired and Experienced candidates.

Sd/-Principal
Raisuan Higher Secondary School
Raisuan

**GOVERNMENT OF ODISHA, DEPARTMENTOF WATER RESOURCES** A-355

**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDB-24/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDB-24/2025-26 |
| 5. | Estimated Cost | : Rs. 13,55,851/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.03.07.2025 (10.00 AM) to dt.14.07.2025 (5.30 PM) |
| 8. | Last date/ time for receipt of bid In the Portal | : dt.14.07.2025 (up to 5.30 PM) |
| 9. | Date and Place of opening of Bid | : dt.15.07.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32405/11/0078/2526

Addl. Chief Engineer,
Mechanical Circle Bhubaneswar

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-11-2025, ତା.23.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ସୁର୍ଲା ରୋଡ୍ - ଇଚ୍ଛାପୁରମ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 622/1-3 ଠାରେ ଲେଭେଲ କ୍ରସିଙ୍ଗ୍ ନଂ. 326 ପରିବର୍ତ୍ତେ ରୋଡ୍ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 14.5 ମିଟର T-Beam ଗର୍ଡ଼ର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6126.73 ଲକ୍ଷ, **EMD :** ₹ 32,13,400/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-12-2025, ତା.26.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ମନ୍ଦସା - ବାରୁଆ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 655/25-27 ଠାରେ ଲେଭେଲ କ୍ରସିଙ୍ଗ୍ ନଂ. 353 ପରିବର୍ତ୍ତେ ରୋଡ୍ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 18.75 ମିଟର T-Beam ଗର୍ଡ଼ର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6121.34 ଲକ୍ଷ, **EMD :** ₹ 32,10,700/-

କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ (ଉଭୟ କ୍ରସ ସଂଖ୍ୟା ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ ତା.29.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 2 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଇପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / RSP / ଭୁବନେଶ୍ୱର

PR-49/CI/25-26

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଗୁଦେରପାଲି,୨।୭ (ସମିସ): ମେଲଛାମୁଣ୍ଡା ଥାନା ଅଧୀନ ଜଡାଗଞ୍ଜା ଗାଁର ଅନ୍ତର୍ଯ୍ୟାମୀ ସାହୁ (୪୫) ସକାଳୁ ଉଠି ବିଲକୁ ଧାନ ବୁଣିବା ପାଇଁ ଯିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ମେଲଛାମୁଣ୍ଡା ଥାନା ଅଧିକାରୀ ସୁବାଷ ରାୟଗୁରୁ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ପରିବହନ କାର୍ଯ୍ୟାଳୟ ଖୋଲିବାକୁ ପ୍ରଶାସନର ତତ୍ପରତା

ପଦ୍ମପୁର,୨।୭ (ସମିସ): ପଦ୍ମପୁରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ବିଭାଗର ଅତିରିକ୍ତ ସଚିବ ଗଙ୍ଗାଧର ମାର୍ଡି ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ପତ୍ର ଲେଖି ଜଣାଇଛନ୍ତି। ପୂର୍ବରୁ ସାଂସଦ ପୁରୋହିତ ପଦ୍ମପୁରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବାକୁ ପତ୍ର ଲେଖି ଦାବି ଜଣାଇଥିଲେ। କାର୍ଯ୍ୟାଳୟ ଖୋଲିଲେ ପଦ୍ମପୁର ଅଞ୍ଚଳବାସୀ ଉପକୃତ ହେବେ। ଜନସାଧାରଣ ଖବର ପାଇ ଖୁସି ବ୍ୟକ୍ତ କରିଛନ୍ତି।

## କ୍ରୀଷ୍ଟା ବିକାଶର ଛାତ୍ର ସ୍ୱସ୍ତିକ ଦାଶଙ୍କ ଆଇସର୍ ସଫଳତା

ବରଗଡ଼,୨।୭ (ସମିସ): ବରଗଡ଼ର କ୍ରୀଷ୍ଟା ବିକାଶ ଅଧୀନ ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ସ୍ୱସ୍ତିକ ଦାଶ ସର୍ବ ଭାରତୀୟ ଆଇସର୍ ପ୍ରବେଶିକା ପରୀକ୍ଷାରେ ୨୪୦ ରୁ ୨୦୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୧୦ ର୍‍ୟାଙ୍କ



ରଖି ବେଙ୍ଗାଲୁରୁର ଆଇଆଇଏସ୍‌ସିରେ ଆଡ୍‌ମିଶନ୍ ପାଇବା ଆଶାରେ ରହିଛନ୍ତି। ସ୍ୱସ୍ତିକ ବରଗଡ଼ ନିବାସୀ ସୁଶୀଲ ଦାଶ ଏବଂ ସଙ୍ଗୀତା ମିଶ୍ରଙ୍କ ସୁପୁତ୍ର ଅଟନ୍ତି। ସେ ଦଶମ ଶ୍ରେଣୀରେ ୯୮% ରଖି ପାସ୍ କରିଥିବା ବେଳେ ଦ୍ୱାଦଶ ବିଜ୍ଞାନରେ ୯୪% ମାର୍କ ରଖି ପାସ୍ କରିଛନ୍ତି। ଏହି ବର୍ଷ ଜେଇଇ ମେନ୍ ପ୍ରବେଶିକା ପରୀକ୍ଷାରେ ମଧ୍ୟ ସେ ୯୭% ମାର୍କ ରଖି ସଫଳତା ହାସଲ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବନମହୋତ୍ସବ

### ● ନୃସିଂନାଥରେ ଚାରାରୋପଣ ସହ ନୃସିଂହବନ ପ୍ରତିଷ୍ଠା



ପାଇକମାଳ,୨।୭ (ସମିସ): ଓଡ଼ିଶା ସରକାରଙ୍କ ଗ୍ରୀନ୍ ମହାନଦୀ ମିଶନ, ସହରାଞ୍ଚଳରେ ବୃକ୍ଷରୋପଣ ଯୋଜନା ଅନୁସାରେ ବରଗଡ଼ ଜିଲ୍ଲା ପବିତ୍ର ନୃସିଂହନାଥ ମନ୍ଦିର ନିକଟ ପାଞ୍ଚ ଏକର ଜମିରେ ନୃସିଂହ ବନ ପ୍ରତିଷ୍ଠା ପାଇଁ ୫୦୦୦ ଗଛ ଲଗାଯିବାର ଯୋଜନା କରାଯାଇଛି। ଏନେଇ ବୁଧବାର ନୃସିଂହନାଥରେ ୭୬ତମ ବନମହୋତ୍ସବ ପାଳିତ ହୋଇଛି। ନୃସିଂହବନ ପରିସରରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ୍ ଚେୟାରମ୍ୟାନ ଭାବନା ସିଂ, ବରଗଡ଼ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, ସାଧୁ ନରସିଂ ବାବା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବଡ ଶତପଥି, ବିଭୁତି ମୁଣ୍ଡ, ହୃଦାନନ୍ଦ ବାରିକ, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। 'ମାଆ ନାମରେ ଗଛଟିଏ' ସ୍ଲୋଗାନ ଦେଇ ନୃସିଂହବନର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିସହ ଅତିଥିଙ୍କ ଦ୍ୱାରା ସବୁଜ ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଥିଲା। ଏହି ସବୁଜରଥ ଗାଁ ଗାଁ ବୁଲିବ ଏବଂ ପ୍ରତି ପରିବାରକୁ ୫ଟି ଲେଖାଏଁ ଗଛ ମାଗଣାରେ ବଣ୍ଟାଯିବ। ସେମାନେ ନିଜ ମାଆଙ୍କ ନାମରେ ନିଜ ବାଡିରେ ସେହି ଚାରାରୋପଣ କରିବେ ବୋଲି ବରଗଡ଼ ଡିଏଫଓ ଜଣାଇଥିଲେ। ଆଜି କାର୍ଯ୍ୟକ୍ରମରେ ପ୍ରାୟ ୨୦୦୦ ପ୍ରକାରର ବିଭିନ୍ନ ଗଛ ଲଗାଯାଇ ଥିଲା। ବର, ଅଶ୍ୱତ୍ଥ, କଦମ୍ବ, ଲିମ୍ବ, ପଣସ, ଆମ୍ବ, ପିଜୁଳି, ଅଶୋକ, ନାଗେଶ୍ୱର, ଅର୍ଜୁନ, ଜାମ୍ବୁନ, କରଞ୍ଜ, ବେଲ ଇତ୍ୟାଦି ଚାରାରୋପଣ କରା ଯାଇଥିଲା। ଏଥିରେ ଟାଇଲ ଭୋଇ, ରମେଶ ବାରିକ, ରକ୍ଷାକର ଅନୁପମ, ଦିଲ୍ଲୀପ ପୁରୋହିତ, ସୁଷମା ସାହୁ, ସୁନୀଲ ଅଗ୍ରୱାଲ, ଅକ୍ଷୟ ରାଜ, ଶେଷଦେବ ନନ୍ଦ, ଅକ୍ଷୟ ସାହୁ, ପ୍ରିତିଶ ବହିଦାର, କୁନାଲ ପାଣିଗ୍ରାହୀ, ଅଶୋକ ମିଶ୍ର, ଆଶୀର୍ବାଦ ମହାପାତ୍ର, ତଥା ବନ ବିଭାଗ କର୍ମଚାରୀ, ମନ୍ଦିର କର୍ମଚାରୀ, ନରସିଂନାଥ ହାଇସ୍କୁଲ ଛାତ୍ର, ଶିକ୍ଷକ, ସାମ୍ବାଦିକ, ପ୍ରକୃତି ପ୍ରେମିଙ୍କ ସହ ଜନସାଧାରଣ ସାମିଲ ହୋଇଥିଲେ। ଶେଷରେ ନୃସିଂହନାଥ ବନ ବିଭାଗ ରେଞ୍ଜର ହୃଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ● କର୍ଲାଯୋରୀରେ 'ଏକ୍ ପେଡ୍ ମାଁ କେ ନାମ୍'

ବରଗଡ଼: ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ କର୍ଲାଯୋରୀ ଗାଁରେ 'ଏକ୍ ପେଡ୍ ମାଁ କେ ନାମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାଁର ପରିବେଶ କର୍ମୀ ସଞ୍ଜୟ ଖମାରୀ ଓ ଚିତ୍ତରଞ୍ଜନ ଭୋଇ ଏଥିରେ ନେତୃତ୍ୱ ନେଇଥିଲେ। ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ସବୁଜିମାର ଆବଶ୍ୟକତାକୁ ଉପଲବ୍ଧି କରି ଗାଁର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ପ୍ରକୃତି ପ୍ରେମୀ ରାସ୍ତାକଡ଼ରେ ସିମାରୁବା, କରଞ୍ଜ, ଜାମୁ, ନିମ୍ବ ଆଦି ୪୦ଟି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ କମଗାଁ ନିବାସୀ ମାଧବ ଚରଣ



ପ୍ରଧାନ, ପ୍ରଦୀପ ମେହେର, ଦୁଷ୍ମନ୍ତ ବାରିକଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ପ୍ରଦୀପ ପଧାନ, ଡାକ୍ତର ବିଶି, କରୁଣା ପଧାନ, ପ୍ରଭାତ ସାହୁ, ବନବସ ଦୁଆନ, ଶ୍ରେୟାଂଶ ପଧାନ, ସୁରେଶ ବୁଡ଼େକ, ଭୀଷ୍ମଦେବ ବେହେରା, ରାସେଶ୍ୱରୀ ସାମଲ, ପୁଷ୍ପାଞ୍ଜଳି ପଧାନ, ପଦ୍ମିନୀ ପ୍ରଧାନ, କାମିନୀ ଭୋଇ, ପୂର୍ଣ୍ଣିମା ଖମାରୀ, ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନ, ନିକିତା ଖମାରୀ, ସଂଶ୍ରିତା ଖମାରୀ, ସ୍ୱରୂପା ପଧାନ, ତ୍ରିଶା ପଧାନ ପଦ୍ମିନୀ ନାଏକ, ମୁସ୍କାନ ପଧାନ, ପୁଷ୍ପାଞ୍ଜଳି ନାଏକ, ମିଥିଳା ବୁଡେକ୍, ସନ୍ଧ୍ୟା ପୋଢ଼, ଯୋଗେଶ୍ୱରୀ ନାଏକ, ତପସ୍ୱିନୀ ନାଏକ ଓ ଶାନ୍ତି ଭୁଏ ପ୍ରମୁଖ ଭାଗ ନେଇଥିଲେ। ଆଗାମୀ ଦିନରେ ଆହୁରି ଚାରାରୋପଣ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପରିବେଶ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନପାଳ କୈଳାସ ମାଝୀ, ବନରକ୍ଷୀ କିଶୋର ସେଠ ଓ ବନ କର୍ମଚାରୀ ସୁମନ୍ତ ମିର୍ଦ୍ଧାଙ୍କ ସମେତ କର୍ଲାଯୋରୀ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

### ● ଲୋହାରପାଲି ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ଉପଖଣ୍ଡ ଲୋହାରପାଲି ଗାଁର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳନ ହୋଇଛି। ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଦୀପ ମାଝୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ପ୍ରଧାନ ଓ ସମ୍ମାନିତ ଅତିଥି ମୀନକେତନ ସାହୁ, କେଆରପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ



ଶିକ୍ଷକ ପ୍ରସନ୍ନ ମେହେର ଓ ପଦ୍ମପୁର ସହରର ଓମ୍ ପ୍ରକାଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଗଣ କାର୍ଯ୍ୟକ୍ରମର ଲକ୍ଷ୍ୟ, ପରିବେଶ ଚେତନା ସହିତ ବୃକ୍ଷରୋପଣକୁ ଉତ୍ସାହିତ କରିବା ଓ ବୃକ୍ଷଲତାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ମୀନାକ୍ଷୀ ତନ୍ତୀ, ରୀତା ବାରିକ, ତୁଳସୀରାମ ମେହେର, ମନୋଜ କୁମ୍ଭାର, ରମେଶ ଜଗତ, ସୁଜିତ୍ ମାଝୀ, ଠାକୁର ସେଠ, ଉପେନ୍ଦ୍ର ସହା, ଅକ୍ଷୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ● ଗାୟତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ

ପଦ୍ମପୁର: ଗାୟତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ସାପଲହର ଠାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ନିରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଡେପୁଟୀ କମିଶନର (ଜିଏସ୍‌ଟି) ଲିଙ୍ଗରାଜ ପ୍ରଧାନ ମୁଖ୍ୟ ଅତିଥି



ଭାବେ ଯୋଗ ଦେଇଥିଲେ। ମୀନକେତନ ସାହୁ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୋଭାସାଗର ମେହେର, ଓମପ୍ରକାଶ ଅଗ୍ରୱାଲ ଓ ବାଦୀକଟା ସିଆରସିସି ଋଷଭ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ଆନୁକୁଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ୧୩୫ ଗୋଟି ଚାରା ବଣ୍ଟନ କରାଯାଇଥିଲା ସେଥିରେ ଅଁଳା, ଡାଳିମ୍ବ ଓ ପିଜୁଳି ଆଦି ଗଛର ଚାରା ରହିଥିଲା। ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଧାନ ସଭା ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ସୁକଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଗଞ୍ଜାଗୁଡ଼ାରେ ବନମହୋତ୍ସବ

ପଦ୍ମପୁର: ପଦ୍ମପୁର ଉପଖଣ୍ଡ ଝାଞ୍ଜ ପାହାଡ଼ ପାଦ ଦେଶରେ ଥିବା ଗଞ୍ଜାଗୁଡ଼ାରେ ୭୬ତମ ବନମହୋତ୍ସବ ପାଳନ କରାଯାଇଛି। ବନପାଳ ସୁଶାନ୍ତ ମିଶ୍ର, ବରିହାପାଲି ସରପଞ୍ଚ ନିରୋଦ ରଞ୍ଜନ





ସାହୁ, ବନ ସୁରକ୍ଷା ସମିତି ସଭାପତି ନବୀନ କିଶୋର ମିର୍ଦ୍ଧା ଓ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ବନ ସୁରକ୍ଷା, ବୃକ୍ଷରୋପଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା ସହ ନୂତନ ବନୀକରଣ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

### ● ଅବସର ଉପଲକ୍ଷେ ଚାରାରୋପଣ

ପାଇକମାଳ: ଚାକିରି ଜୀବନରୁ ଅବସର ନେବା ସମୟରେ ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଗାଁର ଚତୁର୍ଥ ଶ୍ରେଣୀ କର୍ମଚାରୀ ତପନ ପ୍ରଧାନ ତାଙ୍କ ଅବସରଗ୍ରହଣ ଉପଲକ୍ଷେ ମାଣ୍ଡୋସିଲ ଧାନମଣ୍ଡି ପରିସରରେ ଚାରାରୋପଣ କରିଛନ୍ତି। ଏହି ସମୟରେ ମାଣ୍ଡୋସିଲ ସତ୍ୟସାଇ ସେବା ସଂଗଠନ ଆବାହକ ଶରତ ଚନ୍ଦ୍ର ହଂସ, ଆବାହକ ନବୀନ ତନସନା ତଥା ବିଭୁ ପ୍ରସାଦ ସାହୁ, ବିନୋଦ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ମାଣ୍ଡୋସିଲ ଯୁକ୍ତ ଦୁଇ କଲେଜରେ ୪୦ ବର୍ଷ ଧରି କାର୍ଯ୍ୟ କରିଛନ୍ତି।



## ବୈଦିକ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଡାକ୍ତର ଦିବସ



ବରଗଡ଼,୨।୭ (ସମିସ): ଡାକ୍ତର ଦିବସ ଅବସରରେ ବରଗଡ଼ର ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ସମାଜ ପ୍ରତି ଡାକ୍ତରଙ୍କର ଅମୂଲ୍ୟ ସେବା ପାଇଁ କୃତଜ୍ଞତା ପ୍ରକାଶ କରି ଡାକ୍ତର ଦିବସ ପାଳିଛନ୍ତି। ଛାତ୍ରଙ୍କର ଏକ ଗୋଷ୍ଠୀ ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ଡାକ୍ତର ମାନଙ୍କୁ ଭେଟି ସମାଜର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁରକ୍ଷା ପାଇଁ ସେମାନଙ୍କର ଉତ୍ସର୍ଗ, ନିସ୍ୱାର୍ଥପର ସେବା ଏବଂ ଅକ୍ଲାନ୍ତ ପ୍ରୟାସ ପାଇଁ ସେମାନଙ୍କୁ ସମ୍ମାନିତ କରିଥିଲେ। ଛାତ୍ରଛାତ୍ରୀ ଡ.ଗୋପାଳ ଅଗ୍ରୱାଲ, ଡା.ରାଜେଶ ତ୍ରିପାଠୀ, ଡ.ପ୍ୟାରେଲାଲ ତ୍ରିପାଠୀ ଏବଂ ଡ.ଭୋଜରାଜ ରଣାଙ୍କୁ ଭେଟି ସମ୍ମାନିତ କରିଥିଲେ। ଡାକ୍ତର ମାନଙ୍କ ନିରନ୍ତର ପ୍ରତିବଦ୍ଧତା ଏବଂ ଆମ ଜୀବନରେ, ବିଶେଷକରି ବିପଦ ସମୟରେ ସେମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ପ୍ରଶଂସା ଓ ଧନ୍ୟବାଦ ପତ୍ର ପ୍ରଦାନ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଜନ୍ମୋତ୍ସବ



ବରଗଡ଼,୨।୭ (ସମିସ): କିମ୍ବଦନ୍ତୀ ନାଟ୍ୟ ମହର୍ଷି ଶବ୍ଦନୃତ୍ୟ ପ୍ରଣେତା, ଲୋକ ମହୋତ୍ସବର ଜନକ, ଭାଷା ଆନ୍ଦୋଳନର ମହାସାରଥୀ ଗୁରୁଶ୍ରୀ ଭଗବାନ ସାହୁଙ୍କ ୯୫ତମ ଜନ୍ମବାର୍ଷିକୀ ପାଳନ ଓ କବିତା ଆସର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ସାରସମାଲ ଗାୟତ୍ରୀ ପୀଠରେ ଅନୁଷ୍ଠିତ ହୋଇଛି। ଉକିଆ ସାହିତ୍ୟ ପରିବାର ତେଲିଟିକ୍ରା ପ୍ରତିଷ୍ଠାତା ସମ୍ପାଦକ ଉଦ୍ଧବ ବାରିକଙ୍କ ଆବାହକତ୍ୱରେ ଉତ୍ସବ ପାଳିତ ହୋଇଥିଲା। ସମାଜସେବୀ ଭକ୍ତ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଗୋକୁଳ ବିହାରୀ ଦାଶ, ମୁଖ୍ୟବକ୍ତା କବି ନାଟ୍ୟକାର ଭିକାରୀ ଚରଣ ପଧାନ ଯୋଗ ଦେଇଥିଲେ। କବି ସନ୍ତୋଷ ପଧାନ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କବି ହୃଷୀକେଶ ଡାଙ୍ଗଙ୍କ ସଂଯୋଜନାରେ କବି ଓ କଳାକାର ଶବ୍ଦନୃତ୍ୟ ଗୁରୁ ଗଦାଧର ବରିହା, କବି କାମଦେବ ନାୟକ, ଚୌଧୁରୀ ତ୍ରିପାଠୀ ସୁରେନ୍ଦ୍ର ପଶାୟତ, ଜୀବର୍ଦ୍ଧନ ପଧାନ, ବାସୁଦେବ ସାହୁ, ଡମ୍ବରୁଧର ସାହୁ, ଜଗତ ଖମାରୀ, ରବିନ୍ଦ୍ର ସାହୁ, ଜୟଲାଲ୍ ନାୟକ, ସଂଜୀବ ଗୁରୁ ଓ ସାମ୍ବାଦିକ ହଲଧର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ସମ୍ପଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଶଳ ସେନାର ବୈଠକ



ବରଗଡ଼,୨।୭ (ସମିସ): ବରଗଡ଼ ନିକଟସ୍ଥ ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିରରେ କୋଶଳ ସେନା ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକକୁ କୋଶଳ ସେନା ରାଜ୍ୟ ସମ୍ପାଦକ ବିର୍ବଲ ମହାକୁର୍ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଅଶୋକ ଛତର ଓ ସଂଯୋଜକ ଅବିନାଶ ବିଶି ଆଗାମୀ ରଣନୀତି ବାବଦରେ ଆଲୋଚନା କରିଥିଲେ। ପରିବେଶ ସୁରକ୍ଷା ପାଇଁ ସଚେତନତା, ନିଶା ନିବାରଣ, ଟ୍ରାଫିକ ନିୟମ ସଚେତନତା ନିମନ୍ତେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ଉପସଭାପତି ଗଣେଶ ମଟାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପ୍ରେମନ୍ ମହାକୁର୍, ସୂରଜ ମହାକୁର୍, ରୋହନ ପଧାନ, ସରୋଜ ପଧାନ, ରମାକାନ୍ତ ବଘାର୍, ନରେଶ ଦୀପ, ସମୀର ଭୋଇ, ଠାକୁର ବିଶ୍ୱାଳ, ସୁଦର୍ଶନ ହାତୀ, ସରୋଜ ସାଗର, ରାକେଶ ବଢ଼େଇ, ରାହୁଲ ବାରିକଙ୍କ ସହ ଅନେକ କୋଶଳ ସେନା କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ସାକ୍ଷାତକାର ଅଭିଯାନ



ବରଗଡ଼,୨।୭ (ସମିସ): ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠଙ୍କୁ ସାକ୍ଷାତକାର କାର୍ଯ୍ୟକ୍ରମ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଗୋବିନ୍ଦ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସଦସ୍ୟ ତଥା ଅବସରପ୍ରାପ୍ତ ଡାକ କର୍ମଚାରୀ ବାସୁଦେବ ପ୍ରଧାନଙ୍କୁ ତାଙ୍କ ୱାର୍ଡ ନମ୍ବର୍ ୧୮ ସ୍ଥିତ ଭାରତୀ ନଗର ବାସଭବନରେ ସାକ୍ଷାତ କରିଛି। ଏହାପରେ ଚିକିତ୍ସିତ ହୋଇ ଫେରିଥିବା ଏକାଅଶୀ ବର୍ଷୀୟ ସଦସ୍ୟ ଅବସରପ୍ରାପ୍ତ ଡିଏସପି ଦୁର୍ଗା ପ୍ରସାଦ ବେହେରାଙ୍କୁ ସାକ୍ଷାତ କରି ତାଙ୍କର ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଂଗଠନ ସମ୍ପାଦକ କେଦାର ମିଶ୍ର, ବରିଷ୍ଠ ସଦସ୍ୟ ବଳରାମ ବାବୁ, ବିନୋଦ ବିହାରୀ ପଣ୍ଡା, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

## ହିନ୍ଦୀ ଶିକ୍ଷକ କିଶୋରୀ ଲାଲ ବଘେଲଙ୍କୁ ଶ୍ରଦ୍ଧାଞ୍ଜଳି



ବରଗଡ଼,୨।୭ (ସମିସ): ବରିଷ୍ଠ ହିନ୍ଦୀ ଶିକ୍ଷକ ତଥା କବି, ଲେଖକ, ହିନ୍ଦୀ ପ୍ରଚାରକ, ରାମାୟଣ କଥା ବାଚକ ଏବଂ ଗାୟକ କିଶୋରୀ ଲାଲ ବଘେଲଙ୍କୁ ବୁଧବାର କାଳୀ ମନ୍ଦିର କଲ୍ୟାଣ ମଣ୍ଡପରେ ତାଙ୍କ ଶ୍ରାଦ୍ଧ ଦଶାହରେ ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମିତିର ସଭାପତି ସର୍ଦ୍ଦାର ପ୍ରୀତମ ସିଂ, ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ଉପସଭାପତି କମଳ ଯୋଶୀ, ସଦସ୍ୟ ବାଳକୃଷ୍ଣ ମିଶ୍ର, ବିନୋଦ ସାହୁ, ଜଗଦୀଶ ସୈନ, ପରିବାରର ସଦସ୍ୟ ନବୀନ ବଘେଲ, ଗାନ୍ଧୀ ବଘେଲ, ଡାକ୍ତର ଲକ୍ଷ୍ମୀ ନାରାୟଣ ବଘେଲ ଏବଂ ଅନ୍ୟାନ୍ୟ ସଦସ୍ୟ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସର

ପାଇକମାଳ,୨।୭ (ସମିସ): ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର ବାରିକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ, ଶିକ୍ଷୟତ୍ରୀ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ଥିଲେ। ଶ୍ରୀ ବାରିକଙ୍କୁ ଉପଢୌକନ ସହ ଉପହାର ପ୍ରଦାନ କରାଯାଇଥିଲ। ଲଖମରା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡା ସଭା ସଞ୍ଚାଳନ କରିଥିବା ବେଳେ ଚେରଙ୍ଗାଝାଞ୍ଜ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଗ୍ରସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ପଡ଼ିଆର ଉନ୍ନତୀକରଣ ଦାବି

ବରଗଡ଼,୨।୭ (ସମିସ):

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍‌ର ବ୍ଲକ୍ ପଡିଆ ସମସ୍ତ ସରକାରୀ କାର୍ଯ୍ୟକ୍ରମର ଉତ୍ତମ ଏବଂ ସଫଳ ସ୍ଥାନ ଭାବେ ପରିଗଣିତ। ବ୍ଲକ୍ ସ୍ଥାପନ ଦିନରୁ ଆଜି ପର୍ଯ୍ୟନ୍ତ ଏହି ପଡିଆରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି। ହେଲେ ବର୍ଷା ଦିନରେ ପଡିଆରେ ପାଣି ଜମା ହେଉଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ବ୍ଲକ୍ ପଡିଆ ଖାଲୁଆ ଅବସ୍ଥାରେ ଓ ଚାରିପାଶ୍ୱର୍ ଉଚ୍ଚ ହୋଇଥିବାରୁ ବର୍ଷା ହେଲେ ବର୍ଷା ପାଣି ଠିକ ଭାବେ ନିଷ୍କାସିତ ହୋଇ ନ ପାରି ପଙ୍କ, କାଦୁଅରେ ପୂର୍ଣ୍ଣ ହୁଏ। ପ୍ରତିବର୍ଷ ଝାରବନ୍ଧ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସ ପାଳନ ହୋଇଥାଏ। ହେଲେ ସ୍ୱାଧୀନତା ଦିବସ ପାଳନ ବେଳେ କାଦୁଅ, ପଙ୍କ ଜମା ହେଉଥିବାରୁ କାର୍ଯ୍ୟକ୍ରମରେ ସମସ୍ୟା ହୁଏ। ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଏବଂ ସାଧାରଣତନ୍ତ୍ର ଦିବସ ପାଳନରେ ବ୍ଲକ୍ ମୁଖ୍ୟାଳୟର ସରକାରୀ କାର୍ଯ୍ୟାଳୟ ସମେତ ସରକାରୀ ଏବଂ ବେସରକାରୀ ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ ସଂଗଠନ, ଗ୍ରାମବାସୀ ସାମିଲ ହୋଇଥାନ୍ତି। ହାରାହାରି ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥାଏ। ସ୍କୁଲ କଲେଜ ଛାତ୍ରଛାତ୍ରୀ ପ୍ୟାରେଡ ପ୍ରଦର୍ଶନ କରିଥାନ୍ତି। ଏହି ସମୟରେ ଉଭୟ ଅତିଥି ଏବଂ ଛାତ୍ରଛାତ୍ରୀଙ୍କୁ କାଦୁଅ ଏବଂ ପଙ୍କ ଯୋଗୁ ବହୁ ଅସୁବିଧା ହୁଏ। ତେଣୁ ଝାରବନ୍ଧ ବ୍ଲକ୍ ପଡିଆର ଉନ୍ନତିକରଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଦୀର୍ଘ ଦିନ ଯାଏଁ ଶିକ୍ଷକଙ୍କ ବଦଳି ହେଉନି

**ବରଗଡ଼, ୨।୭(ସମିସ):** ଏବେ ଚାଲିଛି ଶିକ୍ଷକଙ୍କ ବଦଳି ଋତୁ। ସମସ୍ତେ ପ୍ରାଣପଣେ ଉଦ୍ୟମ କରୁଛନ୍ତି ନିଜ ମନ ମୁତାବକ ସ୍କୁଲକୁ ଯିବା ପାଇଁ। ଏଥିରେ ରାଜନୀତିରେ ସଂଶ୍ଳିଷ୍ଟ ନ ଥିବା ଶିକ୍ଷକ ବଳି ପଡୁଥିବା ବେଳେ ନେତାଙ୍କ ପାଖ ଲୋକ କହି ପରିଚୟ ଦେଉଥିବା ବ୍ୟକ୍ତି ନିଜର ଅଧିକାର ସାବ୍ୟସ୍ତ ପାଇଁ କିଛି ବି କରିବାକୁ ପଛାଉ ନାହାନ୍ତି। ବଦଳି ପ୍ରକ୍ରିୟାରେ ସାମିଲ୍ ଥିବା ଉଚ୍ଚପଦସ୍ଥ ଅଧିକାରୀ ମାଲାମାଲ୍ ହେଉଥିବା ଚର୍ଚ୍ଚା ହେଉଛି। ଗୁରୁତର ସ୍ୱାସ୍ଥ୍ୟାବସ୍ଥା ଥିବା କହି କିଛି ଶିକ୍ଷକ ବଦଳି ପାଇଁ ଆବେଦନ କରୁଛନ୍ତି। କିନ୍ତୁ ବଦଳି ହେଲା ପରେ ସ୍ୱାସ୍ଥ୍ୟା ବସ୍ଥାକୁ ନେଇ କେବେ ଛୁଟି ଆବେଦନ କରି ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେବାର କୌଣସି ଉଦାହରଣ ନାହିଁ। ସତେ ଯେମିତି ବଦଳି ପରେ ଅଲୌକିକ ଭାବେ ସେମାନଙ୍କ ରୋଗ ଉଭେଇ ଯାଉଛି। ଜୋର୍ ଯାର୍ ମୂଳକ ତାର ନୀତିରେ ଦୁର୍ନୀତିକୁ ପାଥେୟ କରି ଅଗ୍ରସର ହେଉଥିବା ଶିକ୍ଷକ ନିଜ ଲକ୍ଷ୍ୟ ସ୍ଥଳକୁ ପହଞ୍ଚି ଯାଉଥିବା ବେଳେ ସରଳ ବିଶ୍ୱାସୀ ଶିକ୍ଷକଗଣ ପରିବାର ବର୍ଗଠୁ ବର୍ଷ ବର୍ଷ ହେଲା ଦୂରେଇ ରହୁଛନ୍ତି। କିଛି ଶିକ୍ଷକ ୧୫ ବର୍ଷରୁ ଅଧିକ ପର୍ଯ୍ୟନ୍ତ ଗୋଟିଏ ସ୍କୁଲରେ ରହିବା ପରେ ମଧ୍ୟ ସେମାନଙ୍କର ବଦଳି ହେଉନାହିଁ। ଫଳରେ ସେହି ସ୍କୁଲ ଗୁଡିକରେ ପଦବୀ ଖାଲି ହେଉନାହିଁ। ଆଉ ଯେତେବେଳେ ସେମାନଙ୍କର ପ୍ରମୋସନ୍ ହେଉଛି ନିଜ ମନ ମୁତାବକ ସ୍କୁଲ ନ ପାଇଲେ ଯାଉ ନାହାନ୍ତି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଏଥିରେ ସହାୟତା କରୁଥିବା ଚର୍ଚ୍ଚା ହେଉଛି। ଦୀର୍ଘଦିନ ଯାଏ ଘରଠାରୁ ଦୂରେଇ ରହୁଥିବା ଶିକ୍ଷକ ବଦଳି ପାଇଁ ଆବେଦନ କଲେ ସୁଦ୍ଧା ନିଜ ଘର ପାଖରେ ଥିବା ସ୍କୁଲକୁ ଯାଇ ପାରୁନାହାନ୍ତି। ପରିସ୍ଥିତିକୁ ଅନୁଧ୍ୟାନ କଲେ ଏକ ବଡ ଧରଣର ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ତେଣୁ ଏ ଦିଗରେ ତୁରନ୍ତ ଅନୁସନ୍ଧାନ କରି ଦୋଷୀଙ୍କ ବରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ମହାପ୍ରଭୁଙ୍କ ଭାବାବେଗରେ ଯୋଡ଼ା ମାଣ୍ଡୋସିଲ, ଡୁମ୍ବେରବାହାଲ





**ପାଇକମାଲ, ୨।୭(ସମିସ)**

ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ରଥଯାତ୍ରାକୁ ଧୂମଧାମରେ ପାଳନ କରାଯାଇଥାଏ। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ପରମ୍ପରା ମଧ୍ୟ ରହିଅଛି। ଏହା ଭିତରେ ବରଗଡ଼ ଜିଲ୍ଲା ସୀମାନ୍ତ ଗାଁ ତଥା ପାଇକମାଲ ବ୍ଲକ ମାଣ୍ଡୋସିଲରେ ହେଉଥିବା ରଥଯାତ୍ରା ମହାପ୍ରଭୁ ଓ ଭକ୍ତଙ୍କ ମିଳନ ପର୍ବ। ଗାଁର ବୟୋଜ୍ୟେଷ୍ଠ ଗୁରୁପ୍ରସାଦ ଡନସନା କହିବା ଅନୁସାରେ ୧୯୧୫ ମସିହାରୁ ଗାଁରେ ରଥ ହୋଇ ଆସୁଅଛି। ପରେ ୨୦୦୩ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ଗଢ଼ା ହୋଇ ୨୦୧୫ ମସିହାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ହୋଇଥିଲା। ସେହିଦିନଠାରୁ ମହାପ୍ରଭୁଙ୍କ ଅନ୍ନପ୍ରସାଦ ଦିଆ ହେଉଛି। ରଥଯାତ୍ରାରେ ଗାଁରେ ତିନିଟି ରଥ ଟଣାଯାଏ। ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ପୁରୁଷମାନେ ଟାଣୁଥିବା ବେଳେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ତିନିରଥ ଟାଣି ବଜାର ସ୍ଥିତ ମାଉସୀମା ମନ୍ଦିରକୁ ନେଇଥାନ୍ତି। ମାଉସୀମା ଘରେ ତିନି ଠାକୁର ପୂଜା ପାଇ ବାହୁଡା ଦିନ ମନ୍ଦିର ଫେରିଥାନ୍ତି। ରଥଯାତ୍ରା ଦେଖିବା ପାଇଁ ଆଖପାଖ ଗାଁରୁ ବହୁ ଭକ୍ତଙ୍କ ସମାଗମ ହୁଏ। ଭକ୍ତଙ୍କ ପାଇଁ ଦଶମୀ ଠାରୁ ବାହୁଡା ପର୍ଯ୍ୟନ୍ତ ୮ ଦିନ ମାଉସୀମା ମନ୍ଦିରରେ ଅନ୍ନପ୍ରସାଦ ଭୋଗ ଦିଆଯାଇଥାଏ। ପ୍ରତ୍ୟେକ ଦିନ ୧୫୦୦ ରୁ ୨୦୦୦ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ଭୋଗ ଦିଆଯାଏ।

> **ପ୍ରତ୍ୟେକ ଦିନ ୨୦୦୦ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ**
> **୧୯୧୫ ମସିହାରୁ ହେଉଛି ରଥଯାତ୍ରା**

ପରିଚାଳନାରେ ଶ୍ରୀଜଗନ୍ନାଥ ଯୁବ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଗାଁ କମିଟି କର୍ମକର୍ତ୍ତା, ମାଣ୍ଡୋସିଲ ଗ୍ରାମବାସୀ ତଥା ଡୁମ୍ବେରବାହାଲ ଗାଁ ବାସୀ ଆନନ୍ଦ ଉଲ୍ଲାସରେ ରଥଯାତ୍ରା ସମ୍ପନ୍ନ କରିଥାନ୍ତି।

ଇତିହାସରୁ ଜଣାଯାଏ ଯେ, ପୂର୍ବକାଳରେ ମାଣ୍ଡୋସିଲ ନିକଟସ୍ଥ ଗାଁ ଡୁମ୍ବେରବାହାଲରେ ମହାପ୍ରଭୁ ଜଗନ୍ନାଥ ସ୍ୱର୍ଗତ ରାମନାଥ କରୁଆଲଙ୍କ ଘରେ ରହି ପୂଜା ପାଉଥିଲେ। କେତେ ଥର ରଥଟଣା ସମୟରେ ଦୈବ ଦୁର୍ବିପାକ ହୋଇ ଗାଁର କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଉଥିଲା ବୋଲି ଜଣାଯାଏ। ତେଣୁ ଡୁମ୍ବେରବାହାଲ ଗ୍ରାମବାସୀ ମହାପ୍ରଭୁଙ୍କ ଜଗନ୍ନାଥଙ୍କୁ ପୂଜା ନକରି ମାଣ୍ଡୋସିଲ ଗୌନ୍ତିଆ ସ୍ୱର୍ଗତ କୁମରମଣୀ ବିଶ୍ୱାଳଙ୍କ ପୂର୍ବଜ ମାଧୋ ବିଶ୍ୱାଳଙ୍କୁ ଜଗନ୍ନାଥ ମହାପ୍ରଭୁଙ୍କୁ ହସ୍ତାନ୍ତର କରିଥିଲେ। ସେହିଦିନଠାରୁ ମାଣ୍ଡୋସିଲରେ ରଥଯାତ୍ରା ହୋଇଆସୁଛି। ବର୍ତ୍ତମାନ ସମୟରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଦିନ ଡୁମ୍ବେରବାହାଲ ଗ୍ରାମବାସୀଙ୍କ ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ପରେ ଚତୁର୍ଦ୍ଧା ମୂର୍ତ୍ତି ରଥରେ ବିଜେ କରନ୍ତି। ଏହାକୁ ନେଇ ଡୁମ୍ବେରବାହାଲ ଓ ମାଣ୍ଡୋସିଲ ବାସୀମାନଙ୍କ ମଧ୍ୟରେ ନିବିଡ ସମ୍ପର୍କ ରହିଛି। ରଥଯାତ୍ରା ଆସିଲେ ଉଭୟ ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଏ। ମହାପ୍ରଭୁଙ୍କ ଭାବାବେଗରେ ଯୋଡି ହୋଇ ରହିଛନ୍ତି ଉଭୟ ଗ୍ରାମବାସୀ।

# ଓଏଏସ୍, ଓଆର୍ଏସ୍ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଝାରସୁଗୁଡା, ୨।୭(ସମିସ):** ଭୁବନେଶ୍ୱର ବିଏମସି କାର୍ଯ୍ୟାଳୟରେ ସୋମବାର କର୍ପୋରେଟର ଗୁଣ୍ଡାରାଜ କରି ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁଙ୍କୁ ଘୋଷାରି ଘୋଷାରି ପିଟିଛନ୍ତି। ଏହାର ପ୍ରତିବାଦରେ ଆଜି ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେଙ୍କୁ ଭେଟି ଝାରସୁଗୁଡା ଜିଲ୍ଲା ଓଏଏସ ସଂଘ ତରଫରୁ ଏକ ଦାବିପତ୍ର ପତ୍ର ପ୍ରଦାନ କରିଥିଲା। ସେହିପରି ଓଡ଼ିଶା ରାଜସ୍ୱ ସେବା ତରଫରୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଞ୍ଜୀବ ଷଡଙ୍ଗୀ, ସମୀର ପାତ୍ର, କୌଷିକ ମେହେର, ନିରୁ ନିରୁପମା ଟେଟେ, ଜ୍ୟୋତି ସାହୁ, ଗୌରବ ପଧାନ, ସନ୍ତୋଷ ନାୟକ, ଦୁଷ୍ମନ୍ତ ମହାନ୍ତି, ଆଶିଷ ଖେସ, ସୁନୀଲ ମିଶ୍ର, କୁଳମଣି ଦଳେଇ, ବିକାଶ କୁଜୁର, ସୁମନ ପାତ୍ର, ଅଜିତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବନସୁରକ୍ଷା ସମିତି ପକ୍ଷରୁ ବନମହୋତ୍ସବ

**ସମ୍ବଲପୁର, ୨।୭ (ସମିସ) :** ସମ୍ବଲପୁର ସଦର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ସଦର ବନାଞ୍ଚଳ ଅଧୀନସ୍ଥ ଗଇଲଗୁଡି ବନସୁରକ୍ଷା ସମିତି, ଯୁଯୋମୁରା ବନସୁରକ୍ଷା ସମିତି ଏବଂ ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳ. ଯୁଯୋମୁରା ପକ୍ଷରୁ ମିଳିତ ଭାବେ ୭୬ତମ ବନମହୋତ୍ସବ ପାଳିତ ହୋଇଛି। ଏଥିରେ ବନସୁରକ୍ଷା ସମିତି ସଭ୍ୟ, ବନପାଳ, ବନରକ୍ଷୀଙ୍କ ସହ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମା' ପାଇଁ ଗଛଟିଏ ଅଭିଯାନରେ ସାମୂହିକ ଚାରାରୋପଣ କରାଯାଇଥିଲା। ବନପାଳ ରବୀନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା



**ପାଇକମାଲ, ୨।୭(ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ଭାରତୀୟ ଜନତା ପାର୍ଟି ମଣ୍ଡଳର ନୂତନ ସଭାପତି ଭାବେ ଯତୀନ ସାହୁ ମନୋନୀତ ହୋଇଛନ୍ତି। ସାଂସଦ ବରଗଡ଼ ପ୍ରଦୀପ ପୁରୋହିତ ନୂତନ ମଣ୍ଡଳ ସଭାପତିଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାରେ ମାଣ୍ଡୋସିଲ ଜିଲ୍ଲା ପରିଷଦ ସଦସ୍ୟା ତ୍ରିପୁରା ବରିହା, ସରସ୍ୱତୀ ସାହୁ, ପୂର୍ବତନ ପାଇକମାଳ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀଙ୍କ ସମେତ ଆଜମ ଖାଁ ଓ ମଙ୍ଗନ ବରିହା ଯୋଗ ଦେଇ ଅଭିନନ୍ଦନ ଜଣାଇଥିଲେ।

# ଭୀମଭୋଇ କଲେଜରେ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

## ଅଧ୍ୟକ୍ଷଙ୍କ ପକ୍ଷରୁ ଅନୁଷ୍ଠାନକୁ ୧ ଲକ୍ଷ ଟଙ୍କା ଅନୁଦାନ



**ରେଢ଼ାଖୋଲ, ୨।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ଭୀମଭୋଇ ମହାବିଦ୍ୟାଳୟ ପରିସରରେ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କରଙ୍କୁ ଅନୁଷ୍ଠାନ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇବା ସହିତ କଲେଜର ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଭାବେ ଅମୂଲ୍ୟ କୃଷ୍ଣପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହା ସହିତ ଅନୁଷ୍ଠାନର ଅନ୍ୟତ୍ର ବଦଳି ହୋଇଥିବା ଇଂରାଜୀ ବିଭାଗ ଅଧ୍ୟାପକ ଡରବି ଚନ୍ଦ୍ର ସିଂ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଦୀପିକା ଜେନାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ କର ୧୯୯୦ ମସିହାରେ ଅନୁଷ୍ଠାନରେ ଇତିହାସ ବିଭାଗରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ଆଜି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କର ଏବଂ ତାଙ୍କର ସହଧର୍ମିଣୀ ସବିତାରାଣୀ ଦ୍ୱିବେଦୀ ଅନୁଷ୍ଠାନର ମୌଳିକ ଏବଂ ସୁଜନଶୀଳ ପ୍ରତିଭାର ବିକାଶ ପାଇଁ ୧ ଲକ୍ଷ ଟଙ୍କା ଅନୁଦାନ କରିଥିଲେ। ସଭାରେ ପ୍ରାଧ୍ୟାପିକା ସୁପ୍ରିୟା ମଲ୍ଲିକ, ମମତା ମହାପାତ୍ର, ପ୍ରାଧ୍ୟାପକ ଅରୁଣ ସାସନୀ, ଡ.ମନୋରଞ୍ଜନ ମହନ୍ତ, ଅଧ୍ୟାପକ ଅଞ୍ଜନ ମିଶ୍ର, ଡ.ବିରଞ୍ଚି ଖଡିଆ, ଦିବ୍ୟ ଲୋଚନ ରାଉତ ଏବଂ କର୍ମଚାରୀ ବଳରାମ ଧଳ, ସୁକାନ୍ତ ପ୍ରଧାନ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପଦ୍ମପୁର, ୨।୭(ସମିସ):** ପଦ୍ମପୁର ବ୍ଲକ ଲମରଜୁନା ପ୍ରାଥମିକ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡୁ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଉମାକାନ୍ତ ସିଂ ବରିହା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମଧୁକର ବିଶ୍ୱାଳ, ଶିଶୁପାଳ ବଡ଼େଇ, ଦିବ୍ୟକିଶୋର ବିଶ୍ୱାଳ, ଭାନୁ ଶଙ୍କର ବିଶ୍ୱାଳ, କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଚନ୍ଦ୍ରକାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସନତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ଓ ମଧୁସୂଦନ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭ୍ୟ ଶୋଭାଯାତ୍ରାରେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଗାଁ ପରିକ୍ରମା କରାଇ ତାଙ୍କ ବାସଭବନକୁ ନେଇଥିଲେ।




**ବରଗଡ଼:** ସେହିପରି ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅଧୀନ ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟର ପ୍ରଧାନଶିକ୍ଷକ ମେଘନାଦ ସାହୁ କାର୍ଯ୍ୟରୁ ଅବସର ନେଇଛନ୍ତି। ତାଙ୍କ ତେଲେନ ଟିକିରା ବାସଭବନରେ ଆଚିଭର୍ସ ହେଲଫିଂ ଫାଉନଡେସନ ତରଫରୁ ମଙ୍ଗଳବାର ଶ୍ରୀ ସାହୁଙ୍କ ଷାଠିଏ ତମ ଜନ୍ମଦିନର ଶୁଭେଚ୍ଛା ତଥା ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଦିବାକର ମାଝୀ, ସମ୍ପାଦକ ଭଗବାନ ସାହୁ, ନବୀନ ସାହୁଙ୍କ ସମେତ ଅନେକ ସଭ୍ୟଙ୍କ ଉପସ୍ଥିତ ରହିଥିଲେ। ଶ୍ରୀ ସାହୁ ତାଙ୍କ ଚାକିରୀ ଜୀବନର ୩୮ ବର୍ଷର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ସେ ବିଭିନ୍ନ ଅନୁଷ୍ଠାନ ତଥା ପାୱାର ଅଫ ଦିବ୍ୟାଙ୍ଗର ଜିଲ୍ଲା ସାଧାରଣ ସମ୍ପାଦକ, ସକ୍ଷମର ଜିଲ୍ଲା ସଂଯୋଜକ ତଥା ଜିଲ୍ଲାର ଅନେକ ସଂସ୍ଥା ସହିତ ଯୋଡ଼ି ହୋଇଛନ୍ତି। ତାଙ୍କ ଉଦ୍ୟମରେ ରାଜେଶ ମେହେର ନାମକ ଜଣେ ପିଲା ୨୦୧୫ ମସିହାରେ ଆମେରିକାର ଲସଏଞ୍ଜିଲ୍ସ ଯାଇ ଗୋଲ୍ଡ ଏବଂ ସିଲ୍ଭର୍ ମେଡାଲ ପାଇ ଓଡ଼ିଶା ତଥା ବରଗଡ଼ର ନାମ ରଖିଥିଲା। ସେହିପରି ୨୦୨୫ ଜାନୁଆରୀ ମାସରେ ଶୁଭମ ମେହେର ଜାତୀୟସ୍ତରରେ ଭାଗ ନେଇ ପଦକ ହାସଲ କରିଥିଲା। ଏଭଳି ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ଆମେ ଗର୍ବିତ ବୋଲି ଦିବାକର କାର୍ଯ୍ୟକ୍ରମରେ କହିଥିଲେ।

# ବାରବାଙ୍କ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




**ରେଢ଼ାଖୋଲ, ୨।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବାରବାଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବଡ଼ବାହାଲ ସେକ୍ସନ, ବଡ଼ବାହାଲ ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି। ଉତ୍ସବରେ ବଡ଼ବାହାଲ ବନାଞ୍ଚଳର ଏସିଏଫ୍ ପ୍ରଜ୍ଞା ପରମିତା ଦୀପ ଏବଂ ଅନ୍ୟାନ୍ୟ କର୍ମଚାରୀ, ବାରବାଙ୍କ ଉଚ୍ଚ ବିଦ୍ୟାଳୟର ନେତାଜୀ ଇକୋ କ୍ଲବ୍‌ର ସଦସ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ବାରବାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଆମ୍ବ, ଅଁଳା, ପିଜୁଳି, ଶାଗୁଆନ, ଶିଶୁ ଆଦି ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଇକୋ କ୍ଲବ୍ ଇନ୍‌ଚାର୍ଜ ଶିକ୍ଷକ ସତ୍ୟ ନାରାୟଣ ପୋଢ଼, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୋ କ୍ରେତା ବିକ୍ରେତା ସମ୍ମିଳନୀ



**ଝାରସୁଗୁଡା, ୨।୭(ସମିସ)**

ଜିଲ୍ଲାରେ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ସହ ଦୁଗ୍ଧ ଉତ୍ପାଦନରେ ଝାରସୁଗୁଡା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ଦିଗରେ ପ୍ରୟାସ ସ୍ୱରୂପ ଗାଈ କ୍ରେତା ବିକ୍ରେତା ସମ୍ମିଳନୀ ଆୟୋଜନ କରାଯାଇଛି। ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ, ସମବାୟ ବିଭାଗ, ଓଡ଼ିଶା ଜୀବିକା ମିଶନ ଓ ଓମଫେଡ (ସମଲେଶ୍ୱରୀ ମିଲ୍କ ୟୁନିଅନ ଲିମିଟେଡ)ର ମିଳିତ ଆନୁକୂଲ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ କ୍ରେତା ବିକ୍ରେତା ସମ୍ମିଳନୀ ଝାରସୁଗୁଡା ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲାରେ କାମଧେନୁ ଯୋଜନାକୁ ଅଧିକ କ୍ରିୟାଶୀଳ କରାଯିବା, ବର୍ତ୍ତମାନ ଜିଲ୍ଲାରେ ଦୈନିକ ପ୍ରାୟ ୧୩ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ଆସନ୍ତା ବର୍ଷ ଜୁଲାଇ ମାସ ବେଳକୁ ଦ୍ୱିଗୁଣିତ କରିବା ପାଇଁ ପ୍ରୟାସ କରାଯାଉଥିବା ବିଧାୟକ କହିଥିଲେ। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମଲେଶ୍ୱରୀ ମିଲ୍କ ୟୁନିଅନ ଲିମିଟେଡ ସାଧାରଣ ପରିଚାଳକ ଡ.ସରୋଜ ସାହୁ ଓ ସଭାପତି ବିଦ୍ୟାଧର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ରଖିଥିଲେ। ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ସିଡିଭିଓ ଡ.ଦୟାସାଗର ଧୁରିଆ ଓ ସମବାୟ ସମିତି ସହକାରୀ ନିବନ୍ଧକ ରମେଶ ଚନ୍ଦ୍ର ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳିକା ଡ.ପୁଷ୍ପଶ୍ରୀ ନାୟକ କ୍ରେତା (ଗୋପାଳକ) ଓ ବିକ୍ରେତାଙ୍କ ମଧ୍ୟରେ ବାର୍ତ୍ତାଳାପ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଛଅ ଶହରୁ ଉର୍ଦ୍ଧ୍ୱ ଗୋପାଳକ ଉପସ୍ଥିତ ଥିଲେ।

# ଭିସୁଟ୍‌ରେ ଅବସରକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୨।୭ (ସମିସ) :** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ସହଯୋଗୀ ଅଧ୍ୟାପକ ଡ. କବିରାଜ ସେଠୀ, ବରିଷ୍ଠ ପ୍ରଶିକ୍ଷକ ବିଜୟ ଭୋଇ, କାର୍ଯ୍ୟାଳୟ ଅଧୀକ୍ଷକ ବଳିଷ୍ଠ ସୋହେଲା ଓ ବିଦ୍ୟୁତ ରକ୍ଷଣାବେକ୍ଷଣ ବିଭାଗର ସୁଶୀଲ ଦେହୁରୀଙ୍କୁ ଅନୁଷ୍ଠାନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ, ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତଙ୍କ ସହ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସଭାରେ ପ୍ରଫେସର ଶରତ ସ୍ୱାଇଁ, ପ୍ରଫେସର ବିଭୂତିଭୂଷଣ ପତି ପ୍ରମୁଖ ଅବସରଗ୍ରହଣ କରିଥିବା ଚାରିଜଣଙ୍କ ଚାକିରି କାର୍ଯ୍ୟକାଳର ସ୍ମୃତିଚାରଣ କରିବାସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

# ସଂସଦର ମୌସୁମୀ ଅଧିବେଶନ ୨୧ରୁ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ମଞ୍ଜୁରି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ତେବେ ସଂସଦ ଅଧିବେଶନ ମଝିରେ ସ୍ୱାଧୀନତା ଦିବସ ପଡୁଥିବାରୁ ଅଗଷ୍ଟ ୧୩ ଏବଂ ୧୪ ତାରିଖ ଗୃହ କାର୍ଯ୍ୟବନ୍ଦ ରହିବ।

## ପହଲଗାମ ଆକ୍ରମଣକୁ ନିନ୍ଦା କଲେ କ୍ୱାଡ୍ ରାଷ୍ଟ୍ର

ୱାସିଂଟନ, ୨।୭ (ଏଜେନ୍ସି): ଆମେରିକାର ୱାସିଂଟନରେ ଅନୁଷ୍ଠିତ କ୍ୱାଡ (ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ) ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ସମସ୍ତେ ଆତଙ୍କବାଦ ବିରୋଧରେ ଏକାଠି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍କଳ୍ପ ନେଇଛନ୍ତି। ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। କ୍ୱାଡ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେ ସବୁ ପ୍ରକାର ଆତଙ୍କବାଦ ଏବଂ ହିଂସାକୁ ବିରୋଧ କରୁଛୁ। ଏହା ମଧ୍ୟରେ ସୀମାପାର ଆତଙ୍କବାଦ ମଧ୍ୟ ସାମିଲ ରହିଛି। ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ, ଜାପାନର ତାକେଶି ଇୱାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ ସାମିଲ ହୋଇଛନ୍ତି।

## ପାକିସ୍ତାନୀ ୱେବସାଇଟ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପାକିସ୍ତାନ ନ୍ୟୁଜ ଚ୍ୟାନେଲ, ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ। ଏବେ ପାକିସ୍ତାନୀ କଳାକାର ମାୱରା ହୋକାନେ, ସବା କମାର, ଅହଦ ରାଜା ମିର, ୟୁମନା ଜେଇଦି ଏବଂ ଦାନିଶ ତୈମୁର ଆଦିଙ୍କ ଆକାଉଣ୍ଟ ଭାରତରେ ଦେଖି ହେଉଛି। ତେବେ ଫୱାଦ ଖାନ, ହାନିଆ ଅମିର, ଅତିଫ ଅସଲାମଙ୍କ ଆକାଉଣ୍ଟ ଦେଖି ହେଉନାହିଁ।

## ଦିନିକିଆ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ, ୨।୭ (ଏଜେନ୍ସି): ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଇଲାଣ୍ଡରେ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି। ସୂର୍ଯ୍ୟା ଜୁଙ୍ଗରଙ୍ଗରେଙ୍ଗକିଟ (୭୦) ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସାମ୍ବିଧାନିକ କୋର୍ଟଙ୍କ ନିର୍ଦ୍ଦେଶରେ ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନ ନେଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସେ ମାତ୍ର ଦିନକ ପାଇଁ ଏହି ଦାୟିତ୍ୱ ସମ୍ଭାଳିବେ। ସୂର୍ଯ୍ୟାଙ୍କୁ ଥାଇ ରାଜନୀତିର 'ପାଣିପାଗ ବିଜ୍ଞାନୀ' କୁହାଯାଏ। କାରଣ ସେ ସର୍ବଦା କ୍ଷମତାସୀନ ଦଳ ସହ ରହିଥାନ୍ତି।

## କାଜାକିସ୍ତାନରେ ହିଜାବ ନିଷିଦ୍ଧ

ଅସ୍ତାନା, ୨।୭ (ଏଜେନ୍ସି): କାଜାକିସ୍ତାନ ସରକାର ହିଜାବ ନିଷିଦ୍ଧ କରିଦେଇଛନ୍ତି। ସାର୍ବଜନୀନ ସ୍ଥାନରେ ମୁହଁକୁ ସମ୍ପୂର୍ଣ୍ଣ ଘୋଡାଇ ରଖୁଥିବା ପୋଷାକ ପିନ୍ଧିବା ଉପରେ କଟକଣା ଲଗାଇ ଦିଆଯାଇଛି। ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭ ସୋମବାର ଏହି ଆଇନକୁ ଅନୁମୋଦନ ଦେଇଛନ୍ତି। କାହାର ପରିଚୟ ଲୁଚାଇବା ଭଳି ପୋଷାକ ସାର୍ବଜନୀନ ସ୍ଥାନରେ ପିନ୍ଧି ପାରିବେ ନାହିଁ ବୋଲି ଏଥିରେ ନିୟମ ରହିଛି।

## ଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷୟିତ୍ରୀ ଗିରଫ

ମୁମ୍ବାଇ, ୨।୭ (ଏଜେନ୍ସି): ଛାତ୍ର (୧୬)ଙ୍କୁ କ୍ରମାଗତ ଭାବେ ଯୌନ ଉତ୍ପୀଡ଼ନ ଦେବା ମାମଲାରେ ମୁମ୍ବାଇ ସ୍କୁଲ୍‌ର ଇଂରାଜୀ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି। ୨୦୨୩ ଡିସେମ୍ବରରେ ସ୍କୁଲ୍‌ର ବାର୍ଷିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଛାତ୍ରଙ୍କୁ ଦେଖି ମହିଳା ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ବିବାହ ଏବଂ ପିଲା ଥିବା ସତ୍ତ୍ୱେ ଏହି ମହିଳା ତାଙ୍କୁ ପ୍ରଲୋଭନ ଦେଖାଇ ମୁମ୍ବାଇର ଏକ ପଞ୍ଚ ତାରକା ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏତଲା ଅନୁଯାୟୀ ଅନେକ ସମୟରେ ଛାତ୍ରଙ୍କୁ ମଦ ପିଆଇ ଶିକ୍ଷୟିତ୍ରୀ ଯୌନ ଉତ୍ପୀଡ଼ନ ଦେଉଥିଲେ। ନାବାଳକଙ୍କୁ ଏ ସବୁ ଠିକ୍ ଲାଗୁ ନ ଥିଲା। ତେଣୁ ମହିଳା ତାଙ୍କୁ ଚିନ୍ତା ଦୂର କରୁଥିବା ଔଷଧ ଖାଇବାକୁ ଦେଉଥିଲେ। ଶେଷରେ ଛାତ୍ର ଏ ବିଷୟରେ ନିଜ ପରିବାର ଲୋକଙ୍କୁ ଜଣାଇ ଥିଲେ। ସେମାନେ ଥାନାରେ ଏତଲା ଦେଇଥିଲେ।

## ଇସିଙ୍କୁ ଭେଟିଲେ ବିରୋଧୀ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ୧୧ ନେତା ବୁଧବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିଛନ୍ତି। ବିହାର ଭୋଟର ତାଲିକା ଉପରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ଚର୍ଚ୍ଚା କରିଛନ୍ତି। ରାଜ୍ୟ ନିର୍ବାଚନ ପୂର୍ବରୁ ନିଆଯାଉଥିବା ଏହି ପଦକ୍ଷେପ ଦ୍ୱାରା ୨ କୋଟି ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ଏଥର ଇସି ରାଜନୈତିକ ଦଳର ମୁଖିଆଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।



# କୋଭିଡ୍ ପରେ ବଢୁଛି ହୃଦ୍‌ଘାତ ମୃତ୍ୟୁ

## କର୍ଣ୍ଣାଟକରେ ୪୦ ଦିନରେ ହୃଦ୍‌ଘାତ ନେଲାଣି ୨୨ ଜୀବନ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ହୃଦ୍‌ଘାତ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ୨୦ ବର୍ଷର ଯୁବକଙ୍କଠାରୁ ନେଇ ୭୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି। ନିକଟରେ ଅଭିନେତ୍ରୀ ଶେଫାଳି ଜରିୱାଲା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇ ଥିଲେ। ସେହିପରି କର୍ଣ୍ଣାଟକ ହସନ ଜିଲ୍ଲାରେ ଗତ ୪୦ ଦିନରେ ୨୨ ଜଣ ହୃଦ୍‌ଘାତରେ ପ୍ରାଣ ହରାଇଲେଣି। ଏହାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ କରୋନା ଟିକା ପାଇଁ ଏପରି ହେଉଛି ବୋଲି ଦାବି କରାଯାଉଥିଲା। କିନ୍ତୁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ ଜାରି ଏକ ଗବେଷଣା ରିପୋର୍ଟରେ ଏହି ଦାବିକୁ ଖାରଜ କରି ଦିଆଯାଇଛି। କରୋନା ଟୀକା ଓ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି କୁହାଯାଇଛି। ଜୀବନଶୈଳୀରେ ପରିବର୍ତ୍ତନ, କରୋନା ପରବର୍ତ୍ତୀ ସମସ୍ୟା ଏବଂ ପୂର୍ବ ସ୍ଥିତି ଯୋଗୁଁ ଯୁବ ବର୍ଗଙ୍କ ମଧ୍ୟରେ ଏହି ମାମଲା ବଢ଼ି ଚାଲିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବୁଧବାର ମଧ୍ୟ ସମାନ କଥା କୁହାଯାଇଛି। କରୋନା ଟିକା ଏବଂ ହୃଦ୍‌ଘାତ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ଜାରି ବିବୃତିରେ କୁହାଯାଇଛି। ଏହାର ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁ ବୃଦ୍ଧି ପଛରେ କରୋନା ଟିକା ଥାଇପାରେ ବୋଲି କହିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର କରୋନା ଟିକା ସୁରକ୍ଷିତ ଏବଂ ପ୍ରଭାବୀ। ଏଥିଯୋଗୁଁ ବହୁତ ନଗଣ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ। ଭାରତରେ ଦୁଇଟି କରୋନା ଟିକା କୋଭାକ୍ସିନ ଏବଂ କୋଭିସିଲ୍ଡ ପ୍ରସ୍ତୁତ କରା ଯାଇଥିଲା। ବ୍ରିଟିଶ କମ୍ପାନୀ ଅଷ୍ଟ୍ରାଜେନେକାର ଫର୍ମୁଲାରେ କୋଭିସିଲ୍ଡ ଏବଂ ଆଇସିଏମଆର ସହଯୋଗରେ ଭାରତ ବାୟୋଟେକ କୋଭାକ୍ସିନ ତିଆରି କରିଥିଲା। କିନ୍ତୁ କୋଭିସିଲ୍ଡ ନେଲେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଷ୍ଟ୍ରାଜେନେକା କୋର୍ଟରେ ସ୍ୱୀକାର କରିଥିଲା। ଏହାର ମୃତ୍ୟୁ କାରଣ ପାଲଟି ପାରେ ଏବଂ ଲୋକଙ୍କୁ ଗୁରୁତର କରିଦେଇପାରେ ବୋଲି ଦାବି ହେବା ପରେ ଏହି ମାମଲା କୋର୍ଟକୁ ଯାଇଥିଲା। ପରିବାରଗୁଡିକ ଉପରେ ଏହା ଭୟଙ୍କର ପ୍ରଭାବ ପକାଇଥିଲା। ଏଥିଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା।

**କରୋନା ଟିକା ଓ ହୃଦ୍‌ଘାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ: ଆଇସିଏମଆର ଅଧ୍ୟୟନ**

**କୋଭିସିଲ୍ଡରେ ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବା ମାନିଥିଲା କମ୍ପାନୀ**

ହୃଦ୍‌ଘାତ ମୃତ୍ୟୁର କାରଣ ଜାଣିବା ଲାଗି ୨ଟି ଅଧ୍ୟୟନ ଚାଲିଛି। ଗୋଟିଏ ପୂର୍ବ ତଥ୍ୟ ଆଧାରିତ ଏବଂ ଅନ୍ୟଟି 'ରିୟଲ ଟାଇମ ଇନଭେଷ୍ଟିଗେସନ' ସମ୍ବନ୍ଧିତ। ଆଇସିଏମଆରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏପିଡିମୋଲୋଜି (ଏନଆଇଇ) ୨୦୨୩ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ୧୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଅଧ୍ୟୟନ କରିଥିଲା। ଏଥିରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଅଚାନକ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା। କରୋନା ଟିକା ଦ୍ୱାରା ଅଚାନକ ମୃତ୍ୟୁର ବିପଦ ବଢେ ନାହିଁ ବୋଲି ଏଥିରୁ ଜଣାପଡ଼ିଥିଲା। ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଅଚାନକ ମୃତ୍ୟୁର କାରଣ ସନ୍ଧାନ ଲାଗି ଏମ୍ସ ଏବଂ ଆଇସିଏମଆର ପକ୍ଷରୁ ଆଉ ଏକ ଅଧ୍ୟୟନ କରାଯାଉଛି। ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ହୃଦ୍‌ଘାତ କିମ୍ବା ମାୟୋକାର୍ଡିୟଲ ଇନ୍‌ଫାର୍କ୍ସନ (ଏମଆଇ) ଏହି ବୟସରେ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ଗତ କିଛି ବର୍ଷ ହେଲା ଅଚାନକ ମୃତ୍ୟୁର କାରଣ ପାଲଟୁଥିବା ଧାରାରେ କୌଣସି ବଡ଼ ପରିବର୍ତ୍ତନ ଆସିନାହିଁ। ଜେନେଟିକ ମ୍ୟୁଟେସନ ପାଇଁ ଅଧିକାଂଶ ମୃତ୍ୟୁ ହୋଇଛି। ଏବେ ଏହି ଅଧ୍ୟୟନ ଜାରି ରହିଛି।

# ବିହାର ନିର୍ବାଚନ ପର୍ଯ୍ୟନ୍ତ ଅଟକିଲା ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି



ବେଙ୍ଗାଲୁରୁ, ୨।୭ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଦୁଇ ନେତାଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଦଳର ସାଧାରଣ ସଂପାଦକ ରଣଦୀପ ସୁର୍ଯେୱାଲାଙ୍କୁ ପଠାଇଥିଲେ। ସେ ଦଳୀୟ ବିଧାୟକମାନଙ୍କୁ ଭେଟି ସେମାନଙ୍କର ମତାମତ ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ସିଦ୍ଧ ରମୈୟା ଜିଦ୍ ଧରିଥିବାରୁ ସମାଧାନର ବାଟ ବାହାରି ପାରୁନାହିଁ। ହାଇକମାଣ୍ଡ ଏହାଉପରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲେ ମଧ୍ୟ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ନେତୃତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି।

ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରୁଥିବା ବେଳେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ସେ ପୁଣିଥରେ ଖଣ୍ଡନ କରିଦେଇଛନ୍ତି। ସେ ପାଞ୍ଚ ବର୍ଷ ପାଇଁ ଏହି ପଦବୀରେ ରହିବେ ବୋଲି ଦମ୍ଭୋକ୍ତି ବାଢ଼ିଛନ୍ତି। ସେ କହିଛନ୍ତି 'ହଁ, ମୁଁ ମୁଖ୍ୟମନ୍ତ୍ରୀ ରହିବି। ଏଥିରେ କୌଣସି ସନ୍ଦେହ ଅଛି କି? ନେତୃତ୍ୱ ପରିବର୍ତ୍ତନ ନେଇ ବିଜେପି ଏବଂ ଜେଡିଏସ ନେତାଙ୍କ ଦାବି ଉପରେ ସେ କହିଛନ୍ତି ଯେ ଏହି ଚର୍ଚ୍ଚା ଯେଉଁମାନେ କରୁଛନ୍ତି ସେମାନେ କ'ଣ କଂଗ୍ରେସ ହାଇକମାଣ୍ଡ କି? ବିରୋଧୀ ଦଳ ନେତା ଆର ଅଶୋକ ବିଜେପି ଲୋକ। ବିୱାଇ ବିଜୟେନ୍ଦ୍ର ବିଜେପି ଅଧ୍ୟକ୍ଷ। ବିଧାନ ପରିଷଦର ବିରୋଧୀ ଦଳ ନେତା ଚଲୱଡି ନାରାୟଣ ସ୍ୱାମୀ ମଧ୍ୟ ବିଜେପି ନେତା। ସେମାନେ ଏହି କଥା କହିଲେ ଆପଣମାନେ ଲେଖିବେ କି ବୋଲି ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଶିବକୁମାରଙ୍କ ସହ ମତଭେଦ ଖବରକୁ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ। ଶିବକୁମାରଙ୍କ ସହ ସଂପର୍କ ଭଲ ଅଛି ଓ ଦଳରେ ଏକତା ରହିଛି। ସରକାର ୫ ବର୍ଷ ପର୍ଯ୍ୟନ୍ତ ମଜବୁତ ରହିବ ବୋଲି କହିଥିଲେ।

**■ ମୁଁ ମୁଖ୍ୟମନ୍ତ୍ରୀ ରହିବି; କିଛି ସନ୍ଦେହ ଅଛି କି: ସିଦ୍ଧରମୈୟା**

**■ ମୋ ପାଖରେ କ'ଣ ବିକଳ୍ପ ଅଛି: ଶିବକୁମାର**

ଅନ୍ୟପକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଶିବକୁମାର କହିଛନ୍ତି ଯେ ମୋ ପାଖରେ ଆଉ କ'ଣ ବିକଳ୍ପ ଅଛି? ମୁଁ ସିଦ୍ଧରମେୟାଙ୍କ ସହ ରହିଛି ଏବଂ ତାଙ୍କୁ ସମର୍ଥନ ଦେବି। ହାଇକମାଣ୍ଡ ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ହାଇକମାଣ୍ଡ ଯାହା ଚାହିଁବେ, ତାହା କରିବି। ସେ କହିଲେ ଯେ ରାଜ୍ୟରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ, ସେହି ଉଦ୍ଦେଶ୍ୟରେ ବିଧାୟକମାନଙ୍କ ସହ ଆଲୋଚନା ପାଇଁ ଆସିଥିଲେ ସୂର୍ଯେୱାଲା। ମୁଖ୍ୟମନ୍ତ୍ରୀ ବଦଳାଇବା କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କୌଣସି ବିଚାର ଆଲୋଚନା ହୋଇନାହିଁ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି।

## ଶେଖ୍ ହସିନାଙ୍କୁ ୬ ମାସ୍ ଜେଲ୍ ଦଣ୍ଡ



ଢାକା, ୨।୭ (ଏଜେନ୍ସି): ଅଦାଲତ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଛଅ ମାସ ଜେଲ ଦଣ୍ଡାଦେଶ ହୋଇଛି। ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇଟିସି) ବୁଧବାର ଏହି ଦଣ୍ଡାଦେଶ ଶୁଣାଇଛି। ହସିନା ଏବଂ ସ୍ଥାନୀୟ ନେତା ଶକିଲ ବୁଲବୁଲଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପର ତଦନ୍ତ କରିବା ପରେ ଆଇଟିସି ଏହି ରାୟ ଦେଇଛି। ଗତ ବର୍ଷ ଏହି ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଶେଖ୍ ହାସିନା କହିଥିଲେ ଯେ ତାଙ୍କ ବିରୁଦ୍ଧରେ ୨୨୭ ମାମଲା ପଞ୍ଜିକୃତ ହୋଇଛି। ତେଣୁ ତାଙ୍କୁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ମିଳିଛି।

# କ୍ଷମତା ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ହେବ ନବୀକରଣ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ସରକାର ବଦଳିବା ପରେ ଆଭିମୁଖ୍ୟ ବଦଳି ଯାଇଥାଏ। ନିର୍ବାଚନୀ ପ୍ରଚାର ସମୟରେ ଯେଉଁ ପ୍ରସଙ୍ଗକୁ ନେଇ ବିରୋଧୀ ଦଳକୁ ବିରୋଧ କରାଯାଇଥାଏ କ୍ଷମତାକୁ ଆସିବା ପରେ ତାହାକୁ ଦଳ ଆପଣାଇ ନେଇଥାଏ। ବିରୋଧ ସମର୍ଥନ ପାଲଟି ଯାଏ। ଦିଲ୍ଲୀ ସରକାରରେ ଏପରି ଦେଖିବାକୁ ମିଳିଛି। କ୍ଷମତାରୁ ଦୂରରେ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ନବୀକରଣକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିଥିଲା। ଏହାକୁ 'ଶିଶ୍ ମହଲ' କହିଥିଲା। ଆମ ଆଦ୍‌ମୀ ଯାହା କହିଥିଲେ ତା'ର ବୀପରିତ କରିଛନ୍ତି ବୋଲି କୁହାଯାଇଥିଲା। ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କୁ ରାଜନିବାସ ମାର୍ଗରେ ଥିବା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ମିଳିଛି। ଏବେ ଏହାକୁ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ର ଏହାର ମରାମତି ଏବଂ ସାଜସଜ୍ଜା କାମ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଏହି ବଙ୍ଗଳାକୁ ଉପ-ରାଜ୍ୟପାଳ ସଚିବାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା।

**■ ଲାଗିବ ୨୪ ଏସି, ୫ଟି ସ୍ମାର୍ଟ ଟିଭି**

**■ କେଜ୍ରିୱାଲଙ୍କ ବଙ୍ଗଳାକୁ କହିଥିଲେ 'ଶିଶ୍ ମହଲ'**

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ୨୪ଟି ଏୟାର କଣ୍ଡିସନର (ଏସି), ୫ଟି ସ୍ମାର୍ଟ ଟିଭି ( ଚାରୋଟି ୫୫ ଇଞ୍ଚ ଏବଂ ଗୋଟିଏ ୬୫ ଇଞ୍ଚ), ୩ଟି ବଡ଼ ଝୁମର, ୮୦ରୁ ଅଧିକ ପଙ୍ଖା ଲଗାଯିବ। ରୋଷେଇ ଘରେ ଗ୍ୟାସ୍ ହବ୍, ଇଲେକ୍ଟ୍ରିକ୍ ଚିମନୀ, ମାଇକ୍ରୋୱେଭ, ଟୋଷ୍ଟ ଗ୍ରୀଲ, ୱାସିଂ ମେସିନ, ଡିସ୍‌ୱାସର, ଘଣ୍ଟାକୁ ୫୦ ଲିଟର ପାଣି ବାହାରୁଥିବା ଆରଓ ୱାଟର ପ୍ଲାଣ୍ଟର ସୁବିଧା ରହିବ। ପ୍ରଥମ ପର୍ଯ୍ୟାୟରେ ଏହି ନବୀକରଣ ଲାଗି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କେବଳ ଏସି ପାଇଁ ୧୧ ଲକ୍ଷରୁ ଅଧିକ ଟଙ୍କା ଏବଂ ଲାଇଟ୍ ଝୁମର ଲାଗି ୬ ଲକ୍ଷ ଟଙ୍କା ବଜେଟ ରହିଛି। ଏହି କୋଠାରେ ୪ଟି ଶୟନ କକ୍ଷ, ଡ୍ରଇଂ ରୁମ୍, ଭିଜିଟର୍ସ ହଲ୍, ଚାକରଙ୍କ ପ୍ରକୋଷ୍ଠ, ରୋଷେଇ ଘର ଆଦି ରହିଛି। ପୂର୍ବରୁ କେଜ୍ରିୱାଲଙ୍କ ଫ୍ଲାଗଷ୍ଟାଫ ରୋଡ(୬) ସ୍ଥିତ ବାସଭବନକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁର୍ନୀତିର ପ୍ରତୀକ କହିଥିଲେ।

# ତିବ୍ବତୀୟ ବାଛିବେ ନୂଆ ଦଲାଇଲାମା



ଧର୍ମଶାଳା, ୨।୭ (ଏଜେନ୍ସି): ପରବର୍ତ୍ତୀ ଦଲାଇଲାମା କିଏ ହେବ ତାହାକୁ ନେଇ ସାରା ବିଶ୍ୱର ନଜର ରହିଛି। ଏପରି ସମୟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବଡ଼ ଘୋଷଣା କରିଛନ୍ତି। ତେବେ ତାଙ୍କର ଏହି ଘୋଷଣା ଚୀନ୍‌କୁ ପସନ୍ଦ ଆସିନି। ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅତ୍ୟାଚାର ଦେଉଥିବା ଏହି ବିସ୍ତାରବାଦୀ ଦେଶ ଧର୍ମଗୁରୁ ଚୟନରେ କେଁ ପୂରାଇଛି। ହିମାଚଳର ଧର୍ମାଶାଳାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୫ତମ ତିବ୍ବତୀୟ ଧାର୍ମିକ ସମ୍ମିଳନୀରେ ଦଲାଇଲାମା ନିଜର ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ଆଉ ଚୀନ୍‌କୁ ବଡ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ। ତାଙ୍କ ଅନ୍ତେ ତିବ୍ବତୀୟ ତଥା ବୌଦ୍ଧ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ଉତ୍ତରାଧିକାରୀ ଚୟନ ହେବ। ନୂଆ ଦଲାଇଲାମା ଚୟନର ଦାୟିତ୍ୱ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ତିବ୍ବତୀୟ ଲୋକମାନେ ହିଁ ନୂଆ ଦଲାଇଲାମା ଚୟନ କରିବେ। ଏଥିରେ ଚୀନ୍‌ର କୌଣସି ଭୂମିକା ରହିବ ନାହିଁ। ଯଦି ଚୀନ୍ ଦଖଲ ଦେବାକୁ ପ୍ରୟାସ କରିବ ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ। ତେବେ ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚୀନ୍ ଗ୍ରହଣ କରିପାରି ନାହିଁ। ଏହି ଘୋଷଣାକୁ ନେଇ ଚୀନ୍ କ୍ଷୁବ୍ଧ ହୋଇଯାଇଛି।

ବୌଦ୍ଧ ଧର୍ମ ଏବଂ ତିବ୍ବତରେ ଦଖଲ ଦେଉଥିବା ଏହି ରାଷ୍ଟ୍ର ପକ୍ଷରୁ କୁହାଯାଇଛି ଯେ ଉତ୍ତରାଧିକାରୀ ଚୟନ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେବାକୁ ପଡ଼ିବ। ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା 'ଗୋଲ୍ଡେନ ଆର୍ଣ୍ଣ ଲଟେରି' ଅନୁସାରେ କରାଯିବ। ସୂଚନାଯୋଗ୍ୟ ଯେ ଧର୍ମଶାଳା ସ୍ଥିତ ଦଲାଇଲାମା ଲାଇବ୍ରେରି ଆଣ୍ଡ ଆର୍କାଇଭରେ ଆରମ୍ଭ ହୋଇଥିବା ତିନି ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ବିଭିନ୍ନ ପରମ୍ପରାର ଲାମାମାନେ, ତିବ୍ବତୀୟ ସଂସଦ, ସଂଗଠନ ଏବଂ ସାରା ବିଶ୍ୱରେ ଥିବା ତିବ୍ବତୀୟ ସମ୍ପ୍ରଦାୟର ପ୍ରତିନିଧି ଭାଗ ନେଉଛନ୍ତି। ବର୍ତ୍ତମାନର ଦଲାଇଲାମା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଏବଂ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରାଯାଇଛି।

## ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ଲାଗି ଇସ୍ରାଏଲ ରାଜି

ୱାସିଂଟନ, ୨।୭ (ଏଜେନ୍ସି): ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଭେଟି ଯୁଦ୍ଧ ଶେଷ କରିବାକୁ ପ୍ରୟାସ କରାଯିବ। ଟ୍ରମ୍ପ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଏହି ଚୁକ୍ତିକୁ ହମାସ ସ୍ୱୀକାର ନ କଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି କହିଛନ୍ତି। କାତାର ଏବଂ ଇଜିପ୍ଟ ଏହି ଚୁକ୍ତିର ଚୂଡ଼ାନ୍ତ ପ୍ରସ୍ତାବ ହମାସ ପାଖକୁ ପଠାଇବେ। ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ କରିଚାଲିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ ଗାଜା ବିଷୟରେ ଆଜି ଇସ୍ରାଏଲୀ ଅଧିକାରୀଙ୍କ ସହିତ ମୋର ଭଲ ଆଲୋଚନା ହୋଇଛି। ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଏବେ ଆମେ ସମସ୍ତ ପକ୍ଷଙ୍କ ସହିତ କଥା ହୋଇ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରିବୁ। ଆଶା କରାଯାଉଛି ଯେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିବ। କାରଣ ଏହାଠାରୁ ଭଲ ସୁଯୋଗ ଆଉ କିଛି ହେବ ନାହିଁ।

# ଚର୍ଚ୍ଚାରେ ଆଇଏଏସ୍ ନେହା: ୩ ଥର ଫେଲ୍ ହେବା ପରେ ଛାଡ଼ିଥିଲେ ମୋବାଇଲ



ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପ୍ରଥମ ଦୁଇଟି ପ୍ରୟାସରେ ୟୁପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରେ ପାସ୍ କରିପାରି ନ ଥିଲେ। ତୃତୀୟ ପ୍ରୟାସରେ ପ୍ରିଲିମିନାରୀ ପାସ୍ କରିଥିଲେ, କିନ୍ତୁ ମେନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ତିନି ଥର ବିଫଳ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ। ଅଧିକ କଠିନ ପରିଶ୍ରମ କରିଥିଲେ। ଏଥିପାଇଁ ମୋବାଇଲ ସହ ସମ୍ପର୍କ ତୁଟାଇ ଦେଇଥିଲେ। ମୋବାଇଲ ଦ୍ୱାରା ଅଧିକ ସମୟ ଯାଉଥିବା ଭାବି ଏହାକୁ ଭାଙ୍ଗି ଦେଇଥିଲେ। ମାସେ କି ବର୍ଷେ ନୁହେଁ, ତିନି ବର୍ଷ ପର୍ଯ୍ୟନ୍ତ ମୋବାଇଲ ଛାଡ଼ି ଦେଇଥିଲେ। ଦିନକୁ ୧୭-୧୮ ଘଣ୍ଟା ପଢୁଥିଲେ। କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶେଷରେ ସଫଳ ହୋଇ ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲେ। ୪ର୍ଥ ପ୍ରୟାସରେ ୨୪ ବର୍ଷ ବୟସରେ ୟୁପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ୯୬୦ ମାର୍କ ରଖି ସର୍ବ ଭାରତୀୟସ୍ତରରେ ୫୬୯ ର୍ୟାଙ୍କ ହାସଲ କରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ହୋଇଥିଲେ। ଆଇଏଏସ ଅଧିକାରୀ ନେହା ବୟଦୱାଲ ଏହି ସଫଳତା ପାଇଛନ୍ତି। ୨୫ ବର୍ଷୀୟ ଏହି ଆଇଏଏସ ଏବେ ଗୁଜରାଟରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅନୁଯାୟୀ ନେହା ରାଜସ୍ଥାନରେ ଜନ୍ମ ହୋଇଥିଲେ। ତେବେ ସେ ଛତିଶଗଡ଼ର ରାୟପୁରରେ ବଡ଼ ହୋଇଥିଲେ। ସେ ୫ମ ଶ୍ରେଣୀରେ ପ୍ରଥମଥର ପାଇଁ ବିଫଳ ତଥା ଫେଲ୍ ହୋଇଥିଲେ। କିନ୍ତୁ ଏହା ତାଙ୍କୁ କଠିନ ପରିଶ୍ରମ କରିବାକୁ ଖୋରାକ ଯୋଗାଇ ଥିଲା। ସେ ଭାଙ୍ଗି ନ ଯାଇ କଠୋର ପରିଶ୍ରମ କରି ସଫଳତାର ସହ ଆଗକୁ ବଢ଼ି ଚାଲିଥିଲେ। ଏକ ସାକ୍ଷାତକାରରେ ନେହା କହିଥିଲେ ଯେ ରାୟପୁରରେ ରହୁଥିବାବେଳେ ବାପାଙ୍କ ଚାକିରି ପାଇଁ ସେ ଭୋପାଳ ଚାଲି ଆସିଥିଲେ। ସେଠାରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାଙ୍କ ନାମ ଲେଖା ଯାଇଥିଲା। ପୂର୍ବରୁ ହିନ୍ଦୀ ଶିଖିଥିବା ନେହାଙ୍କ ପାଇଁ ଇଂରାଜୀ ଶିଖିବା କଠିନ ହୋଇଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। କିଛି ଦିନ ମଧ୍ୟରେ ଇଂରାଜୀ ଶିଖି ଯାଇଥିଲେ।

ବରିଷ୍ଠ ଆୟକର ବିଭାଗ ଅଧିକାରୀଙ୍କ ଝିଅ ନେହା ବାପାଙ୍କ ପନ୍ଥାକୁ ଅନୁସରଣ କରି ୟୁପିଏସ୍‌ସି ପରୀକ୍ଷା ଦେବାକୁ ଚାହିଁଥିଲେ। କିନ୍ତୁ ବାରମ୍ବାର ବିଫଳ ହେବା ଯୋଗୁଁ ସେ ମୋବାଇଲକୁ ନିଜ ଠାରୁ ଦୂରେଇ ଦେଇଥିଲେ। ସେ ୩ ବର୍ଷ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରି ନଥିଲେ। ସେ କଠିନ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ନେହା କହିଛନ୍ତି ଯେ କୌଣସି ସ୍ଥାନକୁ ବୁଲିବାକୁ ନ ଯିବା କିମ୍ବା କିଛି ଜିନିଷ ନ କିଣିବା ବଳିଦାନ ନୁହେଁ। ଦିନ ତମାମ କାମ କରି ଘରକୁ ଫେରିବା ପରେ ନିଜ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବା ହିଁ ହେଉଛି ବଳିଦାନ। ବାପା କାମରୁ ଫେରିବାର ୩୦ ମିନିଟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ନେଉଥିଲେ। ଗଣିତ ଠାରୁ ଇତିହାସ ପର୍ଯ୍ୟନ୍ତ ମୋତେ ପଢ଼ାଉ ଥିଲେ। ଏହି ଯାତ୍ରା ଆମକୁ କଠିନ ପରିଶ୍ରମ, ନିଷ୍ଠା, ଉତ୍ସାହ, ହାର ନ ମାନିବାର ଦୃଢ଼ତାକୁ ଏବଂ ସମୟ ପରିଚାଳନାକୁ ଦର୍ଶାଉଛି।

## ‘ଡେଲିଭରି ବୟ-୨’ରେ ଅର୍ଚ୍ଚିତା




ଓଡ଼ିଆ ସିନେମା ‘ଡେଲିଭରି ବୟ’ର ଅପୂର୍ବ ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ‘ଡେଲିଭରି ବୟ-୨।’ ଓଲିଉଡ୍‌ର ସୁପର କ୍ୱିନ୍ ଅର୍ଚ୍ଚିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅର୍ଚ୍ଚିତାଙ୍କର ଏହି ଭୂମିକା ଜଣେ ଡେଲିଭରି ଗର୍ଲ ଭାବେ ରହିଛି। ଯିଏକି ନିଜ ପରିବାରକୁ ସମର୍ଥନ କରିବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବାରେ ସଂଘର୍ଷ କରୁଛନ୍ତି। ତାଙ୍କର ଅଭିନୟ ମହିଳାଙ୍କ ସାହସ ଓ ଦୃଢ଼ ମନୋବଳକୁ ପ୍ରତିଫଳିତ କରିବ। ତେବେ ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନ ଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଗତିଶୀଳ। ଯାହାକି ଦର୍ଶକଙ୍କୁ ଭାବ ବିହ୍ୱଳ କରିବ ବୋଲି ଆଶା କରାଯାଉଛି। ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ। ଅର୍ଚ୍ଚିତାଙ୍କ ବ୍ୟତୀତ ଏହି ସିନେମାରେ ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର, ସନ୍ତୁ ପ୍ରମୁଖ କଳାକାର ନଜର ଆସିବେ। ସେହିପରି ଏଥିରେ ଅତିଥି କଳାକାର ଭାବେ ଭୂମିକାଙ୍କୁ ଦେଖିବାକୁ ମିଳିବ। ■




## ଆଓ ନେକ୍ସଟ୍‌ରେ ‘ଅତିଥି- ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ’

ଓଡ଼ିଆ ସିନେମା ‘ଅତିଥି–ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ’କୁ ବଡ଼ ପରଦାରେ ଅପୂର୍ବ ସଫଳତା ମିଳିଥିଲା। ଜୁନ୍ ୨୭ ତାରିଖରୁ ଦର୍ଶକେ ଏହାକୁ ଆଓ ନେକ୍ସଟ ଓଟିଟି ପ୍ଲାଟଫର୍ମରେ ଦେଖିବାର ସୁଯୋଗ ପାଇଛନ୍ତି। ଏହା ସମ୍ପୂର୍ଣ୍ଣ ନୂଆ ଶୈଳୀର ମୌଳିକ ଓଡ଼ିଆ ସିନେମା। ସିନେମାକୁ ବଡ଼ ପରଦାରେ ଦର୍ଶକ ଯେତିକି ଭଲ ପାଇବା ଦେଇଥିଲେ ତା’ଠୁ ଅଧିକ ଆଓ ନେକ୍ସଟ୍‌ରେ ଦେବା ଆଶା କରାଯାଉଛି। ସିନେମାର ବିଭିନ୍ନ ଭୂମିକାରେ ଅନୁ ଚୌଧୁରୀ, ଦିବ୍ୟାଦିଶା ମହାନ୍ତି, ମନୋଜ ମିଶ୍ର, ସାୟଲ ମୁଖାର୍ଜୀ, ଶ୍ରୁତି ଶୁଭଶ୍ରୀ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାସ ମହାପାତ୍ର, ଜୀବନ ପଣ୍ଡା, ସୁକାନ୍ତ ରଥ, ପ୍ରସନଜିତ୍ ମହାପାତ୍ର, ବିଶ୍ଳେଷ ପଣ୍ଡା, ପ୍ରସିଦ୍ଧି ଓ ସର୍ବେଶ୍ୱର ସୂତାର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାକେଶ ଦାଶ, ସୁମିତ ପଣ୍ଡା ଓ ସ୍ମିତ ପଟ୍ଟନାୟକ ଗୀତ ରଚନା କରିଛନ୍ତି, କୁଳଦୀପ ପଟ୍ଟନାୟକ, ସଞ୍ଚିତା ଶୁଭଦର୍ଶିନୀ, ହ୍ୟୁମାନ୍ ସାଗର, ଅର୍ପିତା ଚୌଧୁରୀ, ବିରାଜ ରଥ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ ଏବଂ ବୁନ୍ତି ମହାନ୍ତି ଦେଇଥିବା ବେଳେ ଶ୍ରୁତି ପ୍ରକାଶ ଦାଶ ସଂଯୋଜନା କରିଛନ୍ତି। ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। କାହାଣୀ ମାନସ ପଢ଼ିଆରୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଢ଼ୀ। ■



## ଚାରିଧାମ ର ପ୍ରଥମ ପୋଷ୍ଟର ରିଲିଜ୍

ପବିତ୍ର ରଥଯାତ୍ରାରେ ରିଲିଜ୍ ହୋଇଛି ଓଡ଼ିଆ ଫିଲ୍ମ ‘ଚାରିଧାମ-ଏ ଜର୍ଣ୍ଣି ଓ୍ୱିଦିନ’ର ପ୍ରଥମ ଅଫିସିଆଲ୍ ପୋଷ୍ଟର। ଏଥିରେ ଭାରତର ଚାରିଧାମର ଫଟୋ ସ୍ଥାନ ପାଇଥିବା ବେଳେ ଏହାର ଟ୍ୟାଗ୍‌ଲାଇନ ଦର୍ଶକଙ୍କ ମନକୁ ଛୁଇଁଛି। ଏହି ସିନେମାରେ ନଜର ଆସିବେ ଓଡ଼ିଆ ଫିଲ୍ମର ସୁପରଷ୍ଟାର ଅନୁଭବ ମହାନ୍ତି। ଏହା ଏକ ବିଗ୍ ବଜେଟ୍ ଫିଲ୍ମ। ଆସନ୍ତା ଦୁର୍ଗାପୂଜାରେ ଫିଲ୍ମଟି ସାରା ଓଡ଼ିଶାରେ ରିଲିଜ୍ ହେବାର ଯୋଜନା ଅଛି। ଏହି ଫିଲ୍ମରେ ଅନୁଭବଙ୍କ ସହିତ ନଜର ଆସିବେ ଅନୁରାଧା ପାଣିଗ୍ରାହୀ, ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର। କ୍ୟାମେରା କୁଇନ୍ ପ୍ରଡକ୍ସନର ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଳ୍ ରାଉତରାୟ ଓ ସଂଳାପ ଲେଖିଛନ୍ତି କୁମାରଶ୍ରୀ ସାହୁ। ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥି ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଫିଲ୍ମର କୋରିଓଗ୍ରାଫର ଅଛନ୍ତି ଗିରିଶ ମହାନ୍ତି। ଏହାର ଚିତ୍ରନାଟ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ। ଚିରାଚରିତ କାହାଣୀଠାରୁ ଭିନ୍ନ ଏହି ଫିଲ୍ମର ସୁଟିଂ ଓଡ଼ିଶା ସହ ଭାରତର ଅନ୍ୟ ରାଜ୍ୟରେ ମଧ୍ୟ କରାଯାଉଛି। ■

## ମହିଳା ଚରିତ୍ରରେ ରିତେଶ



ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ଆଗାମୀ ହିନ୍ଦୀ ସିନେମାରେ ନଜର ଆସିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରିତେଶ ଦେଶମୁଖ। ଏହି ନୂଆ ସିନେମାରେ ରିତେଶ ମହିଳା ଚରିତ୍ରରେ ଅଭିନୟ କରିବା କୁହାଯାଉଛି। ତେବେ ସୁଭାଷ ରିତେଶଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଅଭିନେତ୍ରୀ ବାଛି ସାରିଥିବା କହିଛନ୍ତି। ସୁଭାଷ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ରିତେଶ ମହିଳା ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏହି ଫଟୋଟି ୨୦୦୬ ମସିହାର ଫିଲ୍ମ ‘ଅପନା ସପନା ମନି ମନି।’ ଅବଶ୍ୟ ଉକ୍ତ ଫିଲ୍ମର କାହାଣୀ ଏବଂ ଶୀର୍ଷକ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। ରିତେଶ ଏହି ପ୍ରୋଜେକ୍ଟରେ ସୁଭାଷଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ ଏହି କଥା ସାମ୍ନାକୁ ଆସିବା ପରେ ରିତେଶଙ୍କ ପ୍ରଶଂସକଙ୍କଠାରେ ଫିଲ୍ମକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ■

## “ଅଭିନୟ ମୋ ଜୀବନ”

**ସମୀର କୁମାର ଶତପଥୀ, ଅଭିନେତା**



ମଞ୍ଚ ନାଟକରେ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୁଏ। ଏହା ସିନେମା କି ଧାରାବାହିକରେ ସମ୍ଭବ ହୁଏନି। ହେଲେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ମଞ୍ଚରେ ୮୦ରୁ ଊର୍ଦ୍ଧ୍ୱ ନାଟକ କରି ପ୍ରଶଂସିତ ହୋଇଛନ୍ତି। ଆଉ ଏବେ ଧାରାବାହିକ ଏବଂ ଚଳଚ୍ଚିତ୍ରରେ ଜୀବନ୍ତ ଅଭିନୟ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାବାନ କଳାକାର ଜଣକ ହେଉଛନ୍ତି ପୁରୀର ସମୀର କୁମାର ଶତପଥୀ। ବାପା ଶରତ ଚନ୍ଦ୍ର ଶତପଥୀ ଓ ମା’ ହରପ୍ରିୟା ଶତପଥୀଙ୍କ ପ୍ରେରଣାରେ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛନ୍ତି। ‘ଶ୍ରୀ ଜଗନ୍ନାଥ’ ତାଙ୍କର ପ୍ରଥମ ଧାରାବାହିକ ଥିଲା। ୧୩ରୁ ଊର୍ଦ୍ଧ୍ୱ ଧାରାବାହିକରେ କାମ କରିଥିବା ସମୀର ଏବେ ‘ସାଥି ସାତ ଜନ୍ମର’ରେ ସ୍ୱସ୍ତିକ ଚରିତ୍ରରେ ଘରେ ଘରେ ପରିଚିତ। ତେବେ କ୍ୟାମେରା ସାମ୍ନାରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ସମୀରଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସଂପର୍କରେ।

**ମଞ୍ଚ ଅଭିନେତାରୁ ଧାରାବାହିକକୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ବିସିଏ ପଢ଼ିବା ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ‘ଏ’ ଗ୍ରୁପ୍‌ରେ ୮୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ ପାଇଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଧାରାବାହିକରେ କାମ କରିବାକୁ ମନ ବଳାଇଥିଲି। ମୋତେ ପ୍ରଥମେ ଏହି ସୁଯୋଗ ଦେଇଥିଲେ ହିମାଂଶୁ ପରିଜା ସାର୍। ‘ତରଙ୍ଗ’ର ‘ଶ୍ରୀଜଗନ୍ନାଥ’ ମୋର ପ୍ରଥମ ଧାରାବାହିକ ଥିଲା। ‘ସର୍ବଜିତା ଅନୁ’, ‘ମାୟା ଓ ମମତା’, ‘ତୁ ଖରା ମୁଁ ଛାଇ’ ଆଦି ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଛି। ତେବେ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତା ଭିତରେ ମୁଁ ଏମ୍‌ସିଏ ପଢ଼ା ସାରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ସମୟରେ ଭୟ ଲାଗିଥିଲା କି?**

● ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିବା ପରେ ସଂଳାପ କହିବାକୁ ଆମକୁ ଡର ଲାଗେନି। ହେଲେ ପ୍ରଥମ କରି କ୍ୟାମେରା ସାମ୍ନା କରିବାରେ ଟିକେ ଭୟ କରିଥିଲି। ଧୀରେ ଧୀରେ କ୍ୟାମେରା ସାମ୍ନାରେ କାମ କରିବା ପରେ ଅଭ୍ୟସ୍ତ ହୋଇ ଯାଇଥିଲି। ଗୋଟିଏ କଥା କହିବି, କ୍ୟାମେରା ହେଉ କି ମଞ୍ଚ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**କେଉଁ ଚରିତ୍ର ଆପଣଙ୍କୁ ଭଲ ପରିଚୟ ଦେଇଛି?**

● ‘ତୁ ଖରା ମୁଁ ଛାଇ’ ଧାରାବାହିକର ନେଗେଟିଭ୍ ଚରିତ୍ର ‘ଆକାଶ’ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଉ ଏବେ ‘ସାଥି ସାତ ଜନ୍ମର’ ‘ସ୍ୱସ୍ତିକ’ ଚରିତ୍ରକୁ ଦର୍ଶକ ଢେର ସାରା ଭଲ ପାଇବା ଦେଇଛନ୍ତି। ମାତ୍ର ୬ମାସ ଭିତରେ ଏହି ଧାରାବାହିକକୁ ଏତେ ଭଲ ପାଇବା ମିଳିବା ମୋ ପାଇଁ ସୌଭାଗ୍ୟର କଥା।

**ଧାରାବାହିକରେ ଅଭିନୟ କରିବାକୁ କ’ଣ କ’ଣ ଗୁଣ ରହିବା ଜରୁରି?**

● କ୍ୟାମେରା ସାମ୍ନାରେ କାମ କରିବାକୁ ହେଲେ, କିଛି ଟେକ୍‌ନିକ୍ ଶିଖିବା ଜରୁରି। ମଞ୍ଚରେ ଗୋଟିଏ ଦୃଶ୍ୟ କରିବାକୁ ଗୋଟିଏ ଥର ସମୟ ନିଆଯାଏ। ହେଲେ ଏଠି ସେ ସିଷ୍ଟମ୍ ନାହିଁ। ମୋତେ ସୁଟିଂରେ ସବୁଠୁ କଷ୍ଟ ଲାଗେ, ନିଜ ଅନୁଭବକୁ ଚାପି ରଖିବା। ଅର୍ଥାତ୍ ଗୋଟିଏ ଚରିତ୍ରରେ ଇମୋସନ୍ ଦେଖାଇବାକୁ ଦୁଇରୁ ତିନିଟି ସୋପାନ ଦେଇ ଗତି କରିବାକୁ ପଡ଼େ। ସବୁବେଳେ ସମାନ ଫିଲିଙ୍ଗିସ୍ ରଖିବାକୁ ପଡ଼େ। ତେଣୁ ସକାରାତ୍ମକ କି ନକାରାତ୍ମକ ଚରିତ୍ର ମିଳିଲେ, ଦର୍ଶକ ଏହି ଚରିତ୍ରରୁ କ’ଣ ଚାହୁଁଛନ୍ତି, ଏହି ଚରିତ୍ରର କେତେ ଗଭୀରତା ତାହାକୁ ଗୁରୁତ୍ୱ ଦେଇ ଅଭିନୟ କରିବାକୁ ପଡ଼େ।

**ଆଗାମୀ ଯୋଜନା?**

● ବଡ଼ ପରଦାରେ ‘ବାଲା ଦ ରିଦମ ଅଫ୍ ଲାଇଫ୍’ରେ ଲିଡ୍ ଚରିତ୍ରରେ କାମ କରିସାରିଛି। ଆଗକୁ ବଡ଼ ପ୍ରୋଜେକ୍ଟର କାମ କରିବାକୁ ଯୋଜନା ଚାଲିଛି।

**ସୁଟିଂ ନ ଥିଲେ କ’ଣ କରନ୍ତି?**

● ଅଭିନୟ ମୋ ଜୀବନ। ଯଦି ମୋ ଦିନ ଆରମ୍ଭରୁ କେହି ମୋର ଅଭିନୟକୁ ନେଇ କିଛି ଟିପ୍ପଣୀ ଦିଅନ୍ତି, ସେଦିନଟି ମୋ ପାଇଁ ବହୁତ ଭଲ ଥାଏ। ପିଲାଟି ଦିନରୁ ଆଜିଯାଏଁ ମୁଁ କେବଳ ଅଭିନୟ କଥା ଭାବେ। ତେଣୁ ସମୟ ମିଳିଲେ, ଭଲ ଭଲ ଫିଲ୍ମ ଦେଖେ। ମୋ ଅଭିନୟକୁ କେମିତି ଆଉ ଟିକେ ସୁଧାରିବି, ଆଗକୁ ବଢ଼ିବି ସେ ନେଇ ପ୍ରୟାସ କରିଥାଏ। ■

**ପରଦା ପଛର କାହାଣୀ**



## ସୁଟିଂ ପାଇଁ ଅମିତାଭ ଖାଇଥିଲେ ୧୫ଟି ପାନ

ବଲିଉଡ୍ ସୁପରଷ୍ଟାର୍ ଅମିତାଭ ବଚ୍ଚନଙ୍କ ଅନେକ ସୁପରହିଟ୍ ଗୀତ ରହିଛି। ଯାହାକୁ ସିନେ ଦର୍ଶକ ଏବେ ମଧ୍ୟ ଭୁଲି ପାରିନାହାନ୍ତି। ସେଥିମଧ୍ୟରୁ ‘ଡନ୍’ ଫିଲ୍ମର ‘ଖାଇକେ ପାନ ବନାରସ ବାଲା...’ ଗୀତ ଅନ୍ୟତମ। ତେବେ ଏହି ମନୋରଞ୍ଜନଭିତ୍ତିକ ଗୀତ ପଛରେ ଅନେକ ରୋଚକୀୟ କାହାଣୀ ରହିଛି। ଏହି ଗୀତର ସୁଟିଂ ପାଇଁ ଅମିତାଭ ବଚ୍ଚନ ପ୍ରାୟ ୧୫-୧୬ ଟି ପାନ ଖାଇଥିଲେ। ଓଠକୁ ନାଲି ରଙ୍ଗ କରିବା ପାଇଁ ସେ ଏହି ପାନ ଚୋବାଇଥିଲେ। କିନ୍ତୁ ଅଧିକ ପାନ ଖାଇବାରୁ ପାନରେ ଥିବା ଚୂନ ଯୋଗୁଁ ତାଙ୍କ ପାଟି ଖାଇ ଯାଇଥିଲା। ଏଥିପାଇଁ ତାଙ୍କୁ ବହୁ ଦିନ ଧରି ଦରଜ ସହିବାକୁ ପଡ଼ିଥିଲା। ସବୁଠୁ ରୋଚକୀୟ କଥା ହେଉଛି ‘ଖାଇକେ ପାନ ବନାରସ ବାଲା...’ ଗୀତଟି ‘ଡନ୍’ ଫିଲ୍ମ ପାଇଁ ଲେଖାଯାଇ ନଥିଲା। ଏହି ଫିଲ୍ମ ବାସ୍ତବରେ ଦେବାନନ୍ଦଙ୍କ ‘ବନାରସୀ ବାବୁ’ ଫିଲ୍ମ ପାଇଁ ଲେଖା ଯାଇଥିଲା। ତେବେ ଏହି ଗୀତଟି ସେହି ଫିଲ୍ମରେ ବ୍ୟବହାର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଭିନେତା ମନୋଜ କୁମାରଙ୍କ ପରାମର୍ଶ କ୍ରମେ ଏହି ଗୀତକୁ ଅମିତାଭ ବଚ୍ଚନଙ୍କ ‘ଡନ’ରେ ସାମିଲ କରାଯାଇଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର କାହାଣୀ ସଲିମ ଯାଦବଙ୍କ ଯୋଡ଼ି ଲେଖିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଚନ୍ଦ୍ରା ବାରୋଟ। ଏଥିରେ ଅମିତାଭ ବଚ୍ଚନ, ଜୀନତ ଅମାନ, ପ୍ରାଣ, ଇମ୍‌ତେଫାକ୍ ଏବଂ ହେଲେନ୍ ଆଦି କଳାକାର ଅଭିନୟ କରିଛନ୍ତି। ସେହିପରି ଏହି ଫିଲ୍ମର ଗୀତ ‘ମେ ହୁଁ ଡନ୍’, ‘ୟେ ହେଁ ବମ୍ବେ ନଗରୀୟା’, ‘ଜିସ୍‌କା ମୁଝେ ଥା ଇନ୍ତଜାର୍’ ଏବଂ ‘ୟେ ମେରା ଦିଲ୍’ ଆଦି ଅନେକ ଗୀତ ରହିଛି। ଏହି ସବୁ ଗୀତଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଥିଲା। ତେବେ ‘ଖାଇକେ ପାନ ବନାରସ ବାଲା...’ ଗୀତ ଫିଲ୍ମ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। ■

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# ଅଧିନାୟକ ଗିଲ୍‌ଙ୍କ କ୍ରମାଗତ ଶତକ

ଏଜ୍‌ବାଷ୍ଟନ, ୨।୭ (ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ଓ ଯଶସ୍ୱୀ ଜୟସ୍ୱାଲ ଅଳ୍ପକେ ଶତକରୁ ବଞ୍ଚିତ ହେବା ଫଳରେ ଏଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଭଲ ସ୍ଥିତିରେ ରହିଛି ଭାରତ। ଟେଷ୍ଟ ଜୀବନର ୭ମ ଟେଷ୍ଟ ଶତକ ସହ ଗିଲ ଅପରାଜିତ ୧୧୪ ରନ୍ ଓ ଜୟସ୍ୱାଲ ୮୭ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୫ୱିକେଟ ହରାଇ ୩୧୦ ରନ୍ କରିନେଇଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଗିଲ୍‌ଙ୍କ ସହ ରବୀନ୍ଦ୍ର ଜାଡେଜା ୪୧ ରନ୍‌ରେ ଅପରାଜିତ ରହିଛନ୍ତି। ୨୧୧ ରନ୍‌ରେ ଭାରତ ୫ମ ୱିକେଟ ହରାଇବା ପରେ ଗିଲ୍ ଓ ଜାଡେଜା ଅବିଭକ୍ତ ଷଷ୍ଠ ୱିକେଟ ପାର୍ଟନରସିପ୍‌ରେ ୧୪୨ ବଲ୍‌ରୁ ୯୯ ରନ୍ ଉଠାଇ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ସହ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଓପନର ଲୋକେଶ ରାହୁଲ ୨, ନଂ-୩ରେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା କରୁନ ନାୟାର ୩୧, ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ଋଷଭ ପନ୍ତ ୨୫ ଓ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଖେଳୁଥିବା ନୀତୀଶ କୁମାର ରେଡ୍ଡି ୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୨ଟି, ବ୍ରାଇଡର୍ନ କାର୍ସ, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ସୂଚନାଯୋଗ୍ୟ ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍ ବରାବର କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କିନ୍ତୁ ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିବା ୮ଟି ଟେଷ୍ଟ ମଧ୍ୟରୁ ଭାରତ ଗୋଟିଏ ହେଲେ ଟେଷ୍ଟରେ ଜିତିନାହିଁ।



ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ପ୍ରଥମ ଘଣ୍ଟାରେ ବୋଲରଙ୍କୁ କିଛିଟା ସହାୟତା କରିଥିଲାବେଳେ କର୍ଣ୍ଣାଟକର ଦୁଇ ବ୍ୟାଟର ରାହୁଲ ଓ ନାୟାର ଏହାର ମୁକାବିଲା କରି ପାରି ନ ଥିଲେ। ପନ୍ତ ବଡ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲାବେଳେ ନୀତୀଶ କୁମାର ରେଡ୍ଡି ବଲ୍ ଛାଡିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ। ଗିଲ-ଜାଡେଜାଙ୍କ ପାର୍ଟନରସିପ୍ ଭାରତକୁ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା କରିଥିଲା। ଗିଲ ଭାରତର ଚତୁର୍ଥ ଅଧିନାୟକ ଭାବେ କ୍ରମାଗତ ଟେଷ୍ଟରେ ଶତକ ହାସଲ କରିଛନ୍ତି।

### ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ

ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଜ୍‌ବାଷ୍ଟନରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଛି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଥିବା ଦଳରୁ ବୁମ୍‌ରାଙ୍କ ସମେତ ୩ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଅନ୍ୟ ଦୁଇଜଣ ଖେଳାଳି ହେଲେ ନଂ-୩ରେ ବ୍ୟାଟିଂ କରିଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର। ଏହି ୩ଜଣଙ୍କ ସ୍ଥାନରେ ଭାରତ ଦୁଇ ଜଣ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି (ପେସ୍) ଓ ୱାଶିଂଟନ ସୁନ୍ଦର (ସ୍ପିନ୍)ଙ୍କୁ ଖେଳାଇଛି। ବୁମ୍‌ରାଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପଙ୍କୁ ନିଆଯାଇଛି। ଘରୋଇ ମାଟିରେ ଟେଷ୍ଟ ଖେଳୁଥିବାବେଳେ ଇଂଲଣ୍ଡ ଦଳ ୨୦୧୭ ପରେ ପ୍ରଥମଥର କ୍ରମାଗତ ଟେଷ୍ଟରେ ଖେଳାଳି ପରିବର୍ତ୍ତନ କରିନାହିଁ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୧୦/୫, ୮୫ ଓଭର (ଯଶସ୍ୱୀ ଜୟସ୍ୱାଲ-୮୭, ଶୁବମନ ଗିଲ ବ୍ୟାଟିଂ-୧୧୪, ଜାଡେଜା ବ୍ୟାଟିଂ-୪୧, ଋଷଭ ପନ୍ତ-୨୫, କରୁନ ନାୟାର-୩୧, କ୍ରିସ ଓକ୍ସ-୨/୫୯, ବ୍ରାଇଡନ କାର୍ସ-୧/୪୯, ବେନ୍ ଷ୍ଟୋକ୍ସ-୧/୫୮)।

## ତୃତୀୟ ରାଉଣ୍ଡରେ ସାବାଲେଙ୍କା, କିଜ୍

ୱିମ୍ବଲଡନ ତୃତୀୟ ଦିବସ

ଲଣ୍ଡନ, ୨।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ୬ଷ୍ଠ ସିଡ୍ ମାଡିସନ କିଜ୍ ପ୍ରମୁଖ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ୩ୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷ ତାରକା ସାବାଲେଙ୍କା ୭-୬ (୭/୪), ୬-୪ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୭ ବର୍ଷୀୟ ସାବାଲେଙ୍କା ଏଠାରେ ପ୍ରଥମ ୱିମ୍ବଲଡନ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ଅନ୍ୟ ଏକ ୨ୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୪, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ କୋକୋ ଗଫ୍ ୬-୭ (୧/୭), ୧-୬ ସେଟ୍‌ରେ ୟୁକ୍ରେନର ଦୟାନା ୟାଷ୍ଟ୍ରେମସ୍କାଙ୍କ ନିକଟରୁ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗତ ମାସରେ ଗଫ୍ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ପୁରୁଷ ବିଭାଗ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୧, ୬-୪, ୬-୪ରେ ବ୍ରିଟିଶର ଓଲିଭର ଟ୍ରାଭେଟଙ୍କୁ ପରାସ୍ତ କରିଛନ୍ତି।

## ଇଂଲଣ୍ଡରେ ଭାରତୀୟ ଦଳର ଡବଲ୍ ବିଜୟ

ବ୍ରିଷ୍ଟଲ, ୨।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଓ ଯୁବ (୧୯ ବର୍ଷରୁ କମ୍) ଦଳ ବିଜୟୀ ହୋଇଛନ୍ତି। ଫଳରେ ୨୪ ଘଣ୍ଟା ମଧ୍ୟରେ ଇଂଲଣ୍ଡ ମାଟିରେ ଭାରତ ଡବଲ୍ ବିଜୟସ୍ୱାଦ ଚାଖିଛି। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୨ୟ ମ୍ୟାଚରେ ଭାରତ ୨୪ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଜେମିମା ରୋଡ୍ରିଗ୍ସେଜ (୬୩ ରନ) ଓ ଅମନଜୋତ୍ କୌର (ଅପରାଜିତ ୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ତାମି ବିଉମଣ୍ଟ (୫୪ ରନ) ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟ୍‌ରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୯୭ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ରହିଛି। ଅପରପକ୍ଷରେ ବୁଧବାର ଅନୁଷ୍ଠିତ ୩ୟ ୟୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୟୁଥ୍ ଦଳ ୪୦ ଓଭରରେ ୬ ୱିକେଟ୍‌ରେ ୨୬୮ ରନ କରିଥିଲା। ଜବାବରେ ଭାରତ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୮୬ ରନ ବଳରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ସୂର୍ଯ୍ୟବଂଶୀ ୩୧ ବଲରେ ୯ ଛକା ଓ ୬ ଚୌକା ସହ ସର୍ବାଧିକ ୮୬ ରନ କରିଥିଲେ। ପୂର୍ବରୁ ପ୍ରଥମ ଦିନିକିଆକୁ ଭାରତ ୬ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ଇଂଲଣ୍ଡ ୧ ୱିକେଟ୍‌ରେ ଜିତିଥିଲା।

ଓସ୍‌ଜା ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

## ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୨।୭ (ସମିସ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା




ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ଓସ୍‌ଜାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ୱାଇପିଏଲ୍ ସିଜନ-୨ରେ ମହିଳା ଟିମ୍

ଭୁବନେଶ୍ୱର, ୨।୭ (ସମିସ): ସ୍ଥାନୀୟ ଲୟୋଲା ସ୍କୁଲ ପରିସରରେ ଥିବା ପଠାନ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୟଙ୍ଗଷ୍ଟାର୍ ପ୍ରିମିଅର ଲିଗ୍ (ୱାଇପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୨୦ରୁ ଆରମ୍ଭ ହେବ। ଦ୍ୱିତୀୟ ସଂସ୍କରଣରେ ପୁରୁଷ ବିଭାଗରେ ୮ଟି ଦଳ ସମେତ ପ୍ରଥମଥର ଲାଗି ୪ଟି ମହିଳା ଦଳଙ୍କୁ ନେଇ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନଭେମ୍ବର ୨ରେ ଖେଳାଳି ନିଲାମୀ ଥିବାବେଳେ ନାମ ପଞ୍ଜିକରଣ ପ୍ରକ୍ରିୟା ଜୁଲାଇ ୬ରୁ ଆରମ୍ଭ ହେବ। ୩ଟି ବୟସ ବର୍ଗ (୧୪, ୧୬ ଓ ୧୯ ବର୍ଷରୁ କମ୍)ରେ ଖେଳାଳିମାନେ ନାମ ପଞ୍ଜିକରଣ କରିପାରିବେ।

## ୧୨ରେ 'ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨।୭ (ସମିସ): କୁସ୍ତିଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଜୁଲାଇ ୧୨ରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଉଷୁ ଖେଳାଳି ପାୟଲ ପଟ୍ଟନାୟକ ଓ ନୁପୁର ପଟ୍ଟନାୟକ, ରୋହିତ ସାମଲ (କୁସ୍ତି), ଇପସିତା ରାଉତ (ଫୁଟ୍‌ବଲ), କଶିକା ପ୍ରଧାନ (ସୁଟିଂ) ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବେ। ସେହିଭଳି ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ ପାଇଁ ସମୀକ୍ଷା ସ୍ମରଣିକାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ଓ ପିୟୁଷ ମହାନ୍ତି ସୂଚନା ଦେଇଛନ୍ତି।




## ସମ୍ବର୍ଦ୍ଧିତ କଲା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ

ଭୁବନେଶ୍ୱର, ୨।୭ (ସମିସ): ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ରସୁଲଗଡସ୍ଥିତ




ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡି, ଯୁବ କ୍ରୀଡ଼ାସାମ୍ବାଦିକ ଅନାଦି କରଙ୍କ ସହ କୁସୁମ ଟିଭିର ଏମ୍‌ଡି କୁସୁମମଞ୍ଜରୀ ଦାସଙ୍କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି, ଲଲାଟେନ୍ଦୁ ମିଶ୍ର, ଅକ୍ଷୟ ମିଶ୍ର, ଦୀପକ ତ୍ରିପାଠୀ ଓ ଅତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ଖେଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଉତ୍ସବ ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରରେ ଏକାଡେମୀର ସଦସ୍ୟମାନେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ କରିଥିଲାବେଳେ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାରତୀୟ ଖୋ ଖୋ ମହାସଂଘର ନିର୍ବାଚନ

## ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ଉପସଭାପତି

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ)ର ନିର୍ବାଚନ ପ୍ରକ୍ରିୟା ବୁଧବାର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ



ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧାଂଶୁ ମିତ୍ତଲ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପକାର ସିଂ ବିରକ ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିଛନ୍ତି। ନିର୍ବାଚିତ ହୋଇଥିବା ୮ ଜଣ ଉପସଭାପତିଙ୍କ ମଧ୍ୟରେ ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ପ୍ରଦ୍ୟୁମ୍ନ ବର୍ତ୍ତମାନ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପଦ ସମ୍ଭାଳୁଛନ୍ତି। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ୪ଜଣ ଓ ୧୩ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## ଜାତୀୟ ଶିଶୁ ଓ ମିନି ଅସିଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ଠାରେ ଆସନ୍ତା ୫ରୁ ୭ ତାରିଖଯାଏ ହେବାକୁ ଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ ଦଳରେ ପ୍ରିୟଲୋଚନା ନାଏକ, ମନୀଷ ନାଏକ, ନିଖିଳ ସାହୁ, ଓମ୍‌ଶଙ୍କର ପଟେଲ, ଅରିଜିତ୍ ପଟେଲ, ଶୋଭିତ ମୁଣ୍ଡ୍ରୀ, ପ୍ରଭାସ ଦୋରା ଓ ସ୍ଥିତିକା ସାହୁଙ୍କୁ ସାମିଲ କରାଯାଇଛି। ୧୨ ବର୍ଷରୁ କମ୍ ମିନି ଦଳରେ ବିଭୁତି ପଟେଲ, ରୁଦ୍ରାଂଶ



ସ୍ୱାଇଁ, ସ୍ୱୟମ ପଟେଲ, ସମ୍ବିତ ପଧାନ, ସୌମ୍ୟରଞ୍ଜନ ବଗର୍ତ୍ତୀ, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଷା ମହାନ୍ତି, ସିପୁନ ପଟେଲଙ୍କୁ ସ୍ଥାନ ମିଳିଛି ବୋଲି ଓଡ଼ିଶା ଫେନ୍ସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତରଞ୍ଜନ ପୁରୋହିତଙ୍କଠାରୁ ପ୍ରକାଶ। ସୁକାନ୍ତ ସେଠ, କରିଶ୍ମା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁରଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ୍, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଙ୍କେତ ଯୋଶି, ପୟୋସ୍ୱିନୀ ପୁରୋହିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS